NITIDIN
ନିତିଦିନ
RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 8 PAGES ● ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
FRIDAY
19 JUNE 2026
ଶୁକ୍ରବାର
୧୯ ଜୁନ୍ ୨୦୨୬
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 ● ISSUE 19 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୨ ● ସଂଖ୍ୟା ୧୯ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର




# ଆଜି ଆସିବେ ମହାମହିମ

**ଭୁବନେଶ୍ୱର,୧୮।୬/ଏନ୍ଏନ୍ଏସ୍:**



ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି । ଆସନ୍ତାକାଲି ଅର୍ଥାତ ଶୁକ୍ରବାର ରାଇରଙ୍ଗପୁର ଗସ୍ତରେ ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଆସି ରାଷ୍ଟ୍ରପତି ରାଇରଙ୍ଗପୁର ନିକଟସ୍ଥ ଦାଣ୍ଡବୋଷ ଏୟାରଷ୍ଟ୍ରିପରେ ଅପରାହ୍ନ ୩ଟା ୪୫ରେ ଅବତରଣ କରିବେ । ସେଠାରୁ ରାଷ୍ଟ୍ରପତି ସଡ଼କ ପଥ ଦେଇ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ୪ଟା ୧୦ରେ ପହଞ୍ଚିବା ପରେ ସେଠାରେ ଏମ୍ସ ପକ୍ଷରୁ ହେବାକୁ ଥିବା ସତନ୍ତ୍ର ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିବେ । ତା ସହିତ ଭର୍ଚୁଆଲ ମୋଡରେ ମେଡିକାଲ୍ ପରିସରରୁ ଖଣି ପ୍ରଭାବିତ ଗ୍ରାମଗୁଡ଼ିକୁ ମେଗା ସମନ୍ୱିତ ଗ୍ରାମୀଣ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଓ ହାଟବାଦଡ଼ାସ୍ଥିତ ମାତୃଶକ୍ତି ଭବନକୁ ଲୋକାର୍ପିତ କରିବେ । ସେଠାରୁ ୪.୩୦ ରେ ବାହାରି ରାଇରଙ୍ଗପୁରସ୍ଥ ହଲିଡେ ହୋମ୍‌କୁ ୪.୪୦ ରେ ପହଞ୍ଚିବା ପରେ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ କିଛି ବ୍ୟକ୍ତି ବିଶେଷଙ୍କ ସହିତ ଭାବ ବିନିମୟ କରିବେ । ସନ୍ଧ୍ୟା ୫ ଟାରେ ସେଠାରୁ ବାହାରି ୫.୩୫ରେ ରାଇରଙ୍ଗପୁର ପୌର ପରିଷଦର ମହୁଲଡିହାସ୍ଥ ନିଜ ବାସ ଭବନକୁ ଆସିବେ । ରାତ୍ର ଭଜନ ପରେ ନିଜ ବାସ ଭବନରେ ରାତ୍ରୀ ଯାପନ କରିବେ ବୋଲି ସୂଚନା ମିଳିଛି । ୨୦ ତାରିଖ ସକାଳ ୯.୫୦ରେ ରାଷ୍ଟ୍ରପତି ନିଜ ବାସଭବନରୁ ଦାଣ୍ଡବୋଷ ଏୟାର ଷ୍ଟ୍ରିପକୁ ଯାଇ ସେଠାରୁ ସକାଳ ୧୦.୧୦ରେ ବାହାରି ଦିଘିଆବେଡା ହେଲିପେଡରେ ଅବତରଣ କରିବା ପରେ ସଡ଼କ ପଥ ଦେଇ ନିଜ ଗାଁ ପାହାଡପୁର ହେଲିପେଡକୁ ପହଞ୍ଚିବେ । ସେଠାରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସୂଚୀ ଅନୁଯାୟୀ ପୂର୍ବାହ୍ନ ୧୧ଟା ୫ରେ ପ୍ରଧାନମନ୍ତ୍ରୀ ପାହାଡ଼ପୁର ହେଲିପ୍ୟାଡରେ ଅବତରଣ କରିବା ପରେ ରାଷ୍ଟ୍ରପତିଙ୍କ ସହିତ ପୂର୍ବାହ୍ନ ୧୧ଟା ୧୫ରେ ଗ୍ରାମର ଗୋଷାଣୀ ପୀଠ ପରିଦର୍ଶନ କରିବେ । ସେଠାରୁ ଫେରିବା ପରେ ଗ୍ରାମରେ ଥିବା କହ୍ଲ ଓ ସାନ୍ତାଲ ସମ୍ପ୍ରଦାୟର ଜାହିରା ପରିଦର୍ଶନ କରିବେ । ୧୨ଟା ୨୦ରେ ପାହାଡ଼ପୁରସ୍ଥିତ ଏସଏଲଏସ ସ୍ମାରକୀ ଆବାସିକ ବିଦ୍ୟାଳୟ ପରିସରରେ ଥିବା

▶▶ ୫

### ନିଯୁକ୍ତି ପାଇ କାମ କରୁନଥିଲେ

# ୧୨୮ ଡାକ୍ତରଙ୍କ ବିରୋଧରେ ଆକ୍ସନ୍

**ଭୁବନେଶ୍ୱର,୧୮।୬/ଏନ୍ଏନ୍ଏସ୍:**

ଦୀର୍ଘ ୫ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରେ ଅନୁପସ୍ଥିତ ଥିବା ୧୨୮ଜଣ ମେଡିକାଲ୍ ଅଫିସର ଓ ଡେଣ୍ଟାଲ ସର୍ଜନଙ୍କ ବିରୁଦ୍ଧରେ ହେବ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଆଜି ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେବା ସହ କନ୍ଧମାଳ ପୁଲିସ ହସ୍ପିଟାଲର ପୂର୍ବତନ ମେଡିକାଲ୍ ଅଫିସର ଡାକ୍ତର ବିଚକ୍ଷଣା ପାଣିଗ୍ରାହୀଙ୍କୁ ସରକାରୀ ଚାକିରିରୁ ବହିଷ୍କୃତ କରିଛନ୍ତି । ଏହି ଡାକ୍ତରମାନେ ଦୀର୍ଘବର୍ଷ ଧରି ଅନଧିକୃତ ଭାବେ ସରକାରୀ ଚାକିରିରେ ଅନୁପସ୍ଥିତ ରହିଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ନୂଆ ନୂଆ ମେଡିକାଲ ଓ ମେଡିକାଲ କଲେଜ ଖୋଲୁଛନ୍ତି, ଏହାର ଆଧୁନିକୀକରଣ କରାଯାଉଛି । ତଥାପି ନିଯୁକ୍ତି ପାଇବା ପରେ ଅନେକ ଡାକ୍ତର କାର୍ଯ୍ୟରେ ଯୋଗନଦେଇ ଅନୁପସ୍ଥିତ ରହୁଛନ୍ତି । ଏହାକୁ କୌଣସି ପରିସ୍ଥିତିରେ ଗ୍ରହଣ କରାଯିବ ନାହିଁ ବୋଲି



ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

ସେହିପରି କନ୍ଧମାଳ ପୁଲିସ ହସ୍ପିଟାଲର ପୂର୍ବତନ ମେଡିକାଲ ଅଫିସର ଡାକ୍ତର ବିଚକ୍ଷଣା ପାଣିଗ୍ରାହୀଙ୍କୁ ଆଜି ସରକାରୀ ଚାକିରିରୁ ବହିଷ୍କୃତ କରିଛନ୍ତି ମୁଖ୍ୟମନ୍ତ୍ରୀ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କୁ ବିଭିନ୍ନ ସମୟରେ ଅନୁପସ୍ଥିତିର କାରଣ ଦର୍ଶାଇବା ଓ କାର୍ଯ୍ୟରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ ତାହା ସେ ପାଳନ କରିନଥିବାରୁ ସରକାର ଏଭଳି ପଦକ୍ଷେପ ନେଇଥିବା ଜଣାପଡ଼ିଛି ।



**ଦୀର୍ଘକାଳୀନ ଅନୁପସ୍ଥିତି ଉପରେ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ**

**କନ୍ଧମାଳ ପୁଲିସ ହସ୍ପିଟାଲ୍‌ର ପୂର୍ବତନ ମେଡିକାଲ୍ ଅଫିସର ବହିଷ୍କୃତ**

ସେ ୨୦୧୨ ମସିହାରୁ ସରକାରୀ ଚାକିରିରେ ଅନୁପସ୍ଥିତ ଥିଲେ ।

ଅନ୍ୟପକ୍ଷରେ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟରେ ମୋଟ ମଞ୍ଜୁରୀପ୍ରାପ୍ତ ୧୫୭୯୩ଟି ଡାକ୍ତର ପଦବୀ ରହିଛି, ସେଥିରେ ୮୭୯୩ଟି ନିୟମିତ ଡ୍ୟୁଟି ପଦବୀ ଓ ୭ହଜାର ଲିଭ୍ ଟ୍ରେନିଂ ରିଜର୍ଭ ମେଡିକାଲ ଅଫିସର (ଏଲଟିଆରଏମଓ) ପଦବୀ ସାମିଲ ଅଛି । ଏବେ ଏହି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ମଧ୍ୟରୁ ୯୮୨୬ ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି ଓ ୫୯୬୭ଟି ପଦବୀ ସମ୍ପୂର୍ଣ୍ଣ ଖାଲି ପଡ଼ିଛି । ଅର୍ଥାତ୍ ରାଜ୍ୟରେ ପ୍ରାୟ ୩୦ ପ୍ରତିଶତ ଡାକ୍ତର ପଦବୀ ଏବେସୁଦ୍ଧା ପୂରଣ ନହୋଇ ପଡ଼ିରହିଛି ।ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନଦଣ୍ଡ ଅନୁଯାୟୀ ଓଡ଼ିଶାରେ ପ୍ରତି ୧୦୦୦ ଜନସଂଖ୍ୟାରେ ଜଣେ ଡାକ୍ତର ରହିବା ଆବଶ୍ୟକ ଥିବାବେଳେ ଏବେ ରାଜ୍ୟରେ ପ୍ରତି ୧୨୬୫ ଜଣଙ୍କ ପାଇଁ ମାତ୍ର ଜଣେ ଡାକ୍ତର ଉପଲବ୍ଧ ଅଛନ୍ତି । ଏଭଳି ସ୍ଥିତିରେ ଚାକିରି ପାଇ ମଧ୍ୟ ସରକାରୀ ବ୍ୟବସ୍ଥାକୁ ପ୍ରତାରିତ କରି ବାହାରେ ରହୁଥିବା କିମ୍ବା ଘରୋଇ

▶▶ ୫

# ଅନୁଗୋଳ ପୁଲିସର ଡବଲ୍ ଏନ୍‌କାଉଣ୍ଟର

### ମହାରାଷ୍ଟ୍ରର ୨ ଅପରାଧୀ ଆହତ

**ଅନୁଗୋଳ,ବଇଣ୍ଡା,୧୮।୬/ଏନ୍ଏନ୍ଏସ୍:**

ଅନୁଗୋଳ ଜିଲ୍ଲା ପୁଲିସର ଡବଲ୍ ଏନ୍‌କାଉଣ୍ଟର । ତାଳଚେରର ଏକ ସୁନା ଦୋକାନରୁ ଲୁଟ୍ କରି ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ପୁଲିସ ଏନ୍‌କାଉଣ୍ଟରରେ ମହାରାଷ୍ଟ୍ରର ୨ ଅପରାଧୀ ଆହତ ହୋଇଛନ୍ତି । ସେମାନେ ହେଲେ ସଚିନ ମହାଦେବ ଗେଜକେ ଏବଂ ପ୍ରକାଶ ମାଦନେ । ସଚିନର ଡାହାଣ ଗୋଡ଼ରେ ଗୁଳି ବାଜିଥିବା ବେଳେ ପ୍ରକାଶର ବାମ ଗୋଡ଼ ଗୁଳି ବାଜିଛି । ଉଭୟଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ସୂଚନା ଅନୁସାରେ ୫ଜଣ ଅପରାଧୀ ଗତକାଲି





ରାତିରେ ତାଳଚେର ହାଟତୋଟାଛକସ୍ଥିତ ଶ୍ରୀ ବାଲାଜୀ ଗୋଲ୍ଡ ରିଫାଇନାରୀରୁ ବିପୁଳ ପରିମାଣର ସୁନା ଓ ରୁପା ଲୁଟି ଫେରାର ହୋଇଯାଇଥିଲେ । ଦୋକାନ ମାଲିକଙ୍କ ଏତଲା କ୍ରମେ ପୁଲିସ ତୁରନ୍ତ ଛାନ୍‌ଭିନ କରିଥିଲା । ଲୁଟ ସୁନା ଜବତ କରିବା ସହିତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଜୋରଦାର ଚଢ଼ଉ କରିଥିଲା । ତେବେ ହଣ୍ଡପା ନିକଟରେ ପୁଲିସ ସେମାନଙ୍କୁ ଠାବ କରିବା ସମୟରେ ସେମାନେ ପୁଲିସ ଉପରକୁ ଗୁଳି ଚାଳନା କରିଥିଲେ । ପୁଲିସର ପାଲଟା ଗୁଳିମାଡ଼ରେ ଦୁଇ ଅଭିଯୁକ୍ତ ଆହତ ହୋଇଛନ୍ତି । ଉଭୟଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା ଦିଆଯାଇଥିଲା । ପରେ ସେମାନଙ୍କର ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ତେବେ ଏନ୍‌କାଉଣ୍ଟର ସମୟରେ ଘଟଣାସ୍ଥଳରୁ ଆହତ ଦୁଇ ଜଣଙ୍କ ସମେତ ଅନ୍ୟ ଦୁଇ ଅଭିଯୁକ୍ତ, ରାଜେଶ ମଦନେ ଏବଂ ଦେବା ପ୍ରଭାକର ଲୋଖଣ୍ଡେ ମୋଟ୍ ୪ ଅଭିଯୁକ୍ତଙ୍କୁ

▶▶ ୫

# ଦୟାଲ୍ ଗଙ୍ଗୱାର୍ ସସ୍‌ପେଣ୍ଡ୍

**ଭୁବନେଶ୍ୱର,୧୮।୬/ଏନ୍ଏନ୍ଏସ୍:**

ରେଲୱେ ପୁଲିସ କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟିପିଟି ହତ୍ୟା ଘଟଣାରେ ରାଜ୍ୟ ସରକାର ଗୁରୁବାର ପୁଣି ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ସୌମ୍ୟ ହତ୍ୟା ଘଟଣାରେ ବିବାଦଘେରରେ ଥିବା ଅତିରିକ୍ତ ପୁଲିସ ଡିଜି ଦୟାଲ ଗଙ୍ଗୱାରଙ୍କୁ ରାଜ୍ୟ ସରକାର ଚାକିରିରୁ ନିଲମ୍ବନ କରିଛନ୍ତି । ମଇ ୨୫ତାରିଖରେ ତାଙ୍କୁ କମ୍ୟୁନିକେସନ୍ ଏଡିଜି ପଦବୀରୁ ହଟାଇ ଗୃହ ବିଭାଗର ଓଏସଡି ଭାବେ ବଦଳି କରାଯାଇଥିଲା । ସୌମ୍ୟ ମୃତ୍ୟୁ ମାମଲାରେ କ୍ରାଇମବ୍ରାଞ୍ଚର ତଦନ୍ତ ରିପୋର୍ଟ



▶▶ ୫

# ଆମେରିକା-ଇରାନ୍ ଯୁଦ୍ଧରେ ପୂର୍ଣ୍ଣଛେଦ

### ଚୁକ୍ତିନାମାରେ ସ୍ୱାକ୍ଷର କଲେ ଉଭୟ ରାଷ୍ଟ୍ରପତି

**ଏଭିଆନ୍ (ଫ୍ରାନ୍ସ), ୧୮।୬/ଏଜେନ୍ସି:**

ଧାର୍ଯ୍ୟ ତାରିଖର ଦିନକ ପୂର୍ବରୁ ଆମେରିକା ଏବଂ ଇରାନ ମଧ୍ୟରେ ଏକ ଅନ୍ତରୀଣ ତଥା ପ୍ରସ୍ତାବିତ ବାଣିଜ୍ୟିକ ଓ ରଣନୀତିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଭାରତୀୟ ସମୟ ଅନୁଯାୟୀ ଗୁରୁବାର ସକାଳ ୫:୩୦ ମିନିଟ୍‌ରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବା ଘୋଷଣା କରାଯାଇଛି । ଦିନକ ପୂର୍ବରୁ ସମ୍ବାଦ ହସ୍ତଗତ ହୋଇଥିଲା ଯେ, ଜେନିଭାର ଲୁସର୍ଣ୍ଣ ସହର ପ୍ରତିବଦଳରେ ସ୍ୱିଜରଲ୍ୟାଣ୍ଡର ବର୍ଗେନଷ୍ଟକ୍‌ର୍ ରିସର୍ଟ ନାମକ ଏକ ପ୍ରସିଦ୍ଧ ପାର୍ବତ୍ୟ ରିସର୍ଟରେ ଇରାନ୍-ଆମେରିକା ମଧ୍ୟରେ ୧୯ ଜୁନ୍‌ରେ ଚୁକ୍ତି ସ୍ୱାକ୍ଷରିତ ହେବ । ତେବେ ଇରାନ୍ ସହ ଯୁଦ୍ଧ ଶେଷ

**୬୦ ଦିନର ନିଃଶୁଳ୍କ ସେବା ସହ ଖୋଲିବ ହର୍ମୁଜ୍**

**ଆଣବିକ କାର୍ଯ୍ୟକ୍ରମରୁ ବିରତ ରହିବ ତେହରାନ୍**

**ଆମେରିକା ଦେବ ୨୮ ଲକ୍ଷ କୋଟି ଟଙ୍କାର କ୍ଷତିପୂରଣ**

କରିବା ଉଦ୍ଦେଶ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇରାନ୍ ରାଷ୍ଟ୍ରପତି ମାସୁଦ୍

▶▶ ୫

# ଲାଞ୍ଚୁଆ ଏଏସ୍‌ଆଇ ଚାକିରିରୁ ବିଦା

**ଭୁବନେଶ୍ୱର,୧୮।୬/ଏନ୍ଏନ୍ଏସ୍:**

ବୁଧବାର ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଭୁବନେଶ୍ୱରର ମଞ୍ଚେଶ୍ୱର ଥାନା ଏଏସ୍‌ଆଇ ରାଜେଶ କୁଲୁଙ୍କୁ ଗୁରୁବାର ଚାକିରିରୁ ବହିଷ୍କାର କରାଯାଇଛି । ଗୁରୁବାର ପୁଲିସ କମିଶନର ସୁରେଶ ଦେବ ଦତ୍ତ ସିଂହ ଏହି ସୂଚନା ଦେଇଛନ୍ତି । ଭାରତୀୟ ସମ୍ବିଧାନର ଧାରା ୩୧୧ (୨) (ବି) ଅନୁସାରେ ଏଏସ୍‌ଆଇ ରାଜେଶ କୁଲୁଙ୍କୁ ତତ୍‌କାଳ ପ୍ରଭାବରେ ଚାକିରିରୁ ବହିଷ୍କାର କରାଯାଇଛି । ଏହା ସହିତ ଏହି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଦୁଇ ହୋମଗାର୍ଡ ଜ୍ୟୋତିରଞ୍ଜନ ବେହେରା ଓ ଅବଦୁଲ ସରଫରାଜ ଖାନଙ୍କୁ ହୋମଗାର୍ଡ ସଂଗଠନରୁ ସେବା ସମାପ୍ତ କରିବା ପାଇଁ ଏକ ମାସର ନୋଟିସ୍ ଜାରି କରାଯାଇଛି । ଅନ୍ୟପକ୍ଷରେ ରାଜେଶ କୁଲୁ ଓ ଜ୍ୟୋତିରଞ୍ଜନ ବେହେରାଙ୍କଙ୍କୁ ଭିଜିଲାନ୍ସ ପକ୍ଷରୁ ଗୁରୁବାର ଭୁବନେଶ୍ୱର ସ୍ୱତନ୍ତ୍ର



▶▶ ୫

# ଭିଜିଲାନ୍ସ ଜାଲରେ ଫରେଷ୍ଟର

**ଡେଲାଙ୍ଗ,୧୮।୬/ଏନ୍ଏନ୍ଏସ୍:**

ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ପୁରୀ ଜିଲ୍ଲା ଡେଲାଙ୍ଗ ରେଞ୍ଜ ଆଙ୍କୋଇ ଫରେଷ୍ଟର ରାକେଶ କୁମାର ପଣ୍ଡା । ଜଣେ ଟ୍ରାକ୍ଟର ମାଲିକଙ୍କଠାରୁ ୨୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଛନ୍ତି । ଏହି ଟ୍ରାକ୍ଟର ମାଲିକ ତାଙ୍କ ଜମିରେ ମାଟି ପକାଇବା ପାଇଁ ଚାହୁଁଥିଲେ । ସେଥିପାଇଁ ଜଙ୍ଗଲ ଦେଇ ଯାଇଥିବା ଏକ ରାସ୍ତାରେ ତାଙ୍କର ମାଟି ଭର୍ତ୍ତି ଟ୍ରାକ୍ଟରକୁ ଯିବାକୁ ଅନୁମତି ଦେବାକୁ ସେ ଫରେଷ୍ଟର ରାକେଶ କୁମାର ପଣ୍ଡାଙ୍କୁ ଅନୁରୋଧ କରିଥିଲେ । କିନ୍ତୁ ଏଥିପାଇଁ ଫରେଷ୍ଟର ଶ୍ରୀ ପଣ୍ଡା ତାଙ୍କୁ ୨୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ପୂର୍ବରୁ ଥରେ ଫରେଷ୍ଟର ଶ୍ରୀ ପଣ୍ଡା ଏହି ଟ୍ରାକ୍ଟର ମାଲିକଙ୍କୁ ଜଙ୍ଗଲ ଦେଇ ଯାଇଥିବା ଉକ୍ତ ରାସ୍ତାକୁ ତାଙ୍କ ଅନୁମତି ବିନା ବ୍ୟବହାର ନ କରିବାକୁ ଚେତାବନୀ ଦେଇଥିଲେ । ତାଙ୍କ ଅନୁମତି ନନେଇ ଜଙ୍ଗଲ ରାସ୍ତାକୁ ବ୍ୟବହାର କଲେ ତାଙ୍କ ଟ୍ରାକ୍ଟରକୁ ଜବତ କରିଦେବେ ବୋଲି



▶▶ ୫



# ‘ଓଡ଼ିଶା ବିକାଶ ପଥରେ ଆଗେଇଛି’




**କଟକ,୧୮।୬/ଏନ୍‌ଏନ୍‌ଏସ୍‌:** ଜିଲ୍ଲା ପ୍ରଶାସନ ପକ୍ଷରୁ ନେତାଜୀ ସଂସ୍କୃତି ଭବନଠାରେ ବିକଶିତ ଭାରତ, ଓଡ଼ିଶା ଓ କଟକ ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ଜିଲ୍ଲାସ୍ତରୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଭାରତ ଏବଂ ଓଡ଼ିଶା ବିକାଶ ପଥରେ ଆଗେଇଛି। ଓଡ଼ିଶାରେ ବିଜେପି ସରକାର ଦୁଇବର୍ଷ ଶାସନ ମଧ୍ୟରେ କୃଷି, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ବିକାଶ ଘଟିଛି । ଆସନ୍ତା ୨୦୪୭ ବିକଶିତ ଭାରତ ଏବଂ ୨୦୩୬ ବିକଶିତ ଓଡ଼ିଶା ପାଇଁ ଯେଉଁ ପରିକଳ୍ପନା କରାଯାଇଛି ଏହି ବିକାଶର ଭିତିଭୂମିକୁ ସୁଦୃଢ଼ କରାଯାଇଛି । ବିଜେପି କ୍ଷମତାକୁ ଆସିବାର ଦୁଇବର୍ଷ ମଧ୍ୟରେ ରାଜ୍ୟରେ କୃଷି, ଶିକ୍ଷା ସ୍ୱାସ୍ଥ୍ୟ ନିଯୁକ୍ତି ଏବଂ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ କରିଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ସିନ୍ଦେ ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇ କହିଥିଲେ ୨୦୩୬ ବିକଶିତ କଟକ ପାଇଁ ସ୍ୱତନ୍ତ୍ର ପରିକଳ୍ପନା କରାଯାଇଛି । ଏହି ପରିକଳ୍ପନାରେ କଟକର ଐତିହ୍ୟ, ବାଲିଯାତ୍ରା, ଗାନ୍ଧୀ ସ୍ମାରକୀପୀଠ, ଗଡ଼ ଖାଇ ଓ ଓଡ଼ିଶା ହାଇକୋର୍ଟ ଉପରେ ଗୁରୁତ୍ୱ ଦିଆଯାଇଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଶିଶୁଭବନ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା ପ୍ରତିଷ୍ଠାନ ଏବଂ ବେସରକାରୀ ଡାକ୍ତରଖାନା ଉପରେ ଗୁରୁତ୍ୱ ଦିଆଯିବ । କଟକର ଐତିହ୍ୟ ବିଦ୍ୟାଳୟ ସୁରକ୍ଷିତ କରାଯିବ । କଟକ ତାରକସି କାର୍ଯ୍ୟକୁ ପ୍ରୋତ୍ସାହିତ କରାଯିବ। ଏଥିସହିତ କଟକକୁ କ୍ରୀଡ଼ା ରାଜଧାନୀରେ ପରିଣତ କରାଯିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ସୋଫିଆ ଫିର୍ଦ୍ଦୋଷ, ଛବି ମଲ୍ଲିକ, କଟକ ମହାନଗର ନିଗମର କମିଶନର କିରଣ ଦୀପ କୌର ସହୋତା ପ୍ରମୁଖ ଉପସ୍ଥିତ ଥିଲେ ।

## ୫୬ନଂ ୱାର୍ଡ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



**କଟକ,୧୮।୬/ଏନ୍‌ଏନ୍‌ଏସ୍‌:** କଟକ ମହାନଗର ନିଗମ ୫୬ନଂ ୱାର୍ଡ କଂଗ୍ରେସ ପକ୍ଷରୁ ସଭାପତି ସାଗର ବେଉରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ଦେଇଛନ୍ତି। ୫୬ନଂ ୱାର୍ଡ କୁଆଖାଇ ନଦୀବନ୍ଧ କଡ଼ରେ ଥିବା କାଜିପାଟଣା(ସୁଭଦ୍ରାପୁର) ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ମସୁଧା କରାଯାଉଥିବା ଅଭିଯୋଗ ହୋଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନୀୟ ଅଞ୍ଚଳ ସହ ଆଖପାଖ ତ୍ରିଶୁଳିଆ, ବେଲଗଛିଆ, ଗୋଠପୁର, ଜଇପୁର ଆଦି ଅଞ୍ଚଳରୁ ବହୁ ରୋଗୀ ଚିକିତ୍ସିତ ହେବାପାଇଁ ଆସିଥାନ୍ତି । ଆବଶ୍ୟକତା ଦୃଷ୍ଟିରୁ ଦୁଇ ଏକର ପରିମିତ ଜମିରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ପ୍ରତିଷ୍ଠା କରାଯାଇଥିଲା। ଏହାର ସମ୍ପ୍ରସାରଣ ପାଇଁ ସଦ୍ୟ ୪କୋଟି ଟଙ୍କା ସରକାର ମଞ୍ଜୁର କରିଛନ୍ତି। ସମ୍ପ୍ରତି ଗତ ଦୁଇ ତିନି ବର୍ଷ ମଧ୍ୟରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଘେରି ୫ଗୋଟି ରେଡିମିକ୍ସ କମ୍ପାନୀ ତିଆରି ହେବା ପରେ ବର୍ତ୍ତମାନ ରୋଗୀସେବା ବାଧାପ୍ରାପ୍ତ ହେଉଛି। ବିଶେଷ କରି ରେଡିମିକ୍ସ କମ୍ପାନୀ ଚାପରେ ଜନ ହିତରେ ଲାଗୁଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାନଯିବା, କମ୍ପାନୀକୁ ଅନ୍ୟତ୍ର ଉଠି ଯିବାକୁ ପ୍ରଶାସନ ବାଧ୍ୟ କରିବା, ଉକ୍ତ ନଦୀବନ୍ଧ ରାସ୍ତାକୁ ବର୍ଷାଦିନ ପୂର୍ବରୁ ତୁରନ୍ତ ମରାମତି ଏବଂ ଗୋପାଳପୁର-ସୁଭଦ୍ରାପୁର-କାଜିପାଟଣା ସିଙ୍ଗଲ ରୋଡରେ ଦିନବେଳା ଭାରୀଯାନ ଚଳାଚଳ ପ୍ରତି ପ୍ରତିବନ୍ଧକ ଲଗାଇବା ଆଦି କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତ, ଜିଲ୍ଲା କଂଗ୍ରେସ ପ୍ରାକ୍ତନ ଉପସଭାପତି ଶିଶିର ରଥ ଓ ରାଜେଶ ସ୍ୱାଇଁ, କଂଗ୍ରେସ ମୁଖପାତ୍ର ମାନସ ପରିଡ଼ା, କଟକ ନଗର ଯୁବ କଂଗ୍ରେସ ସଭାପତି ଡ.ବିପ୍ଳବ ଶିଳାଦିତ୍ୟ, ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶିବ ଅଗ୍ରୱାଲ, ବରିଷ୍ଠ ନେତା ନିର୍ମଳ ସ୍ୱାଇଁ, ଶୁକଦେବ ସାମଲଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ତୁରନ୍ତ ଅନ୍ନପୂର୍ଣ୍ଣା ଚାଉଳ ଯୋଗାଇବାକୁ ଦାବି

**କଟକ,୧୮।୬/ଏନ୍‌ଏନ୍‌ଏସ୍‌:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୧୨ ତାରିଖ ଦିନ ତାଙ୍କ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପାଳନ ଅବସରରେ ଓଡ଼ିଶାର ପଡ଼ି କାର୍ଡଧାରୀମାନଙ୍କ ପାଇଁ ଅଧିକ ୫ କେଜି ଚାଉଳ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଯୋଜନାର ଶୁଭାରମ୍ଭ କରିଥିଲେ। ମାତ୍ର ଉଦ୍‌ଘାଟନର ୫ ଦିନ ବିତିଗଲା ପରେ ବି କଟକ ଜିଲ୍ଲା ତଥା କଟକ ମହାନଗର ନିଗମ ଅଞ୍ଚଳର ପଡ଼ି କାର୍ଡଧାରୀମାନେ ଚାଉଳ ପାଇଁପାରି ନାହାଁନ୍ତି। ଏ ସମ୍ପର୍କରେ ବିଜୁ ଜନତା ଦଳର କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂ ଏକ ପ୍ରେସ୍ ବିଜ୍ଞପ୍ତିରେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ନିକଟରେ ଯଦି ଯଥେଷ୍ଟ ପରିମାଣର ଚାଉଳ ତଥା ଭିତିଭୂମୀର ଅଭାବ ଥିଲା ତେବେ ତରବରିଆ ଭାବେ ଦୁଇ ବର୍ଷ ପୂର୍ତ୍ତି ପାଳନ ଅବସରରେ ଏହି ଯୋଜନା କାହିଁକି ଉଦ୍‌ଘାଟନ କରୁଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ତୁରନ୍ତ ହିତାଧିକାରୀମାନଙ୍କୁ ଚାଉଳ ଯୋଗାଇ ଦେବାକୁ ଶ୍ରୀ ସିଂ ଦାବି କରିଛନ୍ତି।

## ରକ୍ତଦାତା ମହାସଂଘ ସଭାପତି ସମ୍ମାନିତ

**କଟକ,୧୮।୬/ଏନ୍‌ଏନ୍‌ଏସ୍‌:** ଏସ୍‌ସିବି ରକ୍ତ କେନ୍ଦ୍ର ଦ୍ୱାରା ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ଓଡ଼ିଶା ରକ୍ତଦାତା ମହାସଂଘର ସଭାପତି ଡ.ନରେଶ ଚନ୍ଦ୍ର ସାହୁଙ୍କୁ ସମ୍ମାନିତ କରାଯାଇଛି। ବିଭିନ୍ନ ସମୟରେ ସେ ଥାଲାସେମି ରୋଗୀଙ୍କ ପାଇଁ ରକ୍ତଦାନ ଶିବିର ଆୟୋଜନ କରି ଏସ୍‌ସିବି ରକ୍ତ କେନ୍ଦ୍ରକୁ ସହାୟତା ପ୍ରଦାନ କରିଥାନ୍ତି। ଡା.ସାହୁ ବର୍ତ୍ତମାନ ଯାଏ ନିଜେ ୧୦୧ ଥର ରକ୍ତଦାନ କରିସାରିଛନ୍ତି ଏବଂ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ରକ୍ତଦାନ ଶିବିରର ଆୟୋଜନ କରିସାରିଛନ୍ତି।

## ଅବୈଜ୍ଞାନିକ ପାଠ୍ୟକ୍ରମ ଓ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର ଦାବିରେ ବିକ୍ଷୋଭ




**କଟକ,୧୮।୬/ଏନ୍‌ଏନ୍‌ଏସ୍‌:** ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ପ୍ରସ୍ତୁତ ଅବୈଜ୍ଞାନିକ ପାଠ୍ୟକ୍ରମ ଓ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସଂପୂର୍ଣ୍ଣ ପ୍ରତ୍ୟାହାର କରିବା, ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶନରେ ସଂପୃକ୍ତ ସମସ୍ତ ଅଧିକାରୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା, ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ୨୦୨୦୨କୁ ସଂପୂର୍ଣ୍ଣ ବାତିଲ କରିବା ଦାବିରେ ଆଜି ଛାତ୍ର ସଂଗଠନ ଏଆଇଡିଏସ୍‌ଓ କଟକ ଜିଲ୍ଲା କମିଟି ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏହି ବିକ୍ଷୋଭରେ ଏଆଇଡିଏସ୍‌ଓ ରାଜ୍ୟ ପରିଷଦର ଉପସଭାପତି ଭାଗ୍ୟରବି ଦାସ, ସଂପାଦକ ସିଦ୍ଧାର୍ଥ ରଥ, ରାଜ୍ୟ ସଂପାଦକମଣ୍ଡଳୀ ସଦସ୍ୟ ବିନୋଦ ସେଠୀ, ସଂଗଠନ କଟକ ଜିଲ୍ଲା କମିଟି ଉପସଭାପତି ଶିବାନୀ ସାହୁ, ସଂପାଦକ ତରୁଣସେନ ନାୟକ, ସଂପାଦକ ମଣ୍ଡଳୀ ସଦସ୍ୟ ଜ୍ୟୋତ୍ସ୍ନାରାଣୀ ଦାସ, ଭାଗ୍ୟଶ୍ରୀ ପ୍ରଧାନ, ସରୋଜ ମାନସିଂହ ଜିଲ୍ଲା କମିଟି ସଭ୍ୟ ସତ୍ୟବ୍ରତ ମୁଦୁଲି, କସକ ଜେନା, ରାଜେଶ ନାୟକ, ସରୋଜ ବେହେରା, ଦିନେଶ କୁମାର ପାତ୍ର ପ୍ରମୁଖ ଏହି ବିକ୍ଷୋଭରେ ଉପସ୍ଥିତ ଥିଲେ। ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରସ୍ତୁତ ପାଠ୍ୟ ପୁସ୍ତକରେ ମୋଟ୍ ୧୭୦୦ଟି ଭୁଲ୍ ପରିଲକ୍ଷିତ ହୋଇଥିବାବେଳେ ଟିକେ ନିରିଖି ଦେଖିଲେ ଆହୁରି ଅଧିକ ସଂଖ୍ୟକ ଭୁଲ୍ ମଧ୍ୟ ବାହାରି ପାରେ। ଭୁଲ ଶିକ୍ଷା ଗ୍ରହଣ କରି ରାଜ୍ୟର ଲକ୍ଷ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରମୟ ହେବ। ଏଣୁ ତୁରନ୍ତ ଜାତୀୟ ଶିକ୍ଷାନୀତି ୨୦୨୦କୁ ସଂପୂର୍ଣ୍ଣ ବାତିଲ କରିବା ଦାବିରେ ସାରା ରାଜ୍ୟରେ ବ୍ୟାପକ ଗଣ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ରାଜ୍ୟର ସମସ୍ତ ଛାତ୍ରଛାତୀ, ଶିକ୍ଷାବିତ, ବୁଦ୍ଧିଜୀବୀ ଅଭିଭାବକ ତଥା ଶିକ୍ଷାପ୍ରେମୀ ଜନସାଧାରଣ ଆଗେଇ ଆସିବାକୁ ସଂଗଠନର ସେକ୍ରେଟାରୀ ତରୁଣସେନ ନାୟକଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଛି ।

## ବିଶେଷ ଲୋକ ଅଦାଲତ ପାଇଁ ଆବେଦନ ସୁଯୋଗ

**କଟକ,୧୮।୬/ଏନ୍‌ଏନ୍‌ଏସ୍‌:** ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏକ ବିଶେଷ ଲୋକ ଅଦାଲତ ଆସନ୍ତା ଅଗଷ୍ଟ ୨୧, ୨୨ ଓ ୨୩ ତାରିଖରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଯାଉଛି। ଏହି ପ୍ରକ୍ରିୟାରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଠାରେ ବିଚାରାଧୀନ ଥିବା ପାରିବାରିକ, ବିବାହ, ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଧନାଦେଶ ଅଗ୍ରାହ୍ୟ (ଚେକ୍ ବାଉନ୍ସ) ମାମଲା, ଶ୍ରମ ବିବାଦ, ଭୂ-ଅଧିଗ୍ରହଣ ଜନିତ ମାମଲା ରଫାଯୋଗ୍ୟ ଫୌଜଦାରୀ ମାମଲା ଓ ଆପୋଷ ବୁଝାମଣା ଦ୍ୱାରା ସମାପ୍ତ ହୋଇପାରୁଥିବା ସମ୍ଭାବ୍ୟ ଉପଯୁକ୍ତ ଅନ୍ୟାନ୍ୟ ମାମଲାଗୁଡିକ ଫଇସଲା କରାଯିବ। ଅଧିକ ସୂଚନା ନିମନ୍ତେ ଯୋଗାଯୋଗ କରନ୍ତୁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ, କଟକ, ଫୋନ୍ ନଂ- ୦୬୭୧-୨୩୬୮୩୮୩, ୮୪୮୦୮୩୧୮୩୧, ଇମେଲ୍- **dlsacuttack@gmail.com** । ଏଥିରେ ଆଇନଜୀବୀ, ମକଦ୍ଦମାକାରୀ ଏବଂ ସମ୍ପୃକ୍ତ ପକ୍ଷମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ବିବାଦର ଶୀଘ୍ର ଓ ସହଜ ସମାଧାନ କରିପାରିବେ। ଅଂଶଗ୍ରହଣକାରୀମାନେ ଶାରୀରିକ ଭାବେ କିମ୍ବା ଅନଲାଇନ୍ ମାଧ୍ୟମରେ ଯୋଗଦେଇ ପାରିବେ। ଏହି ବିଶେଷ ଲୋକ ଅଦାଲତରେ ମାମଲା ଅନ୍ତର୍ଭୁକ୍ତ କରିବାକୁ ଇଚ୍ଛୁକ ପକ୍ଷମାନେ ନିର୍ଦ୍ଧାରିତ ଗୁଗୁଲ୍ ଫର୍ମପୂରଣ କରି ଆବେଦନ କରିପାରିବେ। ଏହି ସମ୍ପର୍କରେ ସମସ୍ତ ତଥ୍ୟ ଏବଂ ଆବେଦନ ଲିଙ୍କ୍ ସର୍ବୋଚ୍ଚ ନ୍ୟାୟାଳୟର ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି।

## କଟକ ଜିଲ୍ଲାରେ ସକାଳୁଆ ସ୍କୁଲ୍

**କଟକ,୧୮।୬/ଏନ୍‌ଏନ୍‌ଏସ୍‌:** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କଟକ ଜିଲ୍ଲାର ସମସ୍ତ ବିଦ୍ୟାଳୟମାନଙ୍କର ଏକ ସପ୍ତାହ

**ଗ୍ରୀଷ୍ମ ପ୍ରବାହ**

ପାଇଁ ସମୟ ପରିବର୍ତ୍ତନ କଲେ ଜିଲ୍ଲାପାଳ। ଜିଲ୍ଲାର ସମସ୍ତ ସରକାରୀ, ଆଦର୍ଶ ବିଦ୍ୟାଳୟ ଏବଂ ବେସରକାରୀ ଉଚ୍ଚ ବିଦ୍ୟାଳୟ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳଗୁଡ଼ିକରେ ପାଠପଢ଼ା ସମୟରେ ପରିବର୍ତ୍ତନ କରାଯାଇଛି। କୌଣସି ଅସୁବିଧା ତଥା ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କାକୁ ଦୃଷ୍ଟିରେ ରଖି ଏ ସମସ୍ତ ବିଦ୍ୟାଳୟମାନଙ୍କରେ ଚଳିତ ମାସ ୧୯ରୁ ୨୫ପର୍ଯ୍ୟନ୍ତ ସକାଳ ୬. ୩୦ରୁ ୧୦.୩୦ ସମୟ ମଧ୍ୟରେ ପାଠପଢ଼ା କରାଯିବାକୁ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ଶ୍ରୀ କୋଟେଶ୍ୱର ମନ୍ଦିରରେ ଦେବ ବିବାହ



**କଟକ,୧୮।୬/ଏନ୍‌ଏନ୍‌ଏସ୍‌:** ଟାଙ୍ଗୀର ଆରାଧ୍ୟ ଶ୍ରୀଶ୍ରୀ କୋଟେଶ୍ୱରଙ୍କ ମହାଦେବଙ୍କ ଶୁଭ ବିବାହ ଓ ଶୀତଳ ଷଷ୍ଠୀ ଉତ୍ସବ ପାରମ୍ପରିକ ରୀତିରେ ସମ୍ପନ୍ନ ହୋଇଛି। ପ୍ରତ୍ୟୁଷରେ ଦ୍ୱାରଫିଟା ପରେ ଆରତୀ, ମହାପ୍ରଭୁଙ୍କ ଜଳଛାୟା, ରୁଦ୍ରାଭିଷେକ ଓ ଅନ୍ୟାନ୍ୟ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ବୈଦିକ ରୀତିରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବର ଓ କନ୍ୟା ପିତାମାତା ଭାବରେ ଯଥାକ୍ରମେ କମଳାକାନ୍ତ କର ଓ ସ୍ମୃତି କର ଏବଂ ପ୍ରଦୀପ୍ତ ଚନ୍ଦ୍ର ରଥ ଓ ନିୟମିତା ରଥ ଦାୟିତ୍ୱ ନିର୍ବାହ କରିଥିଲେ। ବିଧାୟକ ପ୍ରଶାନ୍ତ କୁମାର ବେହେରା, କୋଟେଶ୍ୱର ମନ୍ଦିର କଲ୍ୟାଣ ସମିତିର ମୁଖ୍ୟ ପୃଷ୍ଠପୋଷକ ଡ. ପ୍ରମୋଦ ଚନ୍ଦ୍ର ରଥ, ବିଡିଓ ଏନ୍‌ଏନ୍ ରାଜଲକ୍ଷ୍ମୀ ଓଝା, ଏବିଡିଓ ଶାଶ୍ୱତ କୁମାର ଜେନା, କଲ୍ୟାଣ ସମିତି ସଂପାଦକ ଶୁଭେନ୍ଦ୍ରନାଥ ଷଡ଼ଙ୍ଗୀ, ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ବାବାଜୀ ମହାନ୍ତି, ଜୟନ୍ତ କୁମାର ଦାସ, ବିଜୟ କୁମାର ସାହୁ, ଅଶୋକ କୁମାର ପୃଷ୍ଟି, ରାଜ କିଶୋର ସାହୁ, ଆକାଶ ପାତ୍ର, ରବୀନ୍ଦ୍ର ଲେଙ୍କା, ଅକ୍ଷୟ ବେହେରା, ସନ୍ତୋଷ ସାହୁ, ଦୈତାରୀ ସାହୁ, ଜଗବନ୍ଧୁ ସାହୁ, ରମେଶ ବେହେରା, ଲୋପାମିତ୍ରା ରଥ, ପ୍ରିୟଦର୍ଶିନୀ ପାଢୀ, ମମତା ଭୂୟାଁ, ପୂର୍ବତନ ସରପଞ୍ଚ ନିହାର ରଞ୍ଜନ ମଲ୍ଲିକ, ରବିନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ବହୁମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ‘ସତ୍ୟ ସନାତନ ଭାଗବତ ପ୍ରଚାର ସମିତି’ ପକ୍ଷରୁ ସଭାପତି ସିଦ୍ଧେଶ୍ୱର ନାୟକଙ୍କ ପୌରହିତ୍ୟରେ ଭାଗବତ ପାରାୟଣ ଏବଂ ବଦାଲ, କୋଟସାହି, କଣ୍ଟାକୁରୀ ସାହିର ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ପଣ୍ଡିତ ପ୍ରଭାତ ଦାଶ, କ୍ଷୀରୋଦ କର, ବିଜୟ ପଣ୍ଡା ପ୍ରମୁଖ ବିବାହ କାର୍ଯ୍ୟ ପରିଚାଳନା କରିଥିଲେ। ସନ୍ଧ୍ୟାରେ ବାଜାବାଣ ରୋଷଣି ସହ ସୁସଜ୍ଜିତ ରଥରେ ମାତା ପାର୍ବତୀଙ୍କ ସହ ମହାପ୍ରଭୁ କୋଟେଶ୍ୱର ନଗର ପରିକ୍ରମା କରିବା ପରେ ବିଳମ୍ବିତ ରାତିରେ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ।

## ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ବୈଠକ

**କଟକ,୧୮।୬/ଏନ୍‌ଏନ୍‌ଏସ୍‌:** ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ବୈଠକ ସମିତିର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମିତିର କାର୍ଯ୍ୟକାରୀ ସଭାପତି ଭିକାରୀ ଦାସ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଜୁନ୍ ୨୯ ତାରିଖ ଦେବସ୍ନାନ ପୂର୍ଣ୍ଣିମା ଏବଂ ୧୬ ତାରିଖ ଶ୍ରୀଗୁଣ୍ଡିଚା ଠାରୁ ୨୬ ନୀଳାଦ୍ରୀବିଜେ ପର୍ଯ୍ୟନ୍ତ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ବିଷଦ ଭାବେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ସମିତିର ସଭାପତି ଯୁଧିଷ୍ଠିର ସିଂହ ଓ କର୍ମକର୍ତ୍ତା ପ୍ରତାପ କିଶୋର ସିଂହ, ଆଇନଜୀବୀ ବିଶ୍ୱନାଥ ଦାସ, କେ. ଭାସ୍କର ରାଓ, ପ୍ରଦୀପ ସିଂହ, ଦିଲ୍ଲୀପ କୁମାର ପ୍ରଧାନ, ଅଜୟ ଦାସ, ରମେଶ ବେହେରା,ଅସିତ ମହାନ୍ତି, ବିଜୟ ଦଳେଇ, ଆନନ୍ଦ ଦାସ ଓ ମନୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରଙ୍କ ନୂତନ ଖାଉଟି କାର୍ଡ ବଣ୍ଟନର ଶୁଭାରମ୍ଭ

**କଟକ,୧୮।୬/ଏନ୍‌ଏନ୍‌ଏସ୍‌:** ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ନୂତନ ଖାଉଟି କାର୍ଡ ବଣ୍ଟନର ଆଜି ଶୁଭାରମ୍ଭ ହୋଇଯାଇଛି। ପୂର୍ବାହ୍ନରେ ସିଡିଏ ସ୍ଥିତ ସେକ୍ଟର-୧୦ରେ ଅବସ୍ଥିତ ସୁଲଭ ବିକ୍ରୟ କେନ୍ଦ୍ରରେ ଆୟୋଜିତ ବଣ୍ଟନ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ କର୍ପୋରେଟର ପ୍ରିୟମ୍ବଦା ମହାନ୍ତି ହିତାଧିକାରୀମାନଙ୍କୁ ନୂତନ ଖାଉଟି କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ଖାଉଟି କେନ୍ଦ୍ରର ଡିଲର ଲକ୍ଷ୍ମୀଧର ଦାସ ପରିଚାଳନା କରିଥିବା ବେଳେ ଶତାଧିକ ହିତାଧିକାରୀ ଏଥିରେ ସହଯୋଗ କରିଥିଲେ।

## ବୟାଳିଶମୌଜାରେ ରାମଲୀଳା ମହୋତ୍ସବ ଉଦ୍‌ଯାପିତ



**କଟକ,୧୮।୬/ଏନ୍‌ଏନ୍‌ଏସ୍‌:** ବୟାଳିଶମୌଜା ଧୂଳେଶ୍ୱରସ୍ଥିତ ଶତାୟୁ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀଶ୍ରୀ ରଘୁନାଥଜୀଉ ଡ୍ରାମାଟିକ୍ କ୍ଲବ୍ ପକ୍ଷରୁ ୪ଦିନ ବ୍ୟାପି ଚାଲିଥିବା ରାମଲୀଳା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବର ମୁଖ୍ୟ ଅତିଥିଭାବେ ବିଶିଷ୍ଟ କର୍ମଚାରୀ ନେତା ତଥା ସମାଜସେବୀ ପ୍ରଭାତ ଦେବତା, ସମ୍ମାନୀତ ଅତିଥି ରୂପେ ସମିତି ସଭ୍ୟ ବିନୋଦ ବିହାରୀ ବେହେରା, ଅସୀମ ଦାସ, ଅଜୟ ଦଳେଇ, ପୀୟୁଷ ପରିଡା ଯୋଗ ଦେଇଥିଲେ। ପୂର୍ବ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଂ.ପ୍ରକାଶ ସେଠୀ ଯୋଗ ଦେଇଥିଲା ବେଳେ ସମ୍ମାନୀତ ଅତିଥି ରୂପେ ତାଙ୍କ ପତ୍ନୀ ଡେଜି ସେଠୀ, ଇଂ.ଅଶୋକ ବିଶ୍ୱାଳ,ସତ୍ୟଦୀପ ସାହୁ ଯୋଗ ଦେଇଥିଲେ। ସାମ୍ବାଦିକ ଆଲୋକ ନାୟକ ସଭାରେ ସଭାପତିତ୍ୱ କରିଥିଲେ। ରାମଲୀଳା କ୍ରମରେ ପ୍ରଥମ ସନ୍ଧ୍ୟାରେ ଦେବୀ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶନାରେ ‘ବ୍ରହ୍ମାସ୍ତ୍ର ହରଣ’ ନାଟକ ପରିବେଷଣ କରାଯାଇଥିଲା ବେଳେ ଅନ୍ତିମ ସନ୍ଧ୍ୟାରେ ପାରମ୍ପରିକ ରୀତିରେ ରାବଣ ବଧ ମଞ୍ଚସ୍ଥ କରାଯାଇଥିଲା। ସେହିପରି ଅନ୍ୟଦିବସ ଗୁଡିକରେ ‘ଗୁହାରୀ ଶୁଣ ଦୀନବନ୍ଧୁ’ଏବଂ ‘କଟି କଟି ଡବଲ କଟି’ ନାଟକ ମଞ୍ଚସ୍ଥ ହୋଇଥିଲା। ଉକ୍ତ ନାଟକକୁ ବିଶ୍ୱମ୍ଭର ପାତ୍ର ନିର୍ଦ୍ଦେଶନା ଦେଇଥିଲା ବେଳେ ଯୁଗଳ କିଶୋର ମହାନ୍ତି ନାଟ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ରାମଲୀଳା କଳାକାର ଆଶିଷ ସେନାପତି, ଶାନ୍ତନୁ ନାୟକ, କ୍ରିଷ୍ଣା ସାହୁଙ୍କୁ ସମ୍ମାନୀତ କରାଯାଇଥିଲା। ଉତ୍ସବକୁ ପ୍ରସନ୍ନ ସେନାପତି, ପିନାକୀ ସ୍ୱାଇଁ, ପ୍ରମୋଦ ବେହେରା, ଚିରଞ୍ଜିବୀ ସେନାପତି, ରଜତ ନାୟକ, କୃଷ୍ଣଚନ୍ଦ୍ର ବାରିକ, ତ୍ରିଲୋଚନ ସେନାପତି, ଅଜୟ ସେନାପତି, ନିକୁଞ୍ଜ ସ୍ୱାଇଁ, କ୍ଷୀରୋଦ ସେନାପତି, ଦୀପ୍ତି ରଞ୍ଜନ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭାରତୀୟ ମୁସ୍‌ଲିମ୍ ମହିଳା ଆନ୍ଦୋଳନର ସଭା




**କଟକ,୧୮।୬/ଏନ୍‌ଏନ୍‌ଏସ୍‌:** ଭାରତୀୟ ମୁସ୍‌ଲିମ୍ ମହିଳାମାନଙ୍କ ଅଧିକାର ଓ ସୁରକ୍ଷା ନିମନ୍ତେ ଆମ ସମ୍ବିଧାନରେ ବିଶେଷ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ନାହିଁ। ହେଲେ ଏହି ମହିଳାମାନଙ୍କୁ ଦେଶରେ ଅନ୍ୟ ସମସ୍ତ ନାଗରୀକମାନଙ୍କ ସହ ସମକକ୍ଷ କରି ଛିଡା କରିବାକୁ ହେଲେ ପର୍ଯ୍ୟାପ୍ତ ଆଇନ କାନୁନ୍‌ର ଆବଶ୍ୟକତା ରହିଛି ବୋଲି ମୁମ୍ବାଇରୁ ଆସିଥିବା ଭାରତୀୟ ମୁସ୍‌ଲିମ୍ ମହିଳା ଆନ୍ଦୋଳନର ସଂସ୍ଥାପିକା ନୁରଜାହାଁ ସଫିଆ ନିୟାଜ ଗାନ୍ଧୀ ଭବନଠାରେ ଏକ ସାଧାରଣ ସଭାରେ ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ତିନି ତଲାକ ପ୍ରଥା ହଟିବା ନିମନ୍ତେ ହୋଇଥିବା ଆନ୍ଦୋଳନ ପଛରେ ସେମାନେ ଥିଲେ ବୋଲି ଏହି କୁପ୍ରଥା୨୦୧୯ ମସିହାରେ ହଟି ପାରିଛି। ହେଲେ ବହୁ ବିବାହ ପ୍ରଥା, ବିବାହ କ୍ଷେତ୍ରରେ ମହିଳାମାନଙ୍କର ସର୍ବନିମ୍ନ ବୟସ ନିର୍ଦ୍ଧାରଣ, ବିବାହ ବିଛେଦରେ ପିଲାମାନଙ୍କର ଦାୟିତ୍ୱ ମାଆମାନଙ୍କୁ ମିଳିବାର ଅଧିକାର ତଥା ପିତା ଓ ପତିଙ୍କ ସମ୍ପତିରେ ମହିଳାଙ୍କର ଅଧିକାର ନିମନ୍ତେ କୌଣସି ସ୍ପଷ୍ଟ ଆଇନ ନାହିଁ। କୋରାନ୍ ସରିଫର ଭୁଲ ବ୍ୟାଖ୍ୟା କରି ମହିଳାମାନଙ୍କୁ ପ୍ରତାଡ଼ିତ କରିବାର ଅନେକ ଉଦାହରଣ ଆମ ଦେଶରେ ରହିଛି। ତେଣୁ ଏସବୁ ଆଇନ ତିଆରି କରିବା କ୍ଷେତ୍ରରେ ବ୍ୟାପକ ଜନ ଆନ୍ଦୋଳନ ଗଢି ତୋଳିବାକୁ ସେ ଆହ୍ୱାନ ଦେଇଥିଲେ। ଆନ୍ଦୋଳନର ରାଷ୍ଟ୍ରୀୟ ସମିତି ସଦସ୍ୟା ଜରିନା ଖାନ କହିଥିଲେ ଯେ, ଦେଶର ବିଭିନ୍ନ କ୍ଷେତ୍ରରେ ହୋଇଥିବା ସର୍ଭେରୁ ଜଣାପଡିଛି ଯେ, ବହୁ ବିବାହ ପ୍ରଥା କାରଣରୁ ମୁସଲିମ ମହିଳା ଅନ୍ୟମାନଙ୍କ ଠାରୁ ଅଧିକ ପ୍ରତାଡ଼ିତ ହେଉଛନ୍ତି। ଫଳରେ ସେମାନେ ଅନେକ ମାନସିକ ଓ ଶାରୀରିକ ରୋଗର ଶୀକାର ହେବା ସହ ସେମାନଙ୍କର ପିଲାମାନେ ବି ଅସାମାଜିକ ତତ୍ୱଙ୍କ କୁସଙ୍ଗରେ ପଡ଼ିବାର ସମ୍ମୁଖୀନ ହେଉଛନ୍ତି। ଭାରତୀୟ ନ୍ୟାୟ ସଂହିତା ଧାରା ୮୨ ଯାହା ବହୁବିବାହ ପ୍ରଥାକୁ ବିରୋଧ କରିଥାଏ, ତାହା ମୁସଲିମ ସମାଜ ପାଇଁ ଲାଗୁହେବାକୁ ଆନ୍ଦୋଳନ ଦାବିକରିଛି । ଆଇନ ଅନ୍ୟମାନଙ୍କ ମଧ୍ୟରେ ମାନବାଧିକାର କର୍ମୀ ସମିମମୁସ୍ତାଫା, ନେହା ପରବୀନ ପ୍ରମୁଖ ନିଜ ନିଜର ମତବ୍ୟକ୍ତ କରିଥିଲେ। ଏହି ସଭାର ଆୟୋଜନରେ ସେକ ମୁକ୍ତାକିମ ବକ୍ସ, ଫିରୋଜୁଲ ରେହେମାନ, ସେକ ନିଜାମ, ଡାକ୍ତର ବିଶ୍ୱଜିତ, ଆଡ୍‌ଭୋକେଟ କବୀର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ‘ଶୀତଳ ଷଷ୍ଠୀ ଓଡ଼ିଆ ସଂସ୍କୃତିର ଅନନ୍ୟ ଗାରିମା’

**ସମ୍ବଲପୁର,୧୮।୬/ଏନ୍‌ଏନ୍‌ଏସ୍:** ଓଡ଼ିଶାର ଗୌରବମୟ ସାଂସ୍କୃତିକ ତଥା ଆଧ୍ୟାତ୍ମିକ ପର୍ବ ପବିତ୍ର ଶୀତଳ ଷଷ୍ଠୀ ଅବସରରେ ସମଗ୍ର ଓଡ଼ିଶାବାସୀ, ବିଶେଷ କରି ସମ୍ବଲପୁରର ଗୁରୁଜନ, ମା’, ଭଉଣୀ ଓ ଭାଇମାନଙ୍କୁ ଏକ ଭିଡିଓ ବାର୍ତ୍ତା ଯୋଗେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଶୀତଳ ଷଷ୍ଠୀ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରି କହିଛନ୍ତି ଯେ, ଶୀତଳ ଷଷ୍ଠୀ ଓଡ଼ିଆ ସଂସ୍କୃତିର ଅନନ୍ୟ ଗାରିମା। ଶୀତଳ ଷଷ୍ଠୀର ସବୁଠାରୁ ବଡ଼ ସ୍ୱତନ୍ତ୍ରତା ହେଉଛି ଏହାର ‘ମାନବୀୟ ଲୀଳା’। ଯେଉଁଠି ସ୍ୱୟଂ ଭଗବାନ ଜଣେ ସାଧାରଣ ମଣିଷ ଭଳି ବରଯାତ୍ରୀ ନେଇ କନ୍ୟାପିତାଙ୍କ ଦୁଆରକୁ ଯାଆନ୍ତି। ଏହି ଉତ୍ସବରେ



ଜଣେ ସାଧାରଣ ମଣିଷ ଭଗବାନଙ୍କ ଉପରେ ନିଜର ଅଧିକାର ଜାହିର୍ କରେ ଏବଂ ପ୍ରଭୁ ମଧ୍ୟ ଭକ୍ତର ଗୁହାରି ଶୁଣି ତା’ର ସୁଖ-ଦୁଃଖରେ ସାମିଲ ହୁଅନ୍ତି। ଏହି ପବିତ୍ର ଅବସରରେ ସମଗ୍ର ସମାଜ ସବୁ ଭେଦଭାବ ଭୁଲି ଏକାଠି ହୋଇଥାଏ, ଯାହା ଆମର ପାରିବାରିକ ଓ ସାମାଜିକ ସଂସ୍କାରକୁ ଯୁଗ ଯୁଗ ଧରି ମଜବୁତ କରି ରଖିଛି। ଶୀତଳ ଷଷ୍ଠୀ କେବଳ ଏକ ପର୍ବ ନୁହେଁ, ଏହା ଆମ ଓଡ଼ିଆ ସଂସ୍କୃତିର ଅନନ୍ୟ ଗାରିମା ଏବଂ ଭାବମୟ ପରିଚୟ। ଏହା ଆଧ୍ୟାତ୍ମିକତା, ଧର୍ମଧାରା ଓ ଲୋକ ସଂସ୍କୃତିର ବିରଳ ସମାହାର । ‘ଥାଳ ଉଠା’, ‘ପତର ପେଣ୍ଡି’, ‘ଗୁଆ ଗୁଣା’, ’ଦେବ ନିମନ୍ତ୍ରଣ’, ‘ଦେବ ବିବାହ’ ଏବଂ ‘ନଗର ପରିକ୍ରମା’ ଭଳି ପ୍ରତ୍ୟେକଟି ପାରମ୍ପରିକ ରୀତିନୀତି ଏହି ପର୍ବକୁ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛି । ମାତା ପାର୍ବତୀ ଓ ପ୍ରଭୁ ଶିବଙ୍କର ଏହି ବିବାହ ପଛରେ ସମଗ୍ର ଜଗତର କଲ୍ୟାଣ ଚେତନା ରହିଛି। ଶୀତଳ ଷଷ୍ଠୀ ଆମ ଭାରତବର୍ଷର ‘ଇନଟାଞ୍ଜିବୁଲ୍ କଲଚୁରାଲ ହେରିଟେଜ’ର ଏକ ଭବ୍ୟ ରୂପ, ଯେଉଁଠି ବିଭିନ୍ନ ଲୋକକଳା, ସାଂସ୍କୃତିକ ବାଦ୍ୟ, ପାରମ୍ପରିକ ନୃତ୍ୟ ଏବଂ ଲୋକଗୀତର ଏକ ଅପୂର୍ବ ମହାସଙ୍ଗମ ଦେଖିବାକୁ ମିଳେ। ଭାରତ ସରକାର ଏହି ଅନନ୍ୟ ଲୋକ ସଂସ୍କୃତିକୁ ସମ୍ମାନ ଜଣାଇ ଏକ ସ୍ମାରକୀ ଡାକଟିକେଟ ପ୍ରଚଳନ କରିଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି।

ଶୀତଳ ଷଷ୍ଠୀ ଯାତ୍ରାର ସାଂସ୍କୃତିକ ଭବ୍ୟତାକୁ ଆହୁରି ଆଗକୁ ନେବା ଏବଂ ଏହାର ‘ଜଗତ କଲ୍ୟାଣ’ ବାର୍ତ୍ତାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ନିରନ୍ତର ପ୍ରୟାସ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିବା ସହ ‘ବିକଶିତ ସମ୍ବଲପୁର’ , ‘ବିକଶିତ ଓଡ଼ିଶା’ ଏବଂ ‘ବିକଶିତ ଭାରତ’ ଗଠନ ପାଇଁ ସମସ୍ତେ ମିଳିତ ପ୍ରୟାସ କରିବା ପାଇଁ ସେ ଜନସାଧାରଣଙ୍କୁ ଅପିଲ୍ କରିଛନ୍ତି।

ସ୍କୁଲ୍ ବହିରେ ମୁଦ୍ରଣ ତ୍ରୁଟି ପ୍ରସଙ୍ଗ

# ୩ ଜଣିଆ କମିଟି ଗଠିତ, ଉନ୍ନୟନ କମିଶନର ଅଧ୍ୟକ୍ଷ

**ସଂସ୍କୃତି ବିଭାଗ ସଚିବ, ଜିଏ ବିଭାଗର ଉପସଚିବ ସଦସ୍ୟ**

**ଭୁବନେଶ୍ୱର,୧୮।୬/ଏନ୍‌ଏନ୍‌ଏସ୍:** ରାଜ୍ୟର ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଠ୍ୟ ପୁସ୍ତକରେ ବ୍ୟାପକ ମୁଦ୍ରଣ ଜନିତ ତ୍ରୁଟି ପରଖିବେ ତିନି ଜଣିଆ କମିଟି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ଏହି କମିଟିର ଅଧ୍ୟକ୍ଷ ରହିଥିବାବେଳେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ ଏବଂ ସାଧାରଣ ପ୍ରଶାସନ(ଜିଏ) ବିଭାଗର ଉପ-ସଚିବ ସ୍ମିତା ପାଣି ଏହାର ଅନ୍ୟ ଦୁଇ ସଦସ୍ୟ ରହିଛନ୍ତି। ମୁଦ୍ରଣ ଜନିତ ତ୍ରୁଟିର ତଦନ୍ତ କରିବା ନିମନ୍ତେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଗୁରୁବାର ଏହି କମିଟି ଗଠନ କରାଯାଇଛି। ଉକ୍ତ କମିଟି ତ୍ରୁଟି କେଉଁସ୍ତରରେ ହୋଇଛି ଏବଂ କେଉଁ ଅଧିକାରୀ ବା ସଂସ୍ଥାମାନେ ଦାୟୀ ତାହା ନିର୍ଣ୍ଣୟ କରି ୭ ଦିନ ମଧ୍ୟରେ ତଦନ୍ତ ସମ୍ପୂର୍ଣ୍ଣ କରି ରିପୋର୍ଟ ପ୍ରଦାନ କରିବେ। ସୂଚନାଯୋଗ୍ୟ ଯେ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ମୁଦ୍ରଣ ଜନିତ ତ୍ରୁଟି ଯୋଗୁ ପିଲାମାନଙ୍କ ପାଠ ପଢ଼ାରେ ସମସ୍ୟା ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ଏହା ଉପରେ କଡ଼ା ଆଭିମୁଖ୍ୟ ପ୍ରକାଶ କରି ଗତକାଲି ଏ ସମ୍ପର୍କରେ ସମୀକ୍ଷା କରିଥିଲେ।




## ଖୋର୍ଦ୍ଧା ଜିଲ୍ଲାରେ ସକାଳୁଆ ସ୍କୁଲ୍

**ଭୁବନେଶ୍ୱର,୧୮।୬/ଏନ୍‌ଏନ୍‌ଏସ୍:** ହିଟ୍‌ୱେଭକୁ ଦେଖି ଖୋର୍ଦ୍ଧା ଜିଲ୍ଲାରେ ସକାଳୁଆ ସ୍କୁଲ ଘୋଷଣା କରାଯାଇଛି। ସକାଳ ୬ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ ଚାଲିବ ସ୍କୁଲ । ୧୯ରୁ ୨୫ ତାରିଖ ଯାଏ ହେବ ସକାଳୁଆ ସ୍କୁଲ ହେବ ବୋଲି ଖୋର୍ଦ୍ଧା ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲଗୁଡ଼ିକ ସକାଳୁଆ ହେବ। ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲଗୁଡ଼ିକ ପାଇଁ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ଅନ୍ୟପକ୍ଷରେ ପରୀକ୍ଷା ସମୟରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ହିଟ୍‌ୱେଭ୍ ମୁକାବିଲା ନେଇ ସମସ୍ତ ପ୍ରସ୍ତୁତି ସହିତ ପରୀକ୍ଷା କରିବାକୁ ସ୍କୁଲଗୁଡ଼ିକ ନିର୍ଦ୍ଦେଶ ଦିଆଯାଇଛି।

## ଦୁଇ ଆଇଏଏସ୍‌ଙ୍କୁ ନୂଆ ଦାୟିତ୍ୱ

**ଭୁବନେଶ୍ୱର,୧୮।୬/ଏନ୍‌ଏନ୍‌ଏସ୍:**
ରାଜ୍ୟ ପ୍ରଶାସନିକସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଦଳବଦଳ କରାଯାଇଛି। ବରିଷ୍ଠ ଆଇଏଏସ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଚିତ୍ରା ଅରୁମୁଗମଙ୍କୁ ‘ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ’ର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଏହା ସହିତ ତାଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ଦାୟିତ୍ୱ ମଧ୍ୟ ହସ୍ତାନ୍ତର କରାଯାଇଛି। ସେହିଭଳି କେନ୍ଦ୍ରୀୟ ଡେପୁଟେସନ ସାରି ଓଡ଼ିଶା କ୍ୟାଡରକୁ ଫେରିଥିବା ବରିଷ୍ଠ ଆଇଏଏସ ଅଧିକାରୀ ଡି. ଭେଙ୍କଟସ୍ୱାମୀଙ୍କୁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତ କରାଯାଇଛି।

# ୭୦୭ ସ୍ଥାନରେ ସ୍ଥାପନ ହେବ ୪ଜି ଟାୱାର୍

**ଆବଶ୍ୟକ ଜମି ଓ ଏନ୍‌ଓସି ପାଇଁ ଜିଲ୍ଲାପାଳଙ୍କୁ ଚିଠି**

**ଭୁବନେଶ୍ୱର,୧୮।୬/ଏନ୍‌ଏନ୍‌ଏସ୍:** ରାଜ୍ୟର ଦୁର୍ଗମ ଓ ସେବାବଞ୍ଚିତ ଅଞ୍ଚଳଗୁଡ଼ିକରେ ମୋବାଇଲ ସଂଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଡିଜିଟାଲ ଭାରତ ନିଧିରେ ଓଡ଼ିଶାର ୭୦୭ଟି ନୂତନ ସ୍ଥାନରେ ୪ଜି ମୋବାଇଲ ଟାୱାର ସ୍ଥାପନ କରାଯିବ। ଏହି ପ୍ରକଳ୍ପ ମାଧ୍ୟମରେ ଗ୍ରାମାଞ୍ଚଳରେ ଡିଜିଟାଲ ସଂଯୋଗ ବ୍ୟବସ୍ଥାର ବ୍ୟାପକ ବିକାଶ ସମ୍ଭବ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଡିଜିଟାଲ ଇଣ୍ଡିଆ ମିଶନର ସଫଳ ରୂପାନୟନ ପାଇଁ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଚେଷ୍ଟାରେ ଏହା ସମ୍ଭବ ହେଉଥିବାରୁ ମଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଧନ୍ୟବାଦ ଜଣାଇଛନ୍ତି।

ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ସମ୍ବନ୍ଧିତ ୨୫ଟି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଶୀଘ୍ର ଆବଶ୍ୟକ ଜମି ଉପଲବ୍ଧ କରାଇବା ସହିତ ବିଏସ୍‌ଏନଏଲ୍ ପକ୍ଷରେ ଏନଓସି ପ୍ରଦାନ



କରିବାକୁ ଅନୁରୋଧ କରିଛନ୍ତି। ପ୍ରତ୍ୟେକ ସ୍ଥାନରେ ପ୍ରାୟ ୨୦୦୦ ବର୍ଗଫୁଟ ସରକାରୀ ଜମିରେ ଟାୱାର ସ୍ଥାପନ କରାଯିବ। ଏପର୍ଯ୍ୟନ୍ତ ୨୯୪ଟି ସ୍ଥାନ ପାଇଁ ଏନଓସି ପ୍ରଦାନ କରାଯାଇଥିବାରୁ ସେହି ଅଞ୍ଚଳଗୁଡ଼ିକରେ ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଅବଶିଷ୍ଟ ସ୍ଥାନଗୁଡ଼ିକରେ ମଧ୍ୟ ଶୀଘ୍ର କାର୍ଯ୍ୟ ସମାପ୍ତ କରିବା ଲକ୍ଷ୍ୟରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। କେନ୍ଦ୍ର ସରକାରଙ୍କ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ଏହି ୪ଜି ସାଚୁରେସନ ପ୍ରକଳ୍ପ ରାଜ୍ୟର ଦୁର୍ଗମ ଅଞ୍ଚଳରେ ଡିଜିଟାଲ ସମାବେଶକୁ ନୂଆ ଦିଗ ଦେବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ଇ-ଗଭର୍ଣ୍ଣାନ୍ସ ଓ ବିଭିନ୍ନ ଡିଜିଟାଲ ସେବାର ପହଞ୍ଚକୁ ଅଧିକ ସୁଦୃଢ଼ କରିବ। ଡିଜିଟାଲ ମିଶନ କ୍ଷେତ୍ରରେ ସୂଚନାଯୋଗ୍ୟ ଯେ ‘ଭାରତ ନେଟ୍ ପରିଯୋଜନା‘ ଫେଜ୍-୩ ରେ ଗ୍ରାମୀଣ ଓଡ଼ିଶାକୁ ଡିଜିଟାଲ୍ ଭାବେ ସଶକ୍ତ କରିବା ଦିଗରେ ଭାରତନେଟ୍ ପ୍ରକଳ୍ପ ହାଇସ୍ପିଡ ଇଣ୍ଟରନେଟ୍ ସେବା ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟ, ଇ-ଗଭର୍ନାନ୍ସ ଓ ଡିଜିଟାଲ୍ ଅର୍ଥନୀତିକୁ ଗ୍ରାମ ସ୍ତରରେ ଆହୁରି ସୁଦୃଢ଼ କରାଯିବା ପାଇଁ କେନ୍ଦ୍ର ସରକାର ଓଡ଼ିଶା ପ୍ରଦେଶରେ ପ୍ରାୟ ୪୦୦୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହାକୁ ଆଗାମୀ ୩ ବର୍ଷରେ ଶେଷ କରାଯିବ। ବ୍ଲକକୁ ଗୋଟିଏ ୟୁନିଟ ହିସାବରେ ବ୍ଲକ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର ପ୍ରତିଷ୍ଠା କରାଯାଇ, ସେଠାରୁ ପଞ୍ଚାୟତକୁ ଯୋଡି ପଞ୍ଚାୟତ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର କରାଯିବ ଓ ପଞ୍ଚାୟତରୁ ଘରକୁ ଘର ସଂଯୋଗ କରାଯିବ।

ଓଡ଼ିଶାରେ ଇ-କମର୍ସ ଓ ବଜାର ପ୍ରବେଶ ବୃଦ୍ଧି ପ୍ରସଙ୍ଗ

# ଓଏନ୍‌ଡିସିର ସହଯୋଗ ନେଇ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

**ଭୁବନେଶ୍ୱର,୧୮।୬/ଏନ୍‌ଏନ୍‌ଏସ୍:** ଓପନ ନେଟୱର୍କ ଫର ଡିଜିଟାଲ କମର୍ସ (ଓଏନଡିସି) ଟିମର ସଦସ୍ୟମାନେ ଗୁରୁବାର ଓଡ଼ିଶା ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ରାଜ୍ୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ , କୃଷକ ଉତ୍ପାଦନ ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ, ପାରମ୍ପରିକ ହସ୍ତଶିଳ୍ପୀ କାରିଗର ଏବଂ ଅନ୍ୟାନ୍ୟ ବିକ୍ରେତା ସମୁଦାୟମାନଙ୍କ ମଧ୍ୟରେ ଇ-କମର୍ସ ସକ୍ରିୟତା ବୃଦ୍ଧି କରିବା ସମ୍ପର୍କରେ ଉପସ୍ଥାପନ କରିଥିଲେ।

ଓଏନ୍‌ଡିସି ହେଉଛି ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନସ୍ଥ ଶିଳ୍ପ ଓ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗର ଏକ ଅଗ୍ରଣୀ ପଦକ୍ଷେପ। ଏହାର ଉଦ୍ଦେଶ୍ୟ ହେଉଛି ଏକ ଖୋଲା ଓ ପରସ୍ପର ସଂଯୋଗଯୋଗ୍ୟ ଡିଜିଟାଲ୍ ନେଟୱର୍କ ମାଧ୍ୟମରେ ଡିଜିଟାଲ୍ ବାଣିଜ୍ୟକୁ ସର୍ବସାଧାରଣଙ୍କ ପାଇଁ ସୁଲଭ ଓ ଅନ୍ତର୍ଭୁକ୍ତିମୂଳକ କରିବା, ଯାହା ପଣ୍ୟ ଓ ସେବା କ୍ଷେତ୍ରରେ ନିରବିଚ୍ଛିନ୍ନ ଡିଜିଟାଲ୍ କାରବାରକୁ ସୁନିଶ୍ଚିତ କରେ। ବର୍ତ୍ତମାନ ଓଏନ୍‌ଡିସି ନେଟୱର୍କ ମାଧ୍ୟମରେ ଖୁଚୁରା ବ୍ୟବସାୟ, ଲଜିଷ୍ଟିକ୍ସ, ଆର୍ଥିକ ସେବା, ପରିବହନ ଓ ଭ୍ରମଣ ଆଦି କ୍ଷେତ୍ରରେ ପ୍ରତି ମାସରେ ପ୍ରାୟ ୨ କୋଟି ଡିଜିଟାଲ୍ କାରବାର ସମ୍ପନ୍ନ ହେଉଛି ଏବଂ ଏହା ବର୍ତ୍ତମାନ ଭାରତ ସରକାରଙ୍କ ୧୦ରୁ ଅଧିକ କେନ୍ଦ୍ରୀୟ ମନ୍ତ୍ରଣାଳୟର ବିଭିନ୍ନ କ୍ଷେତ୍ର ସହ ସକ୍ରିୟ ଭାବେ ସହଯୋଗ କରୁଛି । ଓଏନ୍‌ଡିସି ପକ୍ଷରୁ ଉପସ୍ଥାପନା ଅନୁସାରେ ଏହି ପ୍ଲାଟଫର୍ମ ମାଧ୍ୟମରେ ଓଡ଼ିଶାରେ କୋଣାର୍କ, ପୁରୀ, ଚିଲିକା, ସିମିଳିପାଳ, ଭିତରକନିକା, ଇକୋ-ଟୁରିଜମ୍ ଓ ଜନଜାତି ସଂସ୍କୃତି ସମେତ ଓଡ଼ିଶାର ପର୍ଯ୍ୟଟନ ସମ୍ପଦକୁ ବିଶ୍ୱସ୍ତରୀୟ ଡିଜିଟାଲ୍ ପ୍ଲାଟଫର୍ମରେ ଅଧିକ ପ୍ରଚାର ମିଳିବ। ଏହାଦ୍ୱାରା ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ, ପର୍ଯ୍ୟଟନ ଆୟ ଏବଂ ସ୍ଥାନୀୟ ରୋଜଗାର ସୁଯୋଗ ବୃଦ୍ଧି ପାଇବ। ସେହିପରି ସ୍ଥାନୀୟ ଟୁର୍ ଅପରେଟର, ହୋମଷ୍ଟେ ମାଲିକ, ମିଶନ ଶକ୍ତି ଗୋଷ୍ଠୀ, ଓରମାସ , ହସ୍ତଶିଳ୍ପୀ, ବୁଣାକାର ଓ ଏମଏସଏମଇ ଉଦ୍ୟୋଗୀମାନେ ସେମାନଙ୍କ ଉତ୍ପାଦ ଓ ସେବାକୁ ଦେଶବ୍ୟାପୀ ବଜାରରେ ସିଧାସଳଖ ପହଞ୍ଚାଇପାରିବେ । ମୁଖ୍ୟ ଶାସନ ସଚିବ ଓଡ଼ିଶାରେ ଇ-କମର୍ସରେ ଅଂଶଗ୍ରହଣ ଓ ବଜାର ପ୍ରବେଶ ସଂପର୍କିତ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ଓଏନଡିସି ସହିତ ସହଯୋଗର ଆବଶ୍ୟକତା ସଂପର୍କରେ ଗୁରୁତ୍ୱ ଦେଇଥିଲେ। ଓଏନଡିସି ପାରମ୍ପରିକ ଇ-କମର୍ସ ପ୍ଲାଟଫର୍ମଗୁଡ଼ିକ ତୁଳନାରେ ଛୋଟ ବିକ୍ରେତାଙ୍କୁ ଉଲ୍ଲେଖନୀୟ ଭାବରେ ଜାତୀୟସ୍ତରରେ ଚାହିଦାର ଦୃଶ୍ୟମାନତା ପ୍ରଦାନ କରିବାରେ କିପରି ଅଧିକ ପ୍ରଭାବୀ ହୋଇପାରିବ, ସେଥିପାଇଁ ଅଧିକରୁ ଅଧିକ ସୁଯୋଗକୁ ଡିଜିଟାଲ୍ ପଦ୍ଧତିରେ ସାମିଲ କରିବା, ଯଦ୍ୱାରା କି ବ୍ୟବସାୟ ବୃଦ୍ଧି ସହଜ ହୋଇପାରିବ, ସେ ସଂପର୍କରେ ମୁଖ୍ୟ ସଚିବ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବଙ୍କ ସମେତ ବାଣିଜ୍ୟ ଓ ପରିବହନ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ମିଶନ ଶକ୍ତି, ପର୍ଯ୍ୟଟନ, ଶିଳ୍ପ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ହସ୍ତତନ୍ତ,ବୟନ ଓ ହସ୍ତଶିଳ୍ପ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ଆଦି ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।




ସିପେଟ୍ ଓ ସିଟିଟିସି ପରିଦର୍ଶନ କଲେ ରାଜ୍ୟପାଳ

# ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବର ବିକାଶକୁ ଗୁରୁତ୍ୱ

**ଭୁବନେଶ୍ୱର,୧୮।୬/ଏନ୍‌ଏନ୍‌ଏସ୍:** ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁବାର ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି(ସିପେଟ୍) ଏବଂ ସେଣ୍ଟ୍ରାଲ ଟୁଲ ରୁମ ଆଣ୍ଡ ଟ୍ରେନିଂ ସେଣ୍ଟର(ସିଟିଟିସି ) ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବର ବିକାଶ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ଗସ୍ତ ଅବସରରେ ରାଜ୍ୟପାଳ ଉଭୟ ଅନୁଷ୍ଠାନର ଅଧ୍ୟାପକ, ଅଧିକାରୀ ଓ ଛାତ୍ରଛାତ୍ରୀଙ୍କ ସହ ମତବିନିମୟ କରି ସେମାନଙ୍କୁ ନବସୃଜନ, ଦକ୍ଷତା ବିକାଶ ଏବଂ ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ଅବଦାନ ରଖିବାକୁ ଉତ୍ସାହିତ କରିଥିଲେ। ରାଜ୍ୟପାଳ କହିଥିଲେ ଯେ, ଯୁବପିଢ଼ିଙ୍କୁ ଚାକିରି ଖୋଜୁଥିବା ବ୍ୟକ୍ତି ନୁହେଁ, ବରଂ ଚାକିରି ସୃଷ୍ଟିକାରୀ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ଆବଶ୍ୟକ। ଏଥିପାଇଁ ବିଭିନ୍ନ ଉତ୍ପାଦକୁ ନେଇ ସ୍ୱତନ୍ତ୍ର ପ୍ରକଳ୍ପ ପ୍ରୋଫାଇଲ୍ ପ୍ରସ୍ତୁତ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକର ସୂଚନା ସେଥିରେ ସାମିଲ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏହା ଦ୍ୱାରା ଆଗ୍ରହୀ ଉଦ୍ୟୋଗୀମାନେ ନିଜସ୍ୱ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଉପଲବ୍ଧ ଆର୍ଥିକ ଓ ବୈଷୟିକ ସହାୟତା ସମ୍ପର୍କରେ ସଚେତନ ହୋଇପାରିବେ ଏବଂ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଓ ଉତ୍ସାହ ବୃଦ୍ଧି ପାଇବ। ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟପାଳ ଉଭୟ ଅନୁଷ୍ଠାନରେ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ବୈଦ୍ୟୁତିକ ଯାନ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ପର୍ଯ୍ୟାୟକ୍ରମେ ପେଟ୍ରୋଲ ଓ ଡିଜେଲ ଚାଳିତ ଯାନ ଉପରେ ନିର୍ଭରଶୀଳତା କମାଇବାକୁ ଆହ୍ୱାନ ଜଣାଇଥିଲେ। ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର ବୃଦ୍ଧି ପାଇଁ କ୍ୟାମ୍ପସ ପରିସରରେ ସୌର ପ୍ୟାନେଲ ସ୍ଥାପନ କରିବା ଉପରେ ମଧ୍ୟ ରାଜ୍ୟପାଳ ଗୁରୁତ୍ୱ ଦେଇଥିଲେ।

ଜନକଲ୍ୟାଣମୂଳକ ପଦକ୍ଷେପର ଗୁରୁତ୍ୱ ଉପରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ବିକାଶମୂଳକ ଓ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ଏହା ଦ୍ୱାରା ସେମାନେ ଯୋଜନାଗୁଡ଼ିକର ସୁଫଳ ପାଇବା ସହ ରାଷ୍ଟ୍ର ଗଠନରେ ଅଧିକ ଫଳପ୍ରଦ ଭୂମିକା ନିର୍ବାହ କରିପାରିବେ। ସିଆଇପିଇଟିରେ ରାଜ୍ୟପାଳଙ୍କୁ ପ୍ରିନ୍ସିପାଲ ଡାଇରେକ୍ଟର ଏବଂ ହେଡ୍ ପ୍ରମୋଦ କୁମାର ସାହୁ ସ୍ୱାଗତ କରିଥିଲେ। ସଂସ୍ଥାର ଶିକ୍ଷା, ଦକ୍ଷତା ବିକାଶ, ଗବେଷଣା କାର୍ଯ୍ୟକ୍ରମ ଓ ଶିଳ୍ପ କ୍ଷେତ୍ରକୁ ମିଳୁଥିବା ସହାୟତା ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ରାଜ୍ୟପାଳ ବିଭିନ୍ନ ପରୀକ୍ଷାଗାର ପରିଦର୍ଶନ କରି ଅଧ୍ୟାପକ ଓ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସିଟିଟିସିରେ ରାଜ୍ୟପାଳଙ୍କୁ ଇନ୍-ଚାର୍ଜ ଜେନେରାଲ ମ୍ୟାନେଜର ଡ. କେ. ଏମ. ରାଜନ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିଥିଲେ। ପ୍ରଶିକ୍ଷଣ, ଉତ୍ପାଦନ, ପରାମର୍ଶ ଏବଂ ପ୍ରଯୁକ୍ତି ବିକାଶ କ୍ଷେତ୍ରରେ ଅନୁଷ୍ଠାନର କାର୍ଯ୍ୟକଳାପ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ରାଜ୍ୟପାଳ ବିଭିନ୍ନ ପରୀକ୍ଷାଗାର ଓ ୱର୍କସପ ପରିଦର୍ଶନ କରି ଦକ୍ଷତା ବିକାଶ ଏବଂ ଆଞ୍ଚଳିକ ଶିଳ୍ପ ବିକାଶ କ୍ଷେତ୍ରରେ ସିଟିଟିସିର ଉଲ୍ଲେଖନୀୟ ଅବଦାନକୁ ପ୍ରଶଂସା କରିଥିଲେ।

## ନୂତନ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

**ଚାରିଛକ,୧୮/୬/ଏନ୍ଏନ୍ଏସ୍:** ନିମାପଡ଼ା ଶିକ୍ଷାମଣ୍ଡଳ ଅନ୍ତର୍ଗତ ଅମରେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଯୋଗଦାନ କରିଥିବା ନୂତନ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପୁରାତନ ଛାତ୍ର ସଂସଦ ଦ୍ୱାରା ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପୁରାତନ ଛାତ୍ର ସଂସଦର ସଦସ୍ୟ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ମୁରଲୀଧର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜକିଶୋର ସାହୁ, ଶିକ୍ଷକ ତ୍ରିଲୋଚନ କର, ଶିକ୍ଷକ ପ୍ରଭାତ କୁମାର ଦାଶ, ଅକ୍ଷୟ କୁମାର ସାହୁ, ପ୍ରଫୁଲ୍ଲ କୁମାର କର, ପ୍ରଫୁଲ୍ଲ ସାହୁ ପ୍ରମୁଖ ଯୋଗଦେଇ ନୂତନ ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସଂଗୀତା ଜେନାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ। ଏଥି ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସଂଗୀତା ଜେନାଙ୍କୁ ସ୍ୱାଗତ କରିଥିଲେ।

ନିତିଦିନ NITIDIN

# ୭ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ରଥଯାତ୍ରା ଦାୟିତ୍ୱ

**ପୁରୀ,୧୮/୬/ଏନ୍ଏନ୍ଏସ୍:** ରଥଯାତ୍ରା ପୂର୍ବରୁ ସରକାରଙ୍କ ବଡ ନିଷ୍ପତ୍ତି। ଅଘଟଣମୁକ୍ତ ଓ ଶୃଙ୍ଖଳିତ ରଥଯାତ୍ରା ପାଇଁ ଅଣ୍ଟା ଭିଡିଲେ ସରକାର। ରଥଯାତ୍ରା ବାବଦରେ ବିଶେଷ ଅଭିଜ୍ଞତା ଥିବା ୭ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କୁ ଏଥର ସୁପରିଚାଳନା ଦାୟିତ୍ୱ ଦିଆଯାଇଛି। ଚଳିତ ବର୍ଷ ଯେଭଳି ରଥଯାତ୍ରାରେ ବିଶୃଙ୍ଖଳା ନ ହୁଏ ସେ ନେଇ ସରକାରଙ୍କୁ ଏକ ଅଜଣା ଭୟ ଘାରିଛି। ଏଣୁ ସରକାର



## ଏ ଆଇ କ୍ୟାମେରା ନଜରରେ ପୁରୀ

ରଥଯାତ୍ରା ପରିଚାଳନାରେ ଅଭିଜ୍ଞତା ରଖୁଥିବା ଅଧିକାରୀଙ୍କୁ ଦାୟିତ୍ୱ ଦେଇଛନ୍ତି। ଏହି ବରିଷ୍ଠ ଅଧିକାରୀ ମାନେ ଘନ ଘନ ପୁରୀ ଗସ୍ତ କରି ବିଭିନ୍ନ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରୁଛନ୍ତି। ଚଳିତ ବର୍ଷ ସମ୍ପୂର୍ଣ୍ଣ ପୁରୀ ସହରକୁ ଅତ୍ୟାଧୁନିକ ଏଆଇ କ୍ୟାମେରା ନଜରରେ ରଖାଯିବ। ଉତ୍ତରା ଛକରୁ ପୁରୀ ପର୍ଯ୍ୟନ୍ତ ଏଆଇ ସିସିଟିଭି କ୍ୟାମେରା ଲାଗିବ। ଏହା ଦ୍ୱାରା ଯେଉଁ ସ୍ଥାନରେ ଭିଡ଼ ହେଉଛି ତାହା ଚିହ୍ନଟ କରାଯାଇ ସଙ୍ଗେ ସଙ୍ଗେ ଭିଡ଼ ନିୟନ୍ତ୍ରଣ ନେଇ ପଦକ୍ଷେପ ଗ୍ରହଣ କରାଯିବ। ଡ୍ରୋନ ମାଧ୍ୟମରେ ମଧ୍ୟ ଭିଡ଼ ନିୟନ୍ତ୍ରଣ କରାଯିବ। ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ନକ୍ସା ପ୍ରସ୍ତୁତ ହୋଇଛି। ତେବେ ବଡଦାଣ୍ଡରେ ଏଆଇ କ୍ୟାମେରା ଲଗାଯାଉଛି। ଓସିସିସି ପକ୍ଷରୁ ଏହି ଦାୟିତ୍ୱ ନିଆଯାଇଛି। ପୂର୍ବ ବର୍ଷ ୨୫୦ ରୁ ଅଧିକ ଏଆଇ କ୍ୟାମେରା ଲଗାଯାଇଥିଲା। ଚଳିତ ବର୍ଷ ଆହୁରି ଅଧିକ ସିସିଟିଭି କ୍ୟାମେରା ଲଗାଯାଉଛି। ତେବେ ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣ ନେଇ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହେଉଛି। ଏକାଧିକ ରାସ୍ତାକୁ ୱାନ ୱେ କରଯାଇଛି। ବଡଦାଣ୍ଡ ସହ ପ୍ରତ୍ୟେକ ଗଳିରେ ଅତ୍ୟାଧୁନିକ ଏଆଇ କ୍ୟାମେରା ଲଗାଯାଇଛି। ଭିଡ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଉଛି। ଅନେକ ସମୟରେ ସବୁ ଗଳି ବନ୍ଦ କରିଦେବା ଫଳରେ ଗଳି ସବୁ ଜାମ୍ ହୋଇଯାଉଛି। ଏଣୁ ଏଥର ଭିଡ ନିୟନ୍ତ୍ରଣ ପାଇଁ ନୂଆ ବ୍ୟବସ୍ଥା ହେଉଛି। ବସଷ୍ଟାଣ୍ଡରୁ ବଡଦାଣ୍ଡ, ରେଳ ଷ୍ଟେସନ୍ ରୁ ବଡଦାଣ୍ଡ, ବଡଦାଣ୍ଡରୁ ସମୁଦ୍ର ଭଳି ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ଭିଡ଼ ମୁକ୍ତ କରିବାକୁ ଯୋଜନା ହୋଇଛି। ପାଦଚଲା ଘୋଷଣା ହେବାକୁ ଥିବା ରାସ୍ତାରେ କୌଣସି ଯିବାକୁ ଅନୁମତି ଦିଆଯିବ ନାହିଁ। ଗତବର୍ଷ ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିର ନିକଟରେ ଦଳାଚକଟାରେ ୩ ଜଣ ଭକ୍ତଙ୍କ ମୃତ୍ୟୁ ହେଇଥିଲା। ପହୁଡ଼ ଫିଟିବା ନେଇ ଭକ୍ତଙ୍କୁ କୌଣସି ସୂଚନା ଆଗୁଆ ଦିଆଯାଇନଥିଲା। ହଠାତ୍ ପହୁଡ଼ ଫିଟିବାରୁ ଭକ୍ତଙ୍କ ମଧ୍ୟରେ ଦଳାଚକଟା ହୋଇଥଲା। ଏଣୁ ଏଥର ରଥଯାତ୍ରାର ଟିକିନିଖି ତଥ୍ୟ ଲୋକଙ୍କୁ ପ୍ରତି ମିନିଟରେ ସୂଚନା ପ୍ରଦାନ କରାଯିବ। ପୁରୀ ସହର ସାରା ୬୫ ଟି ଏଲଇଡି ସ୍କ୍ରିନରେ ଭକ୍ତଙ୍କୁ ପ୍ରତ୍ୟେକ ସୂଚନା ପ୍ରଦାନ କରାଯିବ। ଏଥର ଏକ ନୂଆ ଚାରମାଳ ସେଟ୍ ମଧ୍ୟ ଶ୍ରୀଗୁଣ୍ଡିଚା ମନ୍ଦିର ପାଇଁ କରାଯାଇଛି। ମହାପ୍ରଭୁ ରଥ ଉପରେ ଥିବା ବେଳେ ମାଟିଆପଡ଼ା ଛକ ଓ ବଡ଼ଶଙ୍ଖ ଆଡୁ ଆସୁଥିବା ଭକ୍ତଙ୍କୁ ଏକାଧିକ ଧାଡି କରାଯାଇ ରଥ ସାମନା ଦେଇ ନାକଚଣା ଦୁଆର ସାମନାରେ ବାହାରିବା ବ୍ୟବସ୍ଥା ହେବ। ଏହି ବାଟ ଦେଇ ଫେରିବା ପାଇଁ ସୁଯୋଗ ଦିଆଯିବ ନାହିଁ। ଓଡ଼ିଆ ଅଧିକାରୀଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ରଥଯାତ୍ରା ପରିଚାଳନା ଦାୟିତ୍ୱରେ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ରହିଥିବା ବେଳେ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଓ ଅନୁପ କୁମାର ସାହୁଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ରୀମନ୍ଦିର ଭିତରେ ପହଣ୍ଡି, ନୀତି ଶୃଙ୍ଖଳା ଦାୟିତ୍ୱରେ ପିନାକ ମିଶ୍ର ରହିଥିବା ବେଳେ ସିଂହଦ୍ୱାରରେ କର୍ଡନ ଦାୟିତ୍ୱରେ ସାର୍ଥକ ଷଡ଼ଙ୍ଗୀ ଦାୟିତ୍ୱ ତୁଲାଇବେ। ଏଡିଜି ସଞ୍ଜୀବ ପଣ୍ଡା ଓ କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାୟକ ଭିଡ ଓ ଟ୍ରାଫିକ ନିୟନ୍ତ୍ରଣ ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରେ ରହିଛନ୍ତି। ଏହି ୭ ଜଣ ବରିଷ୍ଠ ଆଇପିଏସଙ୍କ ସହ ଚରଣ ସିଂ ମିନା, ଅମିତାଭ ଠାକୁର, କେ ବିଶାଲ ସିଂ ପ୍ରମୁଖଙ୍କୁ ଗୁରୁ ଦାୟିତ୍ୱ ଦିଆଯାଇଛି। କେନ୍ଦ୍ରାଞ୍ଚଳ ପୋଲିସ୍ ଆଇଜି ସତ୍ୟଜିତ୍ ନାୟକ କହିଛନ୍ତି, ''ଚଳିତବର୍ଷ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ପୋଲିସ୍ ବିଭାଗ ପୁରୀ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ, ବରିଷ୍ଠ ସେବାୟତଙ୍କ ଏକାଧିକ ବୈଠକ କରଯାଇଛି। ସମନ୍ୱୟ ରଖାଯାଇ କିଭଳି ସବୁ କାର୍ଯ୍ୟ ହେବ ସେ ନେଇ ଗୁରୁତ୍ୱ ଦିଆଯାଉଛି। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ କିଭଳି ଭିଡ଼ ନିୟନ୍ତ୍ରଣ ହେବ ସେ ନେଇ ମୁଁ ନିଜେ ଯାଇ ଯୋଜନା ପ୍ରସ୍ତୁତ କରିଛି। ବିଶେଷ କରି ଗୁଣ୍ଡିଚା ମନ୍ଦିରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣ ପାଇଁ ଆମେ ଏଆଇ କ୍ୟାମେରା ଓ ଡ୍ରୋନ ବ୍ୟବହାର କରିବୁ। ଭକ୍ତଙ୍କୁ ପ୍ରବଳ ଗୁଳୁଗୁଳି ରକ୍ଷା ଦେବା ପାଇଁ ପାନୀୟ ଜଳ ବ୍ୟବସ୍ଥା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ସ୍ନାନଯାତ୍ରାରେ ଭିଡ଼ ନିୟନ୍ତ୍ରଣ, ଶୃଙ୍ଖଳିତ ଦର୍ଶନ, ଅଣସରରେ ପ୍ରଭୁ ଆଲାରନାଥଙ୍କ ଠାରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ଜାରି ରହିଛି। ସମୁଦ୍ର ପଥରେ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଉଛି। ବୋଟ୍ ପେଟ୍ରୋଲିଂ କରାଯିବ। ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ''ଚଳିତ ବର୍ଷ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ବଡଦାଣ୍ଡରେ ୮ ଟି ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିବ। ସେଠାରେ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ସ୍ୱୋ ଲୋକଙ୍କୁ ଯୋଗାଇ ଦିଆଯିବ। ଅଧିକ ଫାଷ୍ଟଏଡ୍ ସେଣ୍ଟର ରହିବ। ଅଧିକ ଡାକ୍ତରଙ୍କୁ ନିୟୋଜିତ କରାଯିବ। ଲୋକଙ୍କୁ ସ୍ୱାସ୍ଥ୍ୟ ସ୍ୱୋ ଯୋଗାଇ ଦେବାକୁ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ଅଧିକ ଆମ୍ବୁଲାନ୍ସ ରହିବ। ବଡଦାଣ୍ଡକୁ ସଂଯୋଗ କରୁଥିବା ରାସ୍ତା ଗୁଡ଼ିକରେ ଭିଡ ନିୟନ୍ତ୍ରଣ ପାଇଁ ଅଧିକ ପୋଲିସ୍, ମାଜିଷ୍ଟ୍ରେଟ ମୁତୟନ ରହିବେ। ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଏସଓପି ରହିବ। ଗୁଣ୍ଡିଚା ମନ୍ଦିର ନିକଟରେ ଭିଡ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଏସଓପି ହେବ। ବଡ଼ଦାଣ୍ଡରେ ଥିବା ଅସୁରକ୍ଷିତ କୋଠା ଘର ଉପରେ ଭକ୍ତ ମାନେ ବସିବା ପାଇଁ ସଂପୂର୍ଣ୍ଣ କଟକଣା ରହିବ। ଉଦ୍ଧାର କାର୍ଯ୍ୟ ପାଇଁ ଅଗ୍ନିଶମ ଟିମ୍ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ମୁତୟନ ରହିବେ।

## ବେଆଇନ୍ ନିର୍ମାଣ ବନ୍ଦ୍‌କଲେ ତହସିଲ୍‌ଦାର୍

**ଅସ୍ତରଙ୍ଗ,୧୮/୬/ଏନ୍ଏନ୍ଏସ୍:** ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ଛୁରିଆନା ଗ୍ରାମପଞ୍ଚାୟତର ପର୍ଯ୍ୟଟନସ୍ଥଳୀ ପୀରଜାହାନିଆଁ ଠାରେ ଜଣେ ବ୍ୟକ୍ତି ବେଆଇନ୍ ଭାବେ ସରକାରୀ ଜମିରେ ନିର୍ମାଣକୁ ତହସିଲ ପ୍ରଶାସନ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତିଙ୍କ ନିର୍ଦ୍ଦେଶରେ ମାଣ୍ଡୁକି ସର୍କଲ ରାଜସ୍ୱ ନିରୀକ୍ଷକ ତପନ କୁମାର ପୃଷ୍ଟି ଗତ ମଙ୍ଗଳବାର ନିର୍ମାଣ ସ୍ଥଳ ପରିଦର୍ଶନ କରି ଉକ୍ତ ସ୍ଥାନର ସ୍ଥିତି ସମ୍ପର୍କରେ ତହସିଲଦାରଙ୍କୁ ଅବଗତ କରାଇଥିଲେ। ବୁଧବାର ତହସିଲଦାର ଶ୍ରୀମତୀ ପତି ନିଜେ ଉକ୍ତ ସ୍ଥାନକୁ ପରିଦର୍ଶନ କରି ଜାଣିବାକୁ ପାଇଲେ ଯେ ଉକ୍ତ ଜମି ରକ୍ଷିତ ଅବାଦ ଯୋଗ୍ୟ ଅନାବାଦି ଯାହାକି ଛୁରିଆନା ମୌଜାରେ ଅନ୍ତର୍ଭୁକ୍ତ। ଏଣୁ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଠାରେ ପ୍ରଶ୍ନ ଉଠୁଛି କିଭଳି ଭାବେ ସରକାରୀ ଜମିରେ ୭ ଗୋଟି କଟେଜ୍ ଜଣେ ବ୍ୟକ୍ତି ବିନା ଅନୁମତିରେ ଏଠାରେ ନିର୍ମାଣ କଲା ତାହା ଅଞ୍ଚଳବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ବେଆଇନ୍ ନିର୍ମାଣକୁ ବନ୍ଦ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି।

## ୧୯୯୭ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

**ମାହାଙ୍ଗା,୧୮/୬/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଂଚାୟତ ସିପୁରା ସ୍ଥିତ ସୁନୁପେଇ ବିଦ୍ୟାପୀଠ ୧୯୯୭ ମସିହା ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ପୁରାତନ ଛାତ୍ରବାଦଲ କୁମାର ରାଉତରାୟ, ସନ୍ତୋଷ ରାଉତରାୟ, ସୁଶାନ୍ତ କୁମାର ସାହୁ, ନିରଞ୍ଜନ ରାଉତରାୟଙ୍କ ତତ୍ତ୍ୱାବଧାନରେ ଲକ୍ଷ୍ମୀମଣ୍ଡପଠାରେ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ରଛାତ୍ରୀ ସର୍ବଶ୍ରୀ ରିନାରାଣୀ ରାଉତରାୟ, ଜ୍ୟୋତିର୍ମୟୀ ମହାନ୍ତି, ମମତା କର, ନମିତା ରାଉତରାୟ, ସୁଚିସ୍ମିତା ରାଉତରାୟ, ସତ୍ୟବ୍ରତ ରାଉତରାୟ ସୁମନ୍ତ ବେହେରା, ଜୟନ୍ତ କୁମାର ଜେନା, ସାଗରିକା ମହାନ୍ତି, ବିଶ୍ୱରଞ୍ଜନ ଜେନା, ମଧୁସ୍ମିତା ରାଉତରାୟ, ଜୟନ୍ତ ଜେନା, ସତ୍ୟଜିତ ମହାନ୍ତି, ସଂଘମିତ୍ରା ଜେନା, ବିଶ୍ୱରଞ୍ଜନ ଜେନା, ଶ୍ୟାମସୁନ୍ଦର ଦଳାଇ, ଗଣେଶ ଚନ୍ଦ୍ର ଦାସଙ୍କ ସମେତ ଏହି ବ୍ୟାଚର ବହୁ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଦୀର୍ଘ ୨୯ ବର୍ଷ ବିଦ୍ୟାଳୟ ଜୀବନ ସମୟରେ ଛାତ୍ରଛାତ୍ରୀମାନେ ବିତି ଯାଇଥିବା ବିଦ୍ୟାଳୟ ଜୀବନ ସମୟର ସ୍ମୃତିକୁ ରୋମନ୍ଥନ କରିଥିଲେ। ପ୍ରାରମ୍ଭରେ ସ୍ଥାନୀୟ ସୁନୁପେଇ ମନ୍ଦିର ପରିସରରେ ସମସ୍ତ ଛାତ୍ରଛାତ୍ରୀମାନେ ପୂଜାର୍ଚ୍ଚନା କରିଥିଲେ।

## ରକ୍ତଦାନ ସେବାରେ ବ୍ରତୀ ସମାଜସେବୀ



**ଫୁଲନଖରା,୧୮/୬/ଏନ୍ଏନ୍ଏସ୍:** ସାମାଜିକ ସଙ୍ଗଠନ ରମା ଦେବୀ ସ୍ୱୋ ସଂଗଠନର ସଂପାଦକ ସମାଜସେବୀ, ରକ୍ତଦାତା ଇଂ. ଗୋପାଳ କୃଷ୍ଣ ଦାସ ୪୬ ବର୍ଷ ବୟସରେ ୬୬ ଥର ରକ୍ତଦାନ କରି ରକ୍ତଦାନ ଆନ୍ଦୋଳନର ଏକ କ୍ରାନ୍ତିକାରୀ ବଳିଷ୍ଠ ଆହ୍ୱାନ ସୃଷ୍ଟି କରିଛନ୍ତି। ସେ ଅସହାୟ ଲୋକମାନଙ୍କ ସ୍ୱୋ, କର୍କଟ ରୋଗୀଙ୍କୁ ସେବା ସହଯୋଗ, ରକ୍ତଦାନ ଶିବିର, ଅଙ୍ଗଦାନ ସଚେତନତା, ପରିବେଶ ସୁରକ୍ଷା,କମ୍ବଳ ଓ ଖାଦ୍ୟ ବଣ୍ଟନ, ନିୟମିତ ଏସସିବି କଟକ, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର କଟକ ସହ ରାଜଧାନୀର ବିଭିନ୍ନ ଚିକିତ୍ସାଳୟ ମାନଙ୍କରେ ରୋଗୀଙ୍କୁ ରକ୍ତ ଯୋଗାଇବା ସହ ସେବା ସହାୟତା ପ୍ରଦାନ କରନ୍ତି। ନିଜ ଜନ୍ମ ଦିନ ଓ ବିବାହ ବାର୍ଷିକରେ ରକ୍ତଦାନ ଶିବିର ଆୟୋଜନ କରନ୍ତି। ବରୀ ମାଟିର କୃତୀ ସନ୍ତାନ ବହୁମୁଖୀ ପ୍ରତିଭା ଆଇଟି ଗବେଷକ ଗୋପାଳକୃଷ୍ଣ ସାହିତ୍ୟ ସେବା, ସଂସ୍କୃତି ସୁରକ୍ଷା, ଜନ ସଚେତନତା, ରକ୍ତଦାନ, ପରିବେଶ ସୁରକ୍ଷା ଓ ସମାଜସେବାରେ ବ୍ରତୀ। ସାହିତ୍ୟ ସାଧନା ନେଇ ସେ ନିଜେ ୱେବ୍‌ସାଇଟ ଓ ଆଣ୍ଡ୍ରଏଡ୍ ମୋବାଇଲ ଆପ ତିଆରି କରିଛନ୍ତି। ତାଙ୍କ ୱେବସାଇଟ୍‌ରେ ତାଙ୍କ ଗଳ୍ପ, ଉପନ୍ୟାସ, କବିତା ବିନା ମୂଲ୍ୟରେ ଉପଲବ୍ଧ। ତାଙ୍କ ଆଣ୍ଡ୍ରଏଡ୍ ଆପ୍ 'ସ୍ୱାଭିମାନ' ମଧ୍ୟ ଗୁଗୁଲ୍ ପ୍ଲେ ଷ୍ଟୋରରେ ଉପଲବ୍ଧ ହେଉଛି।

## ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ କ୍ୱାର୍ଟର୍ ମରାମତି କେବେ

**କଣ୍ଟିଲୋ,୧୮/୬/ଏନ୍ଏନ୍ଏସ୍:** ଆଦି ପୀଠ ତଥା ପ୍ରମୁଖ ପର୍ଯ୍ୟଟନ ସ୍ଥଳ ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ କ୍ୱାର୍ଟର ବହୁ ବର୍ଷହେଲା ଗଛଲତା ମାଡ଼ି ଭାଙ୍ଗି ପରିତ୍ୟକ୍ତ ଓ ଅବ୍ୟବହୃତ ପରିସ୍ଥିତିରେ ବର୍ଷବର୍ଷ ଧରି ପଡି ରହିଥିବା ହେତୁ ଏହାର ମରାମତି କିମ୍ବା ନୂତନ ଭାବେ ନିର୍ମାଣ କରିବା ପାଇଁ ବହୁବାର ଗଣମାଧ୍ୟମରେ ଖବର ପ୍ରସାରିତ ହୋଇଥିଲେ ମଧ୍ୟ ଆଜି ସୁଦ୍ଧା କୌଣସି ଫଳପ୍ରଦ ହୋଇପାରି ନାହିଁ। ଆଉ କେବେ ଡାକ୍ତର ରହିବା ପାଇଁ ବ୍ୟବସ୍ଥା ହେବ ବୋଲି ଅଭିଯୋଗ ହେଉଛି। ଯାହାଫଳରେ ନୂତନ ଭାବେ ଜଏନ କରିଥିବା ଡାକ୍ତରମାନେ ବାହାରେ ଭଡ଼ା ଘରେ ରହିବାରେ ବହୁ ଅସୁବିଧା ହେଉଛି। ବର୍ତ୍ତମାନ କ୍ୱାର୍ଟର୍‌ରେ ବିଷଧର ସାପମାନେ ନିଜର ଚରାଭୂଇଁ ଓ ବାସ ସ୍ଥାନ କରିଛନ୍ତି। କ୍ୱାର୍ଟରଟି ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହେବା ପୂର୍ବରୁ ଯଥାଶୀଘ୍ର ଏହାର ମରାମତି କିମ୍ବା ନୂତନ ଭାବେ ନିର୍ମାଣ କରିବାକୁ ଦାବି ହେଉଛି।

## ସ୍ତ୍ରୀ ମୃତ୍ୟୁର ୫ଦିନ ପରେ ସ୍ୱାମୀ ମୃତ

**ଚାରିଛକ,୧୮/୬/ଏନ୍ଏନ୍ଏସ୍:** ଚାରିଛକ ନିକଟସ୍ଥ ଆମ୍ଭୋର ଗ୍ରାମରେ ଘଟିଛି ଏକ ଦୁଃଖଦ ଘଟଣା। ସ୍ତ୍ରୀ ମରିବାର ୫ଦିନରେ ସ୍ୱାମୀ ମରିବା ଘଟଣା ସାରା ଅଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନା ମୁତାବକ ଉକ୍ତ ଗ୍ରାମର ଅବନ୍ତି ପଟ୍ଟନାୟକ(୬୨) ଗତ ରବିବାର ୧୪ ତାରିଖ ଦିନ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବା ନିମନ୍ତେ କାର୍ଡ ବାଣ୍ଟିବାକୁ ଯାଇଥିବା ସମୟରେ ଆଜି ସ୍ୱାମୀ ସୁକାନ୍ତ ପଟ୍ଟନାୟକ(୬୭) ନିକଟସ୍ଥ ନଡଣା ଗ୍ରାମରେ ନିମନ୍ତ୍ରଣ କାର୍ଡ ବାଣ୍ଟୁଥିବା ସମୟରେ ସେଠାରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକମାନେ ସେଠାରୁ ତାଙ୍କୁ ଉଦ୍ଧାରକରି ଚାରିଛକ ଡାକ୍ତରଖାନାକୁ ପଠାଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ଦେଇଥିଲେ।

## ଅନ୍ତର୍ଜାତୀୟ ଯୋଗ ଦିବସ ପ୍ରସ୍ତୁତି ବୈଠକ

**ପୁରୀ,୧୮/୬/ଏନ୍ଏନ୍ଏସ୍:** ଜୁନ ୨୧ ଆନ୍ତର୍ଜାତୀୟ ଯୋଗ ଦିବସ। ପୁରୀ ଜିଲ୍ଲାରେ ଏହାକୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ଆଜି ପୂର୍ବାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଓସୱାନ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଚଳିତ ବର୍ଷ ଆନ୍ତର୍ଜାତୀୟ ଯୋଗ ଦିବସ ଜିଲ୍ଲା, ବ୍ଲକ, ଏନଏସି ଓ ଗ୍ରାମ ପଞ୍ଚାୟତ ସ୍ତରରେରେ ଆୟୋଜନ ଓ ଯୋଗର ଉପକାରିତା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବା ସମ୍ପର୍କରେ ଗୁରୁତ୍ୱ ଦେଇଥିଲେ। ଏହାକୁ ନିଷ୍ଠା ଓ ଶୃଙ୍ଖଳିତ ଭାବେ ପାଳନ ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ଯୋଗ ଦ୍ୱାରା ମନୁଷ୍ୟ କେବଳ ସୁସ୍ଥ ଓ ସତେଜ ରହେ ନାହିଁ, ଅନେକ ରୋଗକୁ ମଧ୍ୟ ଦୂରେଇ ପାରେ ବୋଲି କହିବା ସହ ବିଭାଗୀୟ ଅଧିକାରୀମାନଙ୍କୁ ଏହାକୁ ପରିଚାଳନା ପାଇଁ ଯେଉଁ ଦାୟିତ୍ୱ ଦିଆଯାଉଛି ତାକୁ ସଠିକ ଭାବେ ଅନୁପାଳନ ପାଇଁ ପରାମର୍ଶ ଦେଇଥିଲେ। ସମସ୍ତ ବ୍ଲକ, ଏନଏସି, ପଞ୍ଚାୟତ ଓ ଜିଲ୍ଲା ସ୍ତରରେ ଏହା ପାଳନ ହେବାକୁ ଯାଉ ଥିବାରୁ ଆଭାସୀ ମାଧ୍ୟମରେ ସମସ୍ତ ଅଧିକାରୀମାନଙ୍କୁ ଏଥିରେ ସାମିଲ କରାଯାଇଥିଲା। ନିଷ୍ପତ୍ତି ମୁତାବକ ସମସ୍ତ ବ୍ଲକ, ଏନଏସି, ପଞ୍ଚାୟତମାନଙ୍କରେ ସେହି ଅଞ୍ଚଳରେ କାର୍ଯ୍ୟ କରୁଥିବା ଯୋଗ ସମିତିର ସଦସ୍ୟ ମାନଙ୍କ ସହଯୋଗ ନେଇ ଏହା ଆରମ୍ଭ ହେବ। ସେହିପରି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ବ୍ଲୁ ଫ୍ଲାଗ ବିଚ୍ ଠାରେ ଚଳିତ ମାସ ୨୧ ତାରିଖ ପ୍ରତ୍ୟୁଷ ୬ ଘଟିକାରୁ ଆରମ୍ଭ ହେବ। ସେହିପରି କୋଣାର୍କ ସୂର୍ଯ୍ୟମନ୍ଦିରଠାରେ କୋଣାର୍କ ଏନ ଏ ସି ପକ୍ଷରୁ ଏହା ପାଳନ କରାଯିବ। ଜୁନ ୨୧ ତାରିଖ ସକାଳ ୬ଟାରୁ ନାମ ପଞ୍ଜିକରଣ କରିବା ପରେ ଅତିଥିମାନଙ୍କ ଆଗମନ, ସଭା ଓ ପରେ ସକାଳ ୮ ଘଟିକା ପର୍ଯ୍ୟନ୍ତ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନୋଡାଲ ଅଫିସର ତଥା ଜିଲ୍ଲା କ୍ରୀଡ଼ାଧିକାରୀ ଚନ୍ଦନ କୁମାର ସାହୁ ସୂଚନା ଦେଇଛନ୍ତି। ବୈଠକରେ ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ବଳରାମ ପାତ୍ର, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଶିକ୍ଷାଧିକାରୀଙ୍କ ପ୍ରତିନିଧି ମହେନ୍ଦ୍ର ବିଶ୍ୱାଳ, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ପୁରୀ ଯୋଗ ମହୋତ୍ସବ ସମିତିର ସଂଯୋଜକ ବୈଦ୍ୟନାଥ ମହାସୁଆର, ଡ. ଆଲୋକ ସ୍ୱାଇଁ, ଜନ୍ମେଶ୍ୱର ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ।

## ସାମାଜିକ ସଙ୍ଗଠନର ମିଶ୍ରଣପର୍ବ



**ବୟାଳିଶମୌଜା,୧୮/୬/ଏନ୍ଏନ୍ଏସ୍:** କଟକ ସଦର ନିର୍ବାଚନ ମଣ୍ଡଳୀର ଅଗ୍ରଣୀ ସାମାଜିକ ସଙ୍ଗଠନ ୟୁନିୟନ୍ ଫର୍ କଟକସଦର ଡେଭେଲପ୍‌ମେଣ୍ଟ୍‌ର ମିଶ୍ରଣପର୍ବ ୪୨ମୌଜା କଲପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ତଥା ଶିକ୍ଷାବିତ ମନୋଜ ନାୟକଙ୍କ ଉପସ୍ଥିତିରେ ୩୦ଜଣ ବ୍ୟକ୍ତି ନୂତନ ସଦସ୍ୟ ଭାବେ ଯୋଗଦେଇଥିଲେ। ପ୍ରତାପ କେଶରୀ ଜେନା, ଧ୍ରୁବ ରଣା, ସୁକାନ୍ତ ନାୟକ, ଶ୍ରୀକାନ୍ତ ରାଉତ, ତ୍ରିଲୋଚନ ସାହୁ, ବିଶ୍ୱଜିତ ମହାପାତ୍ର, ପ୍ରକାଶ ସାହୁ, ସୂର୍ଯ୍ୟକାନ୍ତ ଦାସ, କୁମ୍ଭକାର ସଂଘର ସଭାପତି ନିରଞ୍ଜନ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ମିଶ୍ରଣ ପର୍ବରେ ବିଜୟ ନାୟକ, ଅଭିମନ୍ୟୁ ସାହୁ, ସରୋଜ ସାସମଲ, ସୁଦର୍ଶନ ଜେନା, ଚନ୍ଦନ ପରିଡ଼ା, ଆଶିଷ ମହାନ୍ତି ଉପସ୍ଥିତ ଥିଲେ। ଆଗାମୀ ସପ୍ତାହରେ ଅନ୍ୟଦଳ ଛାଡ଼ି ଶତାଧିକ କର୍ମୀ ଉକ୍ତ ସଙ୍ଗଠନ ସହିତ ଜଡ଼ିତ ହେବେ ବୋଲି ସଙ୍ଗଠନର ବରିଷ୍ଠ ଉପଦେଷ୍ଟା ବିଜୟ ନାୟକ କହିଛନ୍ତି।

# ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ କଳାକାରଙ୍କ ଉପସ୍ଥାପନକୁ ରାଷ୍ଟ୍ରପତି ଭବନରେ ପ୍ରଶଂସା

**ସାକ୍ଷୀଗୋପାଳ,୧୮/୬/ଏନ୍ଏନ୍ଏସ୍:** ଓଡ଼ିଶାର ପ୍ରସିଦ୍ଧ ଗଣପର୍ବ 'ରଜ' ଉପଲକ୍ଷେ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ଏକ ସ୍ୱତନ୍ତ୍ର ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ପରମ୍ପରାର ଅନନ୍ୟ ଝଲକ ପ୍ରଦର୍ଶିତ ହୋଇଛି। ଏହି ଅବସରରେ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ଓଡ଼ିଶୀ ନୃତ୍ୟଶିଳ୍ପୀମାନେ ଚିରସ୍ରୋତା ଖୁଣ୍ଟିଆଙ୍କ ନେତୃତ୍ୱରେ ଦୁଇଟି ଉଚ୍ଚକୋଟୀର ନୃତ୍ୟ ଉପସ୍ଥାପନା କରି ଦର୍ଶକଙ୍କ ପ୍ରଶଂସା ସାଉଁଟିଛନ୍ତି। ମହାମହିମ ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଭକ୍ତ କବି ସାଲବେଗଙ୍କ ଅମର ରଚନା 'ଆହେ ନୀଳ ଶୈଳ' ଉପରେ ଆଧାରିତ ଏକ ଭାବପୂର୍ଣ୍ଣ ଓଡ଼ିଶୀ ନୃତ୍ୟ ଉପସ୍ଥାପିତ ହୋଇଥିଲା। ଜଣେ ମୁସଲିମ ହୋଇ ମଧ୍ୟ ପ୍ରଭୁ ଜଗନ୍ନାଥଙ୍କ ପ୍ରତି ସାଲବେଗଙ୍କ ଅତୁଟ ଭକ୍ତି, ଦର୍ଶନ ପାଇଁ ତାଙ୍କର ଆକୁଳତା ଓ ପ୍ରଭୁଙ୍କ କୃପାକୁ ନୃତ୍ୟ ଓ ଅଭିନୟ ମାଧ୍ୟମରେ ଅତ୍ୟନ୍ତ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଥିଲା। ଏହି ନୃତ୍ୟରେ ଶ୍ରୀମତୀ ଚିରସ୍ରୋତା ଖୁଣ୍ଟିଆଙ୍କ ସହ ଶୁଭଲକ୍ଷ୍ମୀ ରାଉତ, ଲିଜାଲିନ୍ ପ୍ରଧାନ, ଶ୍ରୀତନୟା ଜେନା, ପ୍ରଶାନ୍ତ କୁମାର ସାହୁ, ପ୍ରତ୍ୟୁଷା ପ୍ରିୟଦର୍ଶିନୀ ଓ ରଘୁନାଥ ପ୍ରଧାନ ପ୍ରମୁଖ କଳାକାର ଅଂଶଗ୍ରହଣ କରିଥିଲେ। ଗୁରୁ ଲିଙ୍ଗରାଜ ସ୍ୱାଇଁଙ୍କ ନୃତ୍ୟ ନିର୍ଦ୍ଦେଶନା, ଏହି ପରିବେଷଣକୁ ଅଧିକ ଆକର୍ଷଣୀୟ କରିଥିଲା। ଏହାପରେ ଓଡ଼ିଶାର ପ୍ରସିଦ୍ଧ ଗଣପର୍ବ 'ରଜ' ଉପରେ ଆଧାରିତ 'ବନସ୍ତେ ଡାକିଲା ଗଜ' ଉପସ୍ଥାପନ କରାଯାଇଥିଲା। ରଜ ପର୍ବର ବିଭିନ୍ନ ପର୍ଯ୍ୟାୟ, ଲୋକଜୀବନ, ପାରମ୍ପରିକ ରୀତିନୀତି, ଦୋଳି ଖେଳ, ପୋଡ଼ପିଠା ଓ ଓଡ଼ିଆ ସଂସ୍କୃତିର ମାଧୁର୍ଯ୍ୟକୁ ନୃତ୍ୟ ମାଧ୍ୟମରେ ଚମତ୍କାର ଭାବରେ ଚିତ୍ରଣ କରାଯାଇଥିଲା। ଏହି ନୃତ୍ୟରେ ଚିରସ୍ରୋତା ଖୁଣ୍ଟିଆ, ଶୁଭଲକ୍ଷ୍ମୀ ରାଉତ, ଲିଜାଲିନ୍ ପ୍ରଧାନ, ସୁଚିସ୍ମିତା ସ୍ୱାଇଁ, ନାଗେନ୍ଦ୍ରନନ୍ଦିନୀ ସାହୁ, ଶ୍ରୀତନୟା ଜେନା, ପ୍ରତ୍ୟୁଷା ପ୍ରିୟଦର୍ଶିନୀ, ପ୍ରଶାନ୍ତ କୁମାର ସାହୁ, ରଘୁନାଥ ପ୍ରଧାନ ଓ ଗୁରୁ ଲିଙ୍ଗରାଜ ସ୍ୱାଇଁ ଏବଂ ବଦ୍ରିନାରାୟଣ ଖୁଣ୍ଟିଆ ଅଂଶଗ୍ରହଣ କରିଥିଲେ। ଏହି ଗୌରବମୟ ମାଧ୍ୟମରେ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ଓ ଏହାର କଳାକାରମାନେ ଜାତୀୟସ୍ତରରେ ଓଡିଶାର ସଂସ୍କୃତି ଐତିହ୍ୟ ଓ ଜଗନ୍ନାଥ ସଂସ୍କୃତିକୁ ସଫଳତାର ସହ ପ୍ରତିନିଧିତ୍ୱ କରି ରାଜ୍ୟ ତଥା ସତ୍ୟବାଦୀ ପାଇଁ ଗୌରବ ଆଣିଛନ୍ତି।




## ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କ ଅନଶନ

**ଚାରିଛକ,୧୮/୬/ଏନ୍ଏନ୍ଏସ୍:** ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ତାଙ୍କର କିଛି ସମସ୍ୟା ନେଇ ଗୁରୁବାର ଦିନ ଅନ୍ନଶନରେ ବସିଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ଚତୁର୍ଥ ଶ୍ରେଣୀ କର୍ମଚାରୀ ତ୍ରିଲୋଚନ ଗୋଛାୟତ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ମାତ୍ର ତାଙ୍କୁ ଆକ୍ରୋଷ ମୂଳକ ଭାବେ ସେଠାରୁ ଅନ୍ୟତ୍ର ବଦଳି କରାଯାଇଥିଲା। ସେହି ଦିନଠାରୁ ସେ ଶାରୀରିକ ଓ ମାନସିକ ଯନ୍ତ୍ରଣାରେ ଦିନ କାଟୁଛନ୍ତି। ବଦଳିର ପୁର୍ନବିଚାର କରିବା ସହ ତାଙ୍କୁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ପୁନ ନିଯୁକ୍ତି କରିବାକୁ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସେ ଗୁହାରୀ କରିଥିଲେ। ମାତ୍ର କେହି ତାଙ୍କ ଗୁହାରୀ ଶୁଣିନଥିଲେ। ସେ ଜଣେ ଦଳିତ ଗରିବ ଶ୍ରେଣୀର କର୍ମଚାରୀ ହୋଇଥିବାରୁ ପରିବାର ଚଳାଇବାକୁ କଷ୍ଟକର ହେଉଥିବାରୁ ସେ ଆଜି ତାଙ୍କର ବଦଳିର ପୁର୍ନବିଚାର କରିବାକୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନ୍ନଶନ କରିଛନ୍ତି। ରୋଗୀ ସେବାରେ ବ୍ୟାଘାତ ହେବାରୁ ମେଡିକାଲ ତରଫରୁ ସ୍ଥାନୀୟ ପୁଲିସକୁ ଲିଖିତ ଅଭିଯୋଗପରେ ପୁଲିସ ସେଠାରେ ପହଞ୍ଚି ତାଙ୍କୁ ବୁଝା ଶୁଝା କରିବା ଅନଶନରୁ ଉଠିଥିଲେ।




## 'ୟେସ୍ ଉଇ କ୍ୟାନ୍' ତରଫରୁ ଜଳଛତ୍ର

**କୁଆଁପାଳ,୧୮/୬/ଏନ୍ଏନ୍ଏସ୍:** ସାମାଜିକ ସେବା ସଂସ୍ଥା 'ୟେସ୍ ଉଇ କ୍ୟାନ୍' ଗୋପାଳପୁର, ମାହାଙ୍ଗା, କଟକ ଆନୁକୂଲ୍ୟରେ ଗୋପାଳପୁର ଠାରେ ଜଳଛତ୍ର କାର୍ଯ୍ୟକ୍ରମ ସଂଗଠନର ଅଧ୍ୟକ୍ଷ ସତ୍ୟଜିତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂଗଠନର ସଦସ୍ୟ ରଂଜନ ବିଶୋଇ, ବିଧାନ ପ୍ରଧାନ, ସୁକାନ୍ତ ପ୍ରଧାନ, ଅକ୍ଷୟ ଓଝା, ଜୟପ୍ରକାଶ ସାହୁ, ମନୋଜ ଜେନା, ହିମାଂଶୁ ରାଉତରାୟ, ଜଗବନ୍ଧୁ ଗୋଛାୟତ, ବାବୁ ସାମଲ, ଅବିନାଶ ବିଶ୍ୱାଳ, ବିଧାନ ପ୍ରଧାନ ପ୍ରମୁଖ ଯୋଗଦେଇ ପଥଚାରୀମାନଙ୍କୁ ଦହିସର୍ବତ ବଣ୍ଟନ କରିଥିଲେ। ସଂଗଠନର ଏହିଭଳି ଜନହିତକର କାର୍ଯ୍ୟକୁ ସ୍ୱାଗତ କରାଯାଇଛି।



## ଅସ୍ଥିଶଲ୍ୟ ବିଭାଗର ବରିଷ୍ଠ ଚିକିତ୍ସକ ସଭାପତି ଭାବେ ମନୋନୀତ

**ଖୋର୍ଦ୍ଧା,୧୮/୬/ଏନ୍ଏନ୍ଏସ୍:** ଏମ୍‌କେସିଜି ମେଡିକାଲ କଲେଜରୁ ଡାକ୍ତରୀ ଶିକ୍ଷା ସମାପ୍ତ କରି କ୍ଷିତୀଶ ରଞ୍ଜନ ମହାନ୍ତି ଇଂଲଣ୍ଡରେ ଉଚ୍ଚଶିକ୍ଷା ସମ୍ପନ୍ନ କରିବା ସହ ଅସ୍ଥିଶଲ୍ୟ ଚିକିତ୍ସକ ସଙ୍ଘର ସଭାପତି ଭାବେ ସେ ମନୋନୀତ ହୋଇଛନ୍ତି। ଉକ୍ତ ପଦବୀରେ ସେ ୨୦୨୮ ମସିହା ପର୍ଯ୍ୟନ୍ତ ରହିବେ। ତାଙ୍କ ନେତୃତ୍ୱରେ ୨୦୨୮ ରେ ଇଂଲଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ଶଲ୍ୟ ଚିକିତ୍ସକ ମାନଙ୍କ ସମ୍ମିଳନୀରେ ସେ ସଭାପତିତ୍ୱ କରିବେ। ଶ୍ରୀ ମହାନ୍ତି ସ୍ଥାନୀୟ ଉତ୍ତର ଓଡ଼ିଶାର ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କ ଜ୍ୟେଷ୍ଠ ପୁତ୍ର ଓ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଭାବେ କଲେଜ ଓ ଖୋର୍ଦ୍ଧା ପାଇଁ ଗର୍ବ ଓ ଗୌରବର ବିଷୟ ବିଗତ କୋଡିଏ ବର୍ଷ ପରେ ପ୍ରଥମ ଭାରତୀୟ ଭାବେ ଶ୍ରୀ ମହାନ୍ତି ଏହି ପଦବୀର ଅଧିକାରୀ ହୋଇଛନ୍ତି।

## ଦୁଇ ଗ୍ୟାରେଜ୍‌ରୁ ୨ ଶିଶୁଶ୍ରମିକ ଉଦ୍ଧାର




**ଓଡ଼ଗାଁ,୧୮/୬/ଏନ୍ଏନ୍ଏସ୍:** ନୟାଗଡ଼ ଚାଇଲ୍ଡ ହେଲ୍ପଲାଇନ୍ ଏବଂ ଶ୍ରମ ବିଭାଗର ମିଳିତ ଉଦ୍ୟମରେ ଆଜି ଓଡ଼ଗାଁ ଅଞ୍ଚଳର ବିଭିନ୍ନ ଗ୍ୟାରେଜରୁ ୨ଜଣ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଦୁଇ ଶିଶୁଙ୍କୁ ନୟାଗଡ ସିଡବ୍ଲୁସିରେ ହାଜରକରି ଆବଶ୍ୟକ ପରାମର୍ଶ ଦିଆଯାଇଛି। ସୂଚନା ଅନୁଯାୟୀ, ଓଡ଼ଗାଁର ବିଭିନ୍ନ ଗ୍ୟାରେଜ, ଦୋକାନ ଓ ହୋଟେଲରେ ଶିଶୁଶ୍ରମିକ କାର୍ଯ୍ୟ କରୁଥିବା ଅଭିଯୋଗହୋଇ ଆସୁଥିଲା। ଦୋକାନ ମାଲିକମାନେ ଏହି ଶିଶୁମାନଙ୍କୁ ବିଭିନ୍ନ ଜିଲ୍ଲା ଏବଂ ଆଦିବାସୀ ଇଲାକାରୁ ଆଣି କାର୍ଯ୍ୟରେ ଲଗାଇଥାନ୍ତି। ସେମାନଙ୍କୁ ଅଳ୍ପ ଟଙ୍କାଦେଇ ଖଟାଉଥିଲେ ମଧ୍ୟ ପରିବାର ଚଳାଇବା ପାଇଁ ଏମାନେ ବାଧହୋଇ କାମ କରିବାକୁ ଆସିଥାନ୍ତି। ପାଠପଢ଼ା ଛାଡ଼ି ହାତରେ ରେଞ୍ଚି ଧରି ଅହରହ ଖଟିବାକୁ ପଡୁଛି। ଆଜି ଦୋକାନ,ଗ୍ୟାରେଜ ଯାଞ୍ଚ ସମୟରେ ୨ଜଣ ଶିଶୁଙ୍କୁ ଶିଶୁଶ୍ରମିକ ଭାବେ କାର୍ଯ୍ୟରତ ଅବସ୍ଥାରୁ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ଶିଶୁଙ୍କୁ ନୟାଗଡ଼ ସିଡବ୍ଲୁସିରେ ହାଜର କରାଯାଇଛି। ସିଡବ୍ଲୁସିଙ୍କ ନିର୍ଦ୍ଦେଶ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ଏହି ଦୁଇ ଶିଶୁ ଓଡଗାଁ ସିନେମାହଲ ଛକ ମହି ଗ୍ୟାରେଜ ଓ ମା'ମଙ୍ଗଳା ବାଇକ ପଏଣ୍ଟରୁ ଉଦ୍ଧାର କରାଯାଇଛି। ଶିଶୁମାନେ ଗ୍ୟାରେଜ ମାନଙ୍କରେ ଏକ ମାସରୁ ଉର୍ଦ୍ଧ୍ୱ ଦିନ ହେବ କାମ କରୁଥିବା ପ୍ରକାଶ କରିଛନ୍ତି। ଶିଶୁ ଶ୍ରମ ନିରାକରଣ ଓ ଶିଶୁ ଅଧିକାର ସୁରକ୍ଷା ଦିଗରେ ଏହି ଉଦ୍ଧାର କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଜିଲ୍ଲାରେ ଶିଶୁ ଶ୍ରମ ବିରୋଧୀ ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ। ଏହି ଟିମରେ ସହକାରୀ ଶ୍ରମ ଅଧିକାରୀ ମୋନିକା ସେଥ, ଚାଇଲଡ ହେଲ୍ପ ଲାଇନ୍‌ର ସଂଯୋଜକ ପ୍ରବୋଧ ନନ୍ଦ ବିହାରୀ, କାଉନସିଲର ଚନ୍ଦ୍ରଶେଖର ବେହେରା ଓ ଓଡଗାଁ ଆଦର୍ଶ ଥାନା ପୁଲିସ ସାମିଲଥିବା ଜଣାପଡ଼ିଛି।

ନିତିଦିନ NITIDIN



# ରଜ ଉତ୍ସବରେ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁବନ୍ଦନା ପର୍ବ



**କଣ୍ଟିଲୋ,୧୮/୬/ଏନ୍ଏନ୍ଏସ୍:** ଚଳିତ ବର୍ଷ କଣ୍ଟିଲୋ ନିକଟସ୍ଥ ଧାନଚାଙ୍ଗଡ଼ା ଗ୍ରାମର ୨୦୦୪ ମସିହା ପୁରାତନ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଓଡ଼ିଶାର ଗଣ ପର୍ବ ରଜ ଉତ୍ସବକୁ ଭିନ୍ନ ଢ଼ଙ୍ଗରେ ପାଳନ କରିବା ସହିତ ସାଂସ୍କୃତିକ ଉତ୍ସବ ଓ ଗୁରୁ ବନ୍ଦନା କାର୍ଯ୍ୟକ୍ରମ ପାଳନ କରିଥିବା ଖବର ହସ୍ତଗତ ହୋଇଛି । ସୂଚନାରୁ ପ୍ରକାଶ ଯେ,ଏହି ଗଣ ପର୍ବ ସମୟେ ଛାତ୍ରଛାତ୍ରୀମାନେ ଏକାଠି ହୋଇ ବିଦ୍ୟାଳୟର ପୁରାତନ ଶିକ୍ଷକ, ଶିକ୍ଷୟିତ୍ରୀଙ୍କର ସହ ବର୍ତ୍ତମାନ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସ୍ୱାଗତ ସଂଗୀତ ପାଠ ପରେ ଗୁରୁବନ୍ଦନା କାର୍ଯ୍ୟକ୍ରମ ଶେଷ କରି ଛାତ୍ରଛାତ୍ରୀମାନେ ପାଠପଢ଼ା ସମୟର ପୁରୁଣା ସ୍ମୃତିକୁ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶିକ୍ଷକ ପ୍ରସନ୍ନ କୁମାର ଷଡ଼ଙ୍ଗୀ, ମହେଶ୍ୱର ସାହୁ, ଫକିର ଚରଣ ନାୟକଙ୍କ ସହ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଓ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଆନନ୍ଦ ଚନ୍ଦ୍ର ଜେନା । ପୁରାତନ ଛାତ୍ର ରାକେଶ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲା ବେଳେ ଦିବ୍ୟଜ୍ୟୋତି, ଆଲୋକ, ସୁଧୀର, ବିଷ୍ଣୁପ୍ରିୟା ଓ ନିରୁପମାନଙ୍କ ସହ ପ୍ରାୟ ୪୦ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ରଜ ମହୋତ୍ସବ ଉଦ୍‌ଯାପିତ

**ବୟାଳିଶମୌଜା,୧୮/୬/ଏନ୍ଏନ୍ଏସ୍:** କଟକ ସଦର ୪୨ ମୌଜା ଅନ୍ତର୍ଗତ ବେଣ୍ଟକାରଠାରେ ତିନି ଦିନ ବ୍ୟାପୀ ହେବାକୁ ଥିବା 'ରଜ ମହୋତ୍ସବ' ଗତକାଲି ମଙ୍ଗଳବାର ରାତିରେ ଉଦଯାପିତ ହୋଇଯାଇଛି । 'ରଜ ମହୋତ୍ସବ' ସମିତି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଦୁଇ ଦିନ ଧରି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଏଥିରେ ବିଭିନ୍ନ ପ୍ରତିଯୋଗିତା, ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷ ଦିନ ଉଦ୍‌ଯାପାନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ସୁଧାଂଶୁ ଦାସ, ମଣ୍ଡଳ ସାଧାରଣ ସମ୍ପାଦକ ଅମିତାଭ ବିଶ୍ୱାଳ, ପଣ୍ଡିତ ପ୍ରଦୀପ୍ତ ମହାପାତ୍ର, ସତ୍ୟଦିପ ସାହୁ, ପ୍ରବେଶ ରାଉତ, ଅର୍ଜୁନ ସାହୁ, ଅସୀମ ଦାସ, ପ୍ରିୟରଞ୍ଜନ ଖଟୁଆ, ଇଂ. ଅଶୋକ ବିଶ୍ୱାଳ, ବିଶ୍ୱଜିତ ଭୋଳ, ଗାନ୍ଧୀଗୁରୁ ଦାସ, ବିନୋଦ ବେହେରା, ସନ୍ତୋଷ ସାହାଣୀ, ଅମରେନ୍ଦ୍ର ଦାସ, ପ୍ରଭାତ ଦେବତା, ଅଭିରାମ ଦଳାଇ ପ୍ରମୁଖ ଦୁଇଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ କର୍ମୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ମହୋତ୍ସବରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବ୍ୟବସାୟିକ ଦୋକାନ ବଜାର ପଡ଼ିଥିବା ବେଳେ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

# ଟାଉନ କ୍ଲବ୍‌ର ରଜ ମହୋତ୍ସବ ଉଦ୍‌ଯାପିତ



**ଆଠଗଡ଼,୧୮/୬/ଏନ୍ଏନ୍ଏସ୍:** ଆଠଗଡ଼ର ସର୍ବପୁରାତନ କ୍ଲବ୍ ଟାଉନ କ୍ଲବ୍ ପକ୍ଷରୁ ତିନି ଦିନ ଧରି ଚାଲିଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଛି । ଉଦଯାପନୀ ସନ୍ଧ୍ୟାରେ କ୍ଲବ୍‌ର ସଭାପତି ରାମନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଭୁବନାନନ୍ଦ ଦାସ, ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ତଥା ଲେଖକ ହିମାଂଶୁ ପରିଡା, ଟାଉନ କ୍ଲବ୍‌ର ସଦସ୍ୟ ଉଦୟନାଥ ଶତପଥୀ, ଲକ୍ଷ୍ମୀଧର ଜେନା,ସହ ସମ୍ପାଦକ ସୋମନାଥ ଭକ୍ତ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ କ୍ଲବ ର କୋଷାଧକ୍ଷ ମନୋରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଆଠଗଡ଼ ମାଟିରପୁଅ ରାଷ୍ଟ୍ରପତି ପ୍ରାପ୍ତ ପଟଚିତ୍ର ଶିଳ୍ପୀ ବିଜୟ ମହାପାତ୍ରଙ୍କୁ ଉପଢୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦ୍‌ଯାପନୀ ସଂନ୍ଧ୍ୟାରେ ଓଡ଼ିଆ ଜାତିର ପାରମ୍ପରିକ ପିଠା, ହୁଳହୁଳି, ଶଙ୍ଖ ସହ ଏକକ ନୃତ୍ୟରେ କନିଷ୍ଠ, ବରିଷ୍ଠ ବିଭାଗର କୃତି ପ୍ରତିଯୋଗୀମାନଙ୍କୁ ନେଇଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ରାଜ୍ୟ ସୂଚନା କମିଶନର କଳ୍ପନା ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବିଜେପି ନେତା ଅଭୟ ବାରିକ, ଅଧ୍ୟାପକ ରେବତୀକାନ୍ତ ମହାରଣା ଯୋଗଦେଇଥିଲେ । ଦୁଇଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଁକାର ଡ୍ୟାନ୍ସ ଏକାଡେମୀ, ନୃତ୍ୟାଞ୍ଜଳି ଡ୍ୟାନ୍ସ ଏକାଡେମୀ, ଆଠଗଡ କଲଚୁରାଲ ଏକାଡେମୀ, ଶ୍ରୀ ରାଧେ ନୃତ୍ୟ ନିଳୟ, ପାୟଲ ଡ୍ୟାନ୍ସ ଗ୍ରୁପ, ଏବିସିଡି ଡ୍ୟାନ୍ସ ଗ୍ରୁପ ସହ କଣ୍ଠଶିଳ୍ପୀ ବିପ୍ଳବ ଦାସ, ବଂଶୀବାଦକ ଜ୍ୟୋତିଶଙ୍କର ମହାପାତ୍ର କାଯ୍ୟକ୍ରମ ପରିବେଷଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜିତେନ୍ଦ୍ର କୁମାର ସ୍ୱାଇଁ, ଆଦିତ୍ୟ ଶର୍ମା, ପ୍ରକାଶ ପୁହାଣ, ପରିଚାଳନା କରିଥିଲେ । ରଜ ମହୋତ୍ସବର ବିଭିନ୍ନ ପ୍ରତିଯୋଗିତାକୁ ରମେଶ ସାହାଣୀ, ସୋମନାଥ ଭକ୍ତ, ନୀଳକଣ୍ଠ ଦୋରା, ପ୍ରସନ୍ନ ଭକ୍ତ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ କ୍ଲବ୍‌ର ସଦସ୍ୟ ପାର୍ଥସାରଥୀ ପଟ୍ଟନାୟକ, ଶ୍ରୀଧର ରଥ, ସୁନୀଲ ମହାନ୍ତି, ଦେବାଶିଷ ମହାପାତ୍ରଙ୍କ ସହ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍



**ପୁରୀ,୧୮/୬/ଏନ୍ଏନ୍ଏସ୍:** ପ୍ରାକୃତିକ ବିପର୍ଯ୍ୟୟ ଅପ୍ରତ୍ୟାଶିତ । ଏହା କୌଣସି ସମୟରେ ମଧ୍ୟ ଆସିପାରେ । ପ୍ରାକୃତିକ ବିପର୍ଯ୍ୟୟକୁ ରୋକାଯାଇପାରିବ ନାହିଁ । କିନ୍ତୁ ସତର୍କତା, ସଚେତନତା ଓ ପୂର୍ବ ପ୍ରସ୍ତୁତି ଦ୍ୱାରା ଧନଜୀବନ ହାନି ଓ କ୍ଷୟକ୍ଷତିକୁ ରୋକିବା ସହ ବିପର୍ଯ୍ୟୟକୁ ପ୍ରଶମିତ କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା । ଆଜି ପୂର୍ବାହ୍ନରେ ସର୍କିଟ ହାଉସ୍‌ଠାରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସମ୍ପର୍କରେ ଏକ ଟେବୁଲ ଟପ୍ ଏକ୍ସସର୍‌ସାଇଜ୍ ବା ଅଭ୍ୟାସ - ୨୦୨୬ ଅନୁଷ୍ଠିତ ହୋଇଥିଲା । ଓସ୍‌ଡମାର ସହଯୋଗ ଓ ପୁରୀ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ପୁରୀ ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା ଭାବେ ପରିଗଣିତ, ବିଶେଷ କରି ବନ୍ୟା, ବାତ୍ୟା ଚିର ସହଚର ହୋଇ ଥିବାରୁ ଏଥିପାଇଁ ସମସ୍ତେ ଅଭିଜ୍ଞତା ଓ ଅନୁଭବ ଆଧାରରେ ସତର୍କ ରହିବାକୁ ସେ ମତ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରା ସମସ୍ତ ବାତ୍ୟା ଆଶ୍ରୟ ସ୍ଥଳ ଗୁଡିକ ର ସ୍ଥିତି ଅନୁଧ୍ୟାନ, ଶୌଚାଳୟ, ପାନୀୟ ଜଳ, ବିଦ୍ୟୁତ ବ୍ୟବସ୍ଥା ଇତ୍ୟାଦିକୁ ବହୁ ପୂର୍ବରୁ ନିରୀକ୍ଷଣ ଓ ଉପଯୁକ୍ତ ବ୍ୟବସ୍ଥା କରିବାକୁ ମତ ଦେଇଥିଲେ । ଜରୁରୀ ବିଭାଗର ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ । ଅଗ୍ନିଶମ ବିଭାଗ ସେମାନଙ୍କ ପାଖରେ ଉପଲବ୍ଧ ଯନ୍ତ୍ରପାତି ଗୁଡିକୁ ତନଖି ସାରିବା ସହ ଅତ୍ୟାଧୁନିକ ଯନ୍ତ୍ରପାତି ଗୁଡିକ ସମ୍ପର୍କରେ ଓ କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ । ସେହିପରି ସ୍ୱାସ୍ଥ୍ୟ, କୃଷି, ସୂଚନା ଓ ଲୋକସମ୍ପର୍କ ବିଭାଗ, ମତ୍ସ୍ୟ, ପ୍ରାଣୀ ସମ୍ପଦ, ଆରକ୍ଷୀ ବିଭାଗ, ଜିଲ୍ଲା ସମାଜ କଲ୍ୟାଣ, ସାମାଜିକ ସୁରକ୍ଷା, ଜିଲ୍ଲା ଶିକ୍ଷା ବିଭାଗ, ଯୋଗାଣ ବିଭାଗ, ଗ୍ରାମ୍ୟ ଉନ୍ନୟନ, ୱାଟକୋ, ଗ୍ରାମ୍ୟ ଜଳ ଯୋଗାଣ, ଜଳସେଚନ, ପୂର୍ତ୍ତ, ଡ୍ରେନେଜ ବିଭାଗ, ଏନଡିଆରଏଫ ପକ୍ଷରୁ ସେମାନଙ୍କ ବିଭାଗର କାର୍ଯ୍ୟଧାରା ଓ ବିପର୍ଯ୍ୟୟ ପରିପ୍ରେକ୍ଷୀରେ ସେମାନଙ୍କ ବିଭାଗର ଦାୟିତ୍ୱ ସମ୍ପର୍କରେ ବିଷଦ ସୂଚନା ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ସମସ୍ତ ବିଭାଗ ସେମାନଙ୍କ କାର୍ଯ୍ୟ ର ସଠିକ ନିର୍ବାହ ସହ ଯେମିତି ବିପର୍ଯ୍ୟୟ ସମୟରେ ଉନ୍ନତ ସେବା ଯୋଗାଇ ଦେବେ ସେଥିପାଇଁ ପୂର୍ବ ପ୍ରସ୍ତୁତି କୁ ଚୂଡାନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସଦର ବିଡ଼ିଓ ସମ୍ପିତ ଶତପଥୀ, ଓସଡମା ପକ୍ଷରୁ ସୁରଞ୍ଜିକା ବେହେରା, ପୁରୀ ମହାନଗର ନିଗମର ଅତିରିକ୍ତ ଯୁଗ୍ମ କମିଶନର ଅରିଜିତ ନାୟକ, ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ । ଆସନ୍ତାକାଲି ମକ ଡ୍ରିଲ ସମସ୍ତ ବ୍ଲକର ୧୭୯ ଗୋଟି ବହୁମୁଖୀ ଆଶ୍ରୟସ୍ଥଳ ମଧ୍ୟରୁ ୧୭୬ ଟିରେ ପୂର୍ବାହ୍ନ ୮ ଘଟିକା ରେ କରାଯିବ । ପୂର୍ବରୁ ୩ଟି ଆଶ୍ରୟ ସ୍ଥଳରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଦର ମହକୁମା ର ସର୍କିଟ ହାଉସ ଠାରେ ମଧ୍ୟ ଅନୁରୂପ ଭାବେ ମକ ଡ୍ରିଲ ଅନୁଷ୍ଠିତ ହେବ ବୋଲି ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଥିଲେ ।

### ଆଇଆଇସିଙ୍କ ନାମରେ ମହିଳାଙ୍କ ଯୌନଶୋଷଣ ଅଭିଯୋଗ ଘଟଣା

# ତଦନ୍ତ ଆରମ୍ଭ, ପୀଡ଼ିତାଙ୍କ ଘରେ ପୁଲିସର ପଚରାଉଚୁରା

**ଓଡ଼ଗାଁ,୧୮/୬/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଆଇଆଇସିଙ୍କ ନାମରେ ଯୌନ ଶୋଷଣ ଅଭିଯୋଗ ଆସିଛି । ମହିଳାଙ୍କୁ ମିଥ୍ୟା କେସରେ ଫସାଇ ଜେଲ ପୂରାଇବା ଏବଂ ଆଇଆଇସି ଭଡ଼ାଘରକୁ ନେଇ ଶାରୀରିକ ସଂପର୍କ ରଖିଥିବା ମହିଳା ନୟାଗଡ଼ ଏସପିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ନୟାଗଡ଼ ଏସପି ଘଟଣାକୁ ଗୁରୁତର ସହ ନେଇ ଥାନା ଆଇଆଇସି ସୁଜିତ କୁମାର ଦାଶଙ୍କୁ ଶରଣକୁଳ ଥାନାରୁ ମୁଖ୍ୟାଳୟକୁ ବଦଳି କରିଥିବା ବେଳେ ତାଙ୍କ ନାମରେ ଏକ ମାମଲା ରୁଜୁ କରାଯାଇଛି । ଏହା ସଂପୂର୍ଣ୍ଣ ଭିତ୍ତିହୀନ ବୋଲି ଥାନା ଅଧିକାରୀ ଶ୍ରୀ ଦାଶ ସୂଚନା ଦେଇ କହିଛନ୍ତି । ଆଜି ପୀଡ଼ିତାଙ୍କ ଘରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ, ଶରଣକୁଳ ଥାନା ଜାମୁସାହି ଗ୍ରାମରେ ଜାଗାବାଡ଼ି ବିବାଦକୁ କେନ୍ଦ୍ରକରି ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ । ସେହି ସମୟରେ ପୀଡ଼ିତା ନ୍ୟାୟ ପାଇଁ ଥାନାବାବୁଙ୍କୁ ଗୁହାରି କରିଥିଲେ । ଗାଁ ଲୋକେ ପୀଡ଼ିତାଙ୍କ ଘରଦ୍ୱାର ଭାଙ୍ଗି ଦେବାସହ ମାଡ଼ ମାରିଥିବା ଅଭିଯୋଗ କରିଥିଲେ । ମାତ୍ର ଥାନା ଅଧିକାରୀ ଗ୍ରାମବାସୀ ଓ ପୀଡ଼ିତାଙ୍କ ପରିବାର ନାମରେ ଦୁଇଟି ମାମଲା ରୁଜୁ କରିଥିଲେ । ଥାନା ଆଇଆଇସି ଶ୍ରୀ ଦାଶ ମହିଳାଙ୍କ ଫୋନ୍ ନମ୍ବର ନେଇ ତାଙ୍କ ସହିତ ବାର୍ତ୍ତାଳାପ କରିବା ଓ ଭିଡ଼ିଓ କଲିଂ କରି କଥା ହେଉଥିବା ପୀଡ଼ିତା ଅଭିଯୋଗରେ ଦର୍ଶାଇଛନ୍ତି । ଏହାସହିତ ତାଙ୍କୁ ନିଜ ଭଡ଼ାଘରକୁ ନେଇ ତାଙ୍କ ଅନିଚ୍ଛା ସତ୍ତ୍ୱେ ଶାରୀରିକ ସଂପର୍କ ରଖିବା ଓ ମିଥ୍ୟା କେସରେ ଜେଲରେ ପୂରାଇଥିବା କହିଛନ୍ତି । ନୟାଗଡ଼ ଏସ୍‌ପି ଶୁଭେନ୍ଦୁ ପାତ୍ର ଘଟଣାକୁ ଗୁରୁତର ସହ ନେଇଛନ୍ତି । ସେ ଆଡ଼ିସ୍‌ନାଲ ଏସ୍‌ପି ସୁବାସ ପଣ୍ଡାଙ୍କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି । ଆଜି ନୟାଗଡ଼ର ଏକ ପୁଲିସ ଟିମ୍ ପୀଡ଼ିତାଙ୍କ ଘରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ପୀଡ଼ିତା ପୁଲିସକୁ ତଦନ୍ତରେ ସହଯୋଗ କରୁନଥିବାରୁ ଘଟଣାର ସ୍ୱଚ୍ଛତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ପ୍ରଥମେ ଆଇଆଇସି ଟଣାଓଟରା କରି ନିଜେ ଥାନା ଭିତରକୁ ନେଇଥିବା ସିସିଟିଭି ଯାଞ୍ଚ କରୁ ଓ ତାଙ୍କର ଡାକ୍ତରୀ ମାଇନା ପରୀକ୍ଷା କରୁ ବୋଲି ପୀଡ଼ିତା ନିଜ ଜିଦ୍‌ରେ ଅଟଳ ରହିଥିବା ଜଣାପଡ଼ିଛି । ଏପଟେ ଦିନ ତମାମ ପୁଲିସ ପୀଡ଼ିତାଙ୍କୁ ବୁଝାସୁଝା କରିଥିଲେ ମଧ୍ୟ କିଛି ଫରକ୍ ପଡ଼ିନାହିଁ । ଏହି ଘଟଣାରେ ଥାନା ଅଧିକାରୀ ଶ୍ରୀ ଦାଶ ମହିଳା ମୋ ନାମରେ ମିଥ୍ୟା ଆରୋପ ଲଗାଇ ଅଭିଯୋଗ କରିଛନ୍ତି । ଏଥିରେ କୌଣସି ସତ୍ୟତା ନଥିବାବେଳେ ତଦନ୍ତକୁ ମୁଁ ସଂପୂର୍ଣ୍ଣ ସହଯୋଗ କରିବି ବୋଲି ପ୍ରକାଶ କରିଛନ୍ତି । ଏପଟେ ପୁଲିସ ପ୍ରଥମେ ଥାନା ଅଧିକାରୀ ମୋତେ ଜେଲରେ ପୂରାଇବାର କାରଣ କ'ଣ ତାହାର ତଦନ୍ତ କରାଯାଉ ଓ ମୋବାଇଲ୍ ଛଡ଼ାଇ ନେବା ଓ ଥାନା ଆଗରୁ ଟାଣି ଟାଣିନେବା ଘଟଣାମାନ ସିସିଟିଭି ଯାଞ୍ଚ କରୁ ବୋଲି ପୀଡ଼ିତା ନିଜ ବୟାନରେ କହିଛନ୍ତି ।

**ଶରଣକୁଳ ଥାନାରୁ ମୁଖ୍ୟାଳୟକୁ ବଦଳି**

# ଗଡ଼ଦେବୀ ରାମଚଣ୍ଡୀଙ୍କ ରଜପର୍ବ ଉଦ୍‌ଯାପିତ



**ବୋଲଗଡ଼,୧୮/୬/ଏନ୍ଏନ୍ଏସ୍:** ବୋଲଗଡ଼ ସଦର ପଞ୍ଚାୟତସ୍ଥିତ ଗଡ଼ଭିତର ଗଡ଼ଦେବୀ ମା' ରାମଚଣ୍ଡୀଙ୍କର ୪ଦିନ ବ୍ୟାପି ହୋଇଥିବା ପବିତ୍ର ରଜ ଉତ୍ସବ ମହା ଆନନ୍ଦ ଉଲ୍ଲାସର ସହିତ ବୁଧବାର ବିଳମ୍ବିତ ରାତ୍ରରେ ଉଦଯାପିତ ହୋଇଯାଇଅଛି । ଗତ ରବିବାର ଠାରୁ ଆରଂଭ ଥାଇ ବୁଧବାର ପ୍ରତ୍ୟେହ ସନ୍ଧ୍ୟାରେ ବିରାଟ ପଟୁଆର ମଧ୍ୟରେ ଠାକୁରାଣୀ ରାଜ ରାଜେଶ୍ୱରୀ ବେଶରେ ଆଲଟ, ଚାମର, ଘଣ୍ଟ, ଘଣ୍ଟା, ଛତ୍ରୀ, ତ୍ରାଶ ଓ ମଶାଲ ଆଦିର ଭରପୁର ମନମୁଗ୍ଧକର ପରିବେଶରେ ମା' ଗଡ଼ଦେବୀ ନିଜ ମନ୍ଦିରରୁ ବାହାରି ରଜ ପଡ଼ିଆସ୍ଥିତ ବଟବୃକ୍ଷସ୍ଥିତ ଅନ୍ୟତମ ନିଜ ଆରାଧ ମଣ୍ଡପକୁ ବିଜେ କରିଥିଲେ । ଗଡ଼ଭିତର ରଜ କମିଟି ଦ୍ୱାରା ପ୍ରାୟୋଜିତ ଆରାଧନା ଡ୍ୟାନ୍ସ ଗ୍ରୁପ ଦ୍ୱାରା ଆୟୋଜିତ ଗ୍ରାମୀଣ କଳାକୃତି ମହୋତ୍ସବ ଓ ୪ସାହି ଦ୍ୱାରା ଆୟୋଜିତ ବିରାଟ ପଟୁଆର ଏହି ପବିତ୍ର ରଜ ଯାତ୍ରାରେ ସାମିଲ ହୋଇଥିଲେ । ସେହିପରି ପ୍ରତ୍ୟେହ ମଧ୍ୟାହ୍ନରେ କମିଟି ସମ୍ପାଦକଙ୍କ ପକ୍ଷରୁ ଆୟୋଜିତ ରଜଯାତ୍ରା ପଡିଆରେ ଝିଅମାନଙ୍କ ନିମନ୍ତେ ରଜଦୋଳି, ମ୍ୟୁଜିକ ଚେୟାର, ଅନ୍ଧ ପୁଟୁଳି ହାଣ୍ଡି ବାଡ଼ିଆ, ପୁଚି, ହୁଳହୁଳି, ରଜପାନ ଓ ଝୋଟି ଆଦି ପ୍ରତିଯୋଗିତା ହୋଇ ରଜ ମାହୋଲକୁ ଏକ ପ୍ରକାର ଜୀବନ୍ତ କରି ରଖିଥିଲା । ସେହିପରି ବ୍ରହ୍ମ ରାକ୍ଷସ,ଗଂଜାମ ବ୍ୟାଘ୍ର ନୃତ୍ୟ, ଆଦିମ ମନ୍ୟୁଷ, ହାତୀ, ଷଣ୍ଢନୃତ୍ୟ, ଶିବଗଣ ତାଣ୍ଡବ,ଘୋଡା ନାଚ ସହ ଅନେକ ବ୍ୟଙ୍ଗାତ୍ମକ ଲୋକନୃତ୍ୟ ଦଣ୍ଡ ନୃତ୍ୟ, ପତ୍ର ସୌରା ଇତ୍ୟାଦି ଗଡ଼ଦେବୀଙ୍କ ରଜ ଉତ୍ସ୍ୱ ମାହେଲକୁ ସରସ ସୁନ୍ଦର କରିବାର ବେଶ ଖୋରାକ ଯୋଗାଇଦେଇଥିଲେ । ଏହି ରଜପର୍ବର ଅନନ୍ୟ ତଥା ବିରଳ ପଟୁଆର ଦେଖିବା ସହ ଉପଭୋଗ କରିବା ଲାଗି ୪ଦିନ ବ୍ୟାପି ପ୍ରତ୍ୟେହ ସନ୍ଧ୍ୟାରେ ଅଞ୍ଚଳ ତଥା ଅଂଚଳ ବାହାରୁ ହଜାର ହଜାର ସଂଖ୍ୟାର ଦର୍ଶକଙ୍କ ଅହେତୁକ ଭିଡ଼ ରହୁଥିବାରେ ଶାନ୍ତି ଶୃଙ୍ଖଳା ଦୃଷ୍ଟିରୁ ବୋଲଗଡ଼ ଥାନା ପୋଲିସ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇ ଥିଲା । ତେବେ ଚଳିତ ବର୍ଷ ଗଡ଼ଦେବୀ ମା' ରାମଚଣ୍ଡୀଙ୍କ ରଜଯାତ୍ରା ବେଶ ଆକର୍ଷଣୀୟ ସହ ଶାନ୍ତି ଶୃଙ୍ଖଳା ଓ ବିଶେଷକରି ସ୍ଥାନୀୟ ଯୁବଗୋଷ୍ଠୀମାନଙ୍କର ଅହେତୁକ ସହଯୋଗରେ ସୁପରିଚାଳନା ହୋଇଥିବାରେ କମିଟି ସଭାପତି ରଘୁନାଥ ଦଳବେହେରା, କାର୍ଯ୍ୟକାରୀ ସଭାପତି ତଥା କୋଷାଧକ୍ଷ ରାଜେନ୍ଦ୍ର ପାଲଟାସିଂହ, ଉପସଭାପତି ବୀର ଦାସ, ସମ୍ପାଦକ ଜୟକୃଷ୍ଣ ଦଳବେହେରା, ସାଂସ୍କୃତିକ ସମ୍ପାଦକ ନାରାୟଣ ମାର୍ଥା, ବରିଷ୍ଠ ଉପଦେଷ୍ଟା ଫକୀର ମୋହନ ଫତେସିଂହ, ପ୍ରଫୁଲ୍ଲ କୁମାର ସିଂହ, ଲକ୍ଷ୍ମୀଧର ବାଘ, ଲଲାଟେନ୍ଦୁ କେଶରୀ ସିଂହ, ମୀନ ପାଟ୍ଟଶାଣୀ, କାବୁ ଚମ୍ପତିରାୟ, ରାମଚନ୍ଦ୍ର ମାର୍ଥା, ବୀର ପ୍ରଧାନ, ଭାସ୍କର ପ୍ରଧାନ ଓ ଯୁବଗୋଷ୍ଠୀ ପ୍ରମୁଖ ଅଞ୍ଚଳ ତଥା ଅଞ୍ଚଳବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ମହାନଗର ନିଗମ ପକ୍ଷରୁ ନୂତନ ଭତ୍ତା ବଣ୍ଟନ

**ପୁରୀ,୧୮/୬/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ତଥା ଓଡ଼ିଶା ସରକାରଙ୍କ ଜନହିତକର ପଦକ୍ଷେପ 'ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ' କାର୍ଯ୍ୟକ୍ରମ ଅନ୍ତର୍ଗତ ପୁରୀ ମହାନଗର ନିଗମ ପକ୍ଷରୁ ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା ଏବଂ ସହକାରୀ କମିଶନର ଅରିଜିତ ନାୟକ ଉପସ୍ଥିତ ରହି ୧୬୮ ଜଣ ଯୋଗ୍ୟ ବାର୍ଦ୍ଧକ୍ୟ, ବିକଳାଙ୍ଗ ଓ ବିଧବା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାନଗର ନିଗମର ବିଭିନ୍ନ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ରେଶ୍ମା ମହାନ୍ତି, ଗୋଷ୍ଠୀ ସଂଗଠିକା, କାର୍ଯ୍ୟକ୍ରମଟିକୁ ସଫଳତାର ସହ ପରିଚାଳନା କରିଥିବା ବେଳେ ସହକାରୀ କମିଶନର ଅରିଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ୮ମ ଆଞ୍ଚଳିକ ରଜ ମହୋତ୍ସବ ଉଦ୍‌ଯାପିତ



**ସାଲେପୁର,୧୮/୬/ଏନ୍ଏନ୍ଏସ୍:** ସାଲେପୁର ବ୍ଲକ୍ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତର ହରିଡା ପଡିଆ ଠାରେ ରୋଟ୍ରାକ୍ଟ କ୍ଲବ ଅଫ୍ ବିରୂପା ଓ ବିଜୟାନନ୍ଦ ଯୁବ ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ୮ମ ଆଞ୍ଚଳିକ ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି । ଆଞ୍ଚଳିକ ରଜ ମହୋତ୍ସବ କମିଟିର ଆବାହକ ତଥା ବିଜୟାନନ୍ଦ ଯୁବ ପରିଷଦର ସମ୍ପାଦକ ବିଶ୍ୱରଂଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଏହି କୃଷିଭିତ୍ତିକ ଗଣପର୍ବ ରଜ ଉପରେ ଆଲୋକପାତ କରିଥିଲେ । ବିଶିଷ୍ଟ ଅତିଥି ଭାବରେ କଟକ ଜିଲ୍ଲା ଯୁବ ରେଡ଼କ୍ରସ ସଂଯୋଜିକା ଡ. ସସ୍ମିତା ପଟ୍ଟନାୟକ ଯୋଗଦେଇ ସେ ରଜ ମହୋତ୍ସବର ପରମ୍ପରା, ଲୋକସଂସ୍କୃତି ଓ ନାରୀ ସମ୍ମାନର ବାର୍ତ୍ତା ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବରେ ଉତ୍କଳ ଗ୍ରାମ୍ୟ ସ୍ୱରାଜର ସଭାପତି ବ୍ରହ୍ମାନନ୍ଦ ମହାନ୍ତି ଯୋଗଦେଇ ରଜ ମହୋତ୍ସବର ମହନୀୟ ପରମ୍ପରା ଏବଂ ଏହାର ସାଂସ୍କୃତିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବରେ ଶାରଳା ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ଡ. ଅଜୟ କୁମାର ମୁଦୁଲି, ଗୋପୀନାଥପୁର ଗ୍ରାମର ସରପଞ୍ଚ ଦମୟନ୍ତୀ ମହାନ୍ତି ଓ ସମାଜସେବୀ ସୁବାଷ ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ । ଏହି ଅବସରରେ ଦୁଇଦିନ ଧରି ଚାଲିଥିବା କିଶୋରୀ ଓ ମହିଳାମାନଙ୍କ ମଧ୍ୟରେ ହୋଇଥିବା ପୁଚି, କୁଙ୍କୁମ ଲଗା, ଅଳତା ଲଗା, ନୃତ୍ୟ, ମ୍ୟୁଜିକ୍ ଚେୟାର, ହୁଳହୁଳି, ଶଙ୍ଖ ଫୁଙ୍କା, ବେଲୁନ ଫୁଙ୍କା, ରାମ୍ପ ସୋ, ଓଡ଼ିଆ ବୋହୂ ବେଶ, ପାନଭଙ୍ଗା ଇତ୍ୟାଦି ପ୍ରତିଯୋଗିତାରେ ବିଜେତା ପ୍ରତିଯୋଗୀମାନଙ୍କୁ ଉପ କନିଷ୍ଠ, କନିଷ୍ଠ ଓ ବରିଷ୍ଠ ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣ ପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଚାରକ ଭାବରେ ଅବତନ ଷଢ଼ଙ୍ଗୀ, ପରମାନନ୍ଦ ମୁଦୁଲି, ମାନସ ରଞ୍ଜନ ଦାଶ ଓ ରାମଚନ୍ଦ୍ର ପାଣି ଯୋଗଦେଇଥିଲେ । ଧନେଶ୍ୱର ସାହୁଙ୍କ ମଞ୍ଚ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଭାପତି ଜ୍ୟୋତିର୍ମୟୀ ମିଶ୍ର, ସଂପାଦିକା ଦେବଜାନୀ ଜେନା, ସଂଘମିତ୍ରା ରାଉତ, ପ୍ରିୟଦର୍ଶିନୀ ପ୍ରଧାନ, ଚଞ୍ଚଳା ବେଉରା, ମାମିନା ଜେନା, କବିତା ବିଶ୍ୱାଳ, ଦୀପ୍ତିମୟୀ ମହାନ୍ତି, ରାଜଶ୍ରୀ ମହାନ୍ତି, କବିତା ପରିଡା, ରୋଜାଲିନ ସ୍ୱାଇଁ, ରୋଟ୍ରାକ୍ଟ କ୍ଲବ ଅଫ୍ ବିରୂପା ତରଫରୁ ପ୍ରଶାନ୍ତ କୁମାର ମହାନ୍ତି, ମନୋରଞ୍ଜନ ସାହୁ, ରଞ୍ଜନ ବେହୁରା, ରାଜକିଶୋର ସାହୁ, ମନୋଜ ସାମଲ, ଜୟରାମ ସାମଲ, ସୁନିତା ସାମଲ, ମୋନାଲିସା ସ୍ୱାଇଁ, ଶର୍ମିଳି ସାହୁ, ବିଶ୍ୱରଂଜନ ନାଥ, ଶୁଭମ ଶେଖର ପରିଡା, ପ୍ରଦୀପ ସ୍ୱାଇଁ, ଦୀପକ ଲେଙ୍କା, ଅମାତ୍ୟ ସାମଲ, ପ୍ରକାଶ ରାଉତ, ନରେନ୍ଦ୍ର ଦଳେଇ ଓ ରୀତିକ୍ ରାଉତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ବଜ୍ରମହାକାଳୀ ପୀଠରେ ରଜଉତ୍ସବ

**କୁଆଁପାଳ,୧୮/୬/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଂଚାୟତର ଖଡେଶ୍ୱରପୁର ସ୍ଥିତ ବଜ୍ରମହାକାଳୀ ଠାକୁରାଣୀ ପରିସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ତିନିବ୍ୟାପୀ ରଜ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି । ଶେଷ ଦିବସରେ ଏକ ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଏଥିରେ ସ୍ଥାନୀୟ ଅଂଚଳର ବହୁ ଯୁବତୀ ଓ ଶିଶୁକଳାକାରମାନେ ଅଂଶଗ୍ରହଣ କରିଥିଲେ । ମ୍ୟୁଜିକ ଚେୟାର ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଅମୃତା ମହାପାତ୍ର ପ୍ରଥମସ୍ଥାନ, କନିଷ୍ଠ ବିଭାଗରେ ପ୍ରଭାକର ମହାନ୍ତି ପ୍ରଥମସ୍ଥାନ ଅଧିକାର କରିଥିଲା ବେଳେ ନୃତ୍ୟ ପ୍ରତିଯୋଗିତାରେ କନିଷ୍ଠ ବିଭାଗରେ ଶୁଭଶ୍ରୀ କାଣ୍ଡି, କାହ୍ନୁ ମହାନ୍ତି, ମୋଲାନି ମହାନ୍ତି ଓ ବରିଷ୍ଠ ବିଭାଗରେ ଅର୍ପିତା ପ୍ରିୟଦର୍ଶିନୀ ଦାସ, ସୁଚିସ୍ମିତା କାଣ୍ଡି, ରାଜଲକ୍ଷ୍ମୀ ମଲିକ, ଲକ୍ଷ୍ମୀ ମଲିକ ପ୍ରଥମ, ଦ୍ୱିତୀୟ,ତୃତୀୟସ୍ଥାନ ଅଧିକାର କରିଥିଲେ । ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପବିତ୍ରମୋହନ ପ୍ରଧାନ, ସମ୍ମାନୀତ ଅତିଥି ଭାବେ କବି ପ୍ରଫୁଲ୍ଲ କୁମାର ସିଂ, ବିଶିଷ୍ଟ ଅତିଥି ଭାବେ ଅଶୋକ କୁମାର ଦାସ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଖେଳପ୍ରତି ଅଧିକରୁ ଅଧିକ ଆକୃଷ୍ଟ ହେବା ପାଇଁ ସେ ପ୍ରତିଯୋଗୀମାନଙ୍କୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବ୍ରଜମହାକାଳୀ ରଜମହୋତ୍ସବର କର୍ମକର୍ତ୍ତା ନଗେନ ପ୍ରହରାଜ, ଜଗନ ପ୍ରହରାଜ,ମନ୍ମଥ ପ୍ରହରାଜ,ଚିରନ୍‌ଜୀବି ପ୍ରହରାଜ, ଉମାକାନ୍ତ ପ୍ରହରାଜ, ମଧୁସୂଦନ ଦାସ, ପ୍ରକାଶ ମହାନ୍ତି, ମାନସ ମହାନ୍ତି, ମିଟୁ ଦାସ, ମନୋରଂଜନ ଦାସ, ବାଦଲ ପ୍ରହରାଜ, କାଳନ୍ଦୀ ସାମଲ, ସୌମ୍ୟରଂଜନ ପ୍ରହରାଜ, ହରିହର ଦାସ, ଧନଞ୍ଜୟ ମହାନ୍ତି, ସୌମ୍ୟରଂଜନ ଦାସ, ଅନିଲ ଭୋଇ ଓ ସୁନିଲ ଭୋଇ ସହଯୋଗ କରିଥିଲେ ।



ନିତି ଭାରତୀ

ମାଟି ଖୋଳିବା ଏବଂ ତାକୁ ଚୌକସ କରିବାକୁ ଭୁଲି ଯିବାର ଅର୍ଥ ନିଜକୁ ଭୁଲିଯିବା। - ମହାତ୍ମା ଗାନ୍ଧୀ

ନିତିଦିନ NITIDIN
ଶୁକ୍ରବାର, ୧୯ ଜୁନ ୨୦୨୬

# ବୈଜ୍ଞାନିକଙ୍କ ଝରକା ଆକର୍ଷଣ



ନିଖିଳାନନ୍ଦ ପାଣିଗ୍ରାହୀ

ନ୍ୟୁୟର୍କ ସହରରେ ଥିବା ଘରମାନଙ୍କରେ ଲାଗିଥିବା ଝରକାର ସଂଖ୍ୟା କେତେ ? ଏହାର ଉତ୍ତର ପାଇବାକୁ ଜଣେ ସାରା ସହର ବୁଲି ପ୍ରତି ଘରର ପଞ୍ଝୁରୀ ଗଣି ସାରିବା ପରେ ଉତ୍ତର ଦେବ। ତେବେ ଏହାର ଆନୁମାନିକ ସଂଖ୍ୟା ଘରେ ବସି ନିର୍ଣ୍ଣୟ କରିହେବ। ଏଥିପାଇଁ ଏନ୍‌ରିକେ ଫର୍ମି ନାମକ ଜଣେ ବୈଜ୍ଞାନିକ ଗୋଟିଏ ପ୍ରଣାଳୀ ଉଦ୍ଭାବନ କରିଛନ୍ତି। ପ୍ରଶ୍ନଟିର ସମାଧାନ ପାଇଁ କ୍ରମାନ୍ୱୟରେ ତାଙ୍କ ଗାଣିତିକ ପାଦମାନ ହେଉଛି-

ନ୍ୟୁୟର୍କ ସହରର ଜନସଂଖ୍ୟା (ପ୍ରାୟ) = ୮.୪ ନିୟୁତ ଘର ସଂଖ୍ୟା = (ଘର ପିଛା ୨.୫ ସଦସ୍ୟ ହେଲେ) ୩.୪ ନିୟୁତ ବାସଗୃହର ଝରକା ସଂଖ୍ୟା = (ପ୍ରତି ଘର ପିଛା ୧୦ ଝରକା ନେଲେ) ୩୪ ନିୟୁତ ବିଦ୍ୟାଳୟ, ଅଫିସ, ଷ୍ଟୋର୍, ସ୍କାଏସ୍କ୍ରାପର ପରି ଅଣଆବାସିକ ପାଇଁ ଝରକା ସଂଖ୍ୟା = (ଘରୋଇ ବାସସ୍ଥାନର ଦୁଇ ଗୁଣ ହିସାବରେ) ୬୮ ନିୟୁତ। ଏହି ପ୍ରକାରେ ମୋଟ ସଂଖ୍ୟା ହେବ ପ୍ରାୟ ୧୦୦ ନିୟୁତ। ଏହି ପ୍ରଣାଳୀ 'ଫର୍ମି ଏଷ୍ଟିମେଟ' ଭାବେ ପରିଚିତ। ଅସମ୍ଭବ ବୋଲି ମନେ ହେଉଥିବା ସମସ୍ୟାର ସାଂଖ୍ୟିକ ଉତ୍ତର ପାଇଁ ଯୁକ୍ତିସଙ୍ଗତ ଭାବେ ଭାଗ ଭାଗ କରିବା ହେଉଛି ଏହାର ଭିତ୍ତି। ଏମିତି ଉପାୟ ଅବଲମ୍ବନ କଲେ ଯେଉଁ ଉତ୍ତର ମିଳେ, ତାହା ୧୦ର ଅନୁପାତ ଯାଏଁ (ଅର୍ଡ଼ର ଅଫ ଟେନ୍) ଠିକ୍। ଯଦିଚ ଆଧିକାରିକ ଭାବେ ଏମିତି ସଂଖ୍ୟା ବାସ୍ତବରେ ହିସାବ କରାଯାଇ ନାହିଁ। ଅଧିକାଂଶ ବ୍ୟକ୍ତି କୁହନ୍ତି ଯେ ପଞ୍ଝୁରୀ ସଂଖ୍ୟା ୩୦ରୁ ଶହେ ନିୟୁତ ମଧ୍ୟରେ ରହିବ।

ପ୍ରକାଶ ଥାଉ କି, ଫର୍ମି ଇଟାଲୀର ରୋମ୍‌ରେ ୧୯୦୧ରେ ଜନ୍ମଗ୍ରହଣ କରିଥିଲେ। ୩୭ ବର୍ଷ ବୟସର ହୋଇଥିବା ବେଳେ ସେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିଲେ। ତାଙ୍କୁ ନ୍ୟୁକ୍ଲିୟର ଯୁଗର ନିର୍ମାତା ବୋଲି କୁହାଯାଏ। ସେ ସର୍ବପ୍ରଥମ କୃତ୍ରିମ ନ୍ୟୁକ୍ଲିୟର ରିଆକ୍ଟରର ସ୍ରଷ୍ଟା। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ନ୍ୟୁକ୍ଲିୟର ଅସ୍ତ୍ର ବିକାଶ ସକାଶେ ସେ ବିଶ୍ୱବିଖ୍ୟାତ। ତାଙ୍କ ସମ୍ମାନାର୍ଥେ ଫର୍ମିଅନ୍ ନାମକ କଣମାନଙ୍କ ଚିହ୍ନଟ କରାଯାଇଥାଏ, ଯେଉଁଥିରେ ଅନ୍ତର୍ଭୁକ୍ତ ପ୍ରୋଟନ, ଇଲେକ୍ଟ୍ରନ ପରି ମୌଳିକ କଣିକା। ପିରିୟଡିକ୍ ଟେବୁଲର ଶହେ କ୍ରମାଙ୍କ ବହନ କରୁଥିବା ପରମାଣୁର ନାମ ହେଉଛି ଫର୍ମିୟମ୍, ଯାହା ଫର୍ମିଙ୍କୁ ମହିମା ମଣ୍ଡିତ କରେ।

କଥା ହେଉଛି ଯେ ସୂକ୍ଷ୍ମାତିସୂକ୍ଷ୍ମ ବସ୍ତୁ ଓ ବିଷୟ ଫର୍ମିଙ୍କ ଗବେଷଣାର ମୂଳ ଭିତ୍ତି ହୋଇଥିଲେ ସୁଦ୍ଧା ସେ ଏଥିରୁ ଦୃଷ୍ଟି ହଟାଇ ବିଚିତ୍ର ଓ ଅସ୍ୱାଭାବିକ ମନେ ହେଉଥିବା ଝରକା ଉପରେ ଧ୍ୟାନ ଦେଉଥିଲେ; ଅବଶ୍ୟ ଭିନ୍ନ ଏକ ପ୍ରସଙ୍ଗରେ। କିନ୍ତୁ କେବଳ ଫର୍ମି ନୁହନ୍ତି, ଅନ୍ୟ କେତେକ ବିଜ୍ଞାନୀଙ୍କଠାରେ ମଧ୍ୟ ଏହି ଗୁଣ ଦେଖିବାକୁ ମିଳେ।

ବାସ୍ତବରେ ବୈଜ୍ଞାନିକମାନେ ସ୍ୱୀୟ କାରଣ ପିଞ୍ଜରା ସହ ଓତଃପ୍ରୋତ ଭାବେ ଜଡ଼ିତ ହୋଇ ଯାଆନ୍ତି। ଏହି ପରିପ୍ରେକ୍ଷୀରେ ବିଶ୍ୱର ଜଣେ ଯୁଗାନ୍ତକାରୀ ବୈଜ୍ଞାନିକ ଚାର୍ଲସ ଡାରଉ୍ଇନ୍ (୧୮୦୯-୧୮୮୨; ଜନ୍ମସ୍ଥାନ: ଶ୍ରୁଶ୍‌ବରୀ, ଇଂଲଣ୍ଡ)ଙ୍କ ଜୀବନୀ ପ୍ରଣିଧାନଯୋଗ୍ୟ। ସେ 'ଜୀବମାନଙ୍କ ବିବର୍ତ୍ତନ' (ଥିଓରୀ ଅଫ୍ ଇଭୋଲ୍ୟୁସନ) ଓ 'ପ୍ରାକୃତିକ ଚୟନ' (ନ୍ୟାଚୁରାଲ ସିଲେକ୍ସନ୍) ପରି ସିଦ୍ଧାନ୍ତ ପ୍ରଣୟନ କରିଥିଲେ। ଜୀବମାନେ ବଞ୍ଚିବା ପାଇଁ ପରିବେଶ ସହ ଖାପ ଖୁଆଇବାକୁ ପ୍ରଚେଷ୍ଟା କରିଥାନ୍ତି। ଏହି କାରଣରୁ ସେମାନଙ୍କ ଶାରୀରିକ ଓ ବ୍ୟବହାରିକ ପରିବର୍ତ୍ତନ ଘଟେ। ଏହା ହେଉଛି ବିବର୍ତ୍ତନବାଦର ତାତ୍ପର୍ଯ୍ୟ।

ଏହି ତତ୍ତ୍ୱରେ ଉପନୀତ ହେବାକୁ ସେ ବାଇଶ ବର୍ଷ ବୟସରେ ଦୀର୍ଘ ପାଞ୍ଚ ବର୍ଷ ଧରି ବିଭିନ୍ନ ଦ୍ୱୀପପୁଞ୍ଜ ଓ ଭୂଖଣ୍ଡରେ ରହୁଥିବା ପଶୁପକ୍ଷୀ ଓ ସେଠାରେ ଉପଲବ୍ଧ ଜୀବାଶ୍ମ ଅଧ୍ୟୟନ କରିଥିଲେ। ପ୍ରକାଶ ଥାଉ କି, ତାଙ୍କ ଗବେଷଣା ଦ୍ୱାରା ଅର୍ଜିତ ଜ୍ଞାନ ସେ ୧୮୫୯ ମସିହାରେ 'ଅନ ଦି ଓରିଜିନ ଅଫ ସ୍ପେସିସ୍' ପୁସ୍ତକରେ ଲିପିବଦ୍ଧ କରିଥିଲେ। କିନ୍ତୁ ଏହି ପ୍ରକାଶନ ସକାଶେ ବହୁ ବିଳମ୍ବ ଘଟିଥିଲା। ଏହା ପଛରେ ଥିବା କାରଣମାନ ନାନା ପ୍ରକାର ଦର୍ଶା ଯାଇଛି।

ସେ ନିର୍ଭୁଲ୍ ସିଦ୍ଧାନ୍ତ ପ୍ରଣୟନ ପାଇଁ ବହୁ ପ୍ରମାଣ ସଂଗ୍ରହ କରିବାରେ ଲାଗିଥିଲେ। ଏଗୁଡ଼ିକୁ ଶୃଙ୍ଖଳିତ ଭାବେ କ୍ରମାନ୍ୱୟରେ ସଜାଇଲେ ଏବଂ ତାହାକୁ ଭିତ୍ତି କରି ପ୍ରମାଣୀକୃତ ବୈଜ୍ଞାନିକ ଜ୍ଞାନ ପ୍ରାପ୍ତ ହେବା ପାଇଁ ଯତ୍ନଶୀଳ ଥିଲେ। ଏତଦ୍ ବ୍ୟତୀତ ରହସ୍ୟଜନକ ଉଦର ରୋଗରେ ସେ ବାରମ୍ବାର ପୀଡ଼ିତ ହେଉଥିଲେ। କିନ୍ତୁ ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି, ତାଙ୍କୁ ଅଥୟ କରୁଥିବା ଭୟ। ଏହି ମର୍ମରେ ସେ ତାଙ୍କର ଉଦ୍ଭିଦ ବିଜ୍ଞାନୀ ସାଥୀ ଜୋସେଫ ହୁକରଙ୍କୁ ୧୯୪୪ରେ ଲେଖିଥିବା ପତ୍ରରୁ ଜଣାପଡ଼େ। ଜଣେ ହତ୍ୟାକାରୀ ନିଜ ଦୋଷ ସ୍ୱୀକାର କଲେ ଯେମିତି ପୀଡ଼ା ଭୋଗ କରିବ, ସେହି ପ୍ରକାର ମାନସିକତା ତାଙ୍କୁ ଆବିଷ୍କାର କରୁଥିଲା।

ସେ ହୃଦୟଙ୍ଗମ କରୁଥିଲେ ଯେ ତାଙ୍କ ସିଦ୍ଧାନ୍ତ ବାଇବେଲର ବିରୋଧୀ। ପରମପିତା ଈଶ୍ୱରଙ୍କୁ ପ୍ରତାରକ ଭାବେ ଏହା ହତ୍ୟା କରିବା ସହ ସମାନ। ପୁଣି ଭଗବାନଙ୍କ ପ୍ରତି ପ୍ରଗାଢ଼ ବିଶ୍ୱାସ ପୋଷଣ କରୁଥିବା ତାଙ୍କର ପତ୍ନୀଙ୍କୁ ଏହା ମର୍ମାହତ କରିବ, ଯଦି ଏହା ସର୍ବସାଧାରଣରେ ପ୍ରକାଶ ହୁଏ। ମଣିଷର ପୂର୍ବଜ ମାଙ୍କଡ଼ ବୋଲି କହିଲେ, ତାହା ତତ୍କାଳୀନ ଭିକ୍ଟୋରିଆନ ସୋସାଇଟି, ବିଶେଷ ଭାବେ ସମର୍ପିତ ଖ୍ରୀଷ୍ଟିଆନମାନେ କଟୁ ସମାଲୋଚନା କରିବେ।

କିନ୍ତୁ ଯେତେବେଳେ ୧୮୫୮ରେ ସେ ଆଲଫ୍ରେଡ୍ ରସେଲ ୱାଲେସ ନାମକ ଜଣେ ଯୁବ ପ୍ରକୃତିବାଦୀଙ୍କଠାରୁ ଜାଣିବାକୁ ପାଇଲେ ଯେ ଦକ୍ଷିଣପୂର୍ବ ଏସିଆର ଜଙ୍ଗଲରେ ଗବେଷଣା କରି ସେ (ୱାଲେସ) ଯେଉଁ ତଥ୍ୟ ସଂଗ୍ରହ କରିଛନ୍ତି, ତାହା ଡାରଉ୍ଇନ୍‌ଙ୍କ ଅନୁରୂପ। ଫଳରେ ଡାରଉ୍ଇନ୍ ପ୍ରମାଦ ଗଣିଲେ। ୱାଲେସ୍‌ଙ୍କ ସିଦ୍ଧାନ୍ତ ପ୍ରଥମେ ପ୍ରକାଶ ପାଇଲେ ତାଙ୍କ ଅମୂଲ୍ୟ ଗବେଷଣାର ଯଶ ହାନି ଘଟିବ। ଏହି ବିବାଦ ଏଡ଼ାଇବାକୁ ଉଭୟ ଏକା ସମୟରେ ପାଠକମାନଙ୍କ ସମକ୍ଷରେ ଏହି ବୈପ୍ଳବିକ ତଥ୍ୟ ଉପସ୍ଥାପନ କଲେ। ସ୍ୱାଗତଯୋଗ୍ୟ ଯେ ୱାଲେସ୍ ଡାରଉ୍ଇନ୍‌ଙ୍କୁ ଏହି ସିଦ୍ଧାନ୍ତର ଆଦ୍ୟ ପ୍ରଣେତା ଭାବେ ସ୍ୱୀକାର କରି ନିଜ ମହାନୁଭବତାର ପରିଚୟ ଦେଇଥିଲେ।

ସାମୁଦ୍ରିକ ଯାତ୍ରାକାଳୀନ ସଂଗୃହୀତ ତଥ୍ୟର ଉପଯୋଗ ପାଇଁ ଡାରଉ୍ଇନ୍ ୧୮୪୨ରେ ସପରିବାର ଦକ୍ଷିଣପୂର୍ବ ଇଂଲଣ୍ଡର ଗ୍ରାମାଞ୍ଚଳ କେଣ୍ଟରେ ଅବସ୍ଥାନ କଲେ। ସେଠାରେ ସେ ଚାଳିଶ ବର୍ଷ ଧରି ଜୀବନର ଅବଶିଷ୍ଟ କାଳ ଅତିବାହିତ କଲେ। ଏହାର କାରଣ ହେଉଛି, ସ୍ଥାନୀୟ ସ୍ୱାସ୍ଥ୍ୟବର୍ଦ୍ଧକ ପ୍ରାକୃତିକ ପରିବେଶ ଓ ଜନକୋଳାହଳରୁ ମୁକ୍ତ ହୋଇ ନିର୍ବିଘ୍ନରେ ଗବେଷଣାରେ ଲିପ୍ତ ହେବା।

ଡାରଉ୍ଇନ୍‌ଙ୍କ ନିବାସ ସ୍ଥଳର ନାମ ଥିଲା ଡାଉନ୍ ହାଉସ୍। ଏହା ହେଉଛି ଗୋଟିଏ ଇନ୍‌ଡୋର- ଆଉଟ୍‌ଡୋର ପ୍ରୟୋଗଶାଳା। ସେଠାରେ ଥିଲା ସୁନିୟୋଜିତ ଭାବେ ବିକଶିତ ଉଦ୍ୟାନ, ଜିଆ, କେନ୍ଦୁଆ, କୃମି ପରି ମେରୁଦଣ୍ଡହୀନ ପ୍ରାଣୀ ଇତ୍ୟାଦି।

ଏହି ଐତିହାସିକ ବାସଗୃହରେ ଗବାକ୍ଷର ବହୁଳତା ଲକ୍ଷଣୀୟ। ଝରକାମାନଙ୍କ ଆକର୍ଷଣୀୟ ଉପସ୍ଥିତି ସେଠାରେ ଦେଖିବାକୁ ମିଳେ: ପୂର୍ବ ଦିଗକୁ ମୁହାଁଇ ଥିବା ଅଧ୍ୟୟନ କକ୍ଷର ଦୁଇଟି ଝରକା। ସୂର୍ଯ୍ୟ ଉଦୟ ହେଉ ହେଉ କୋମଳ ଖରା ସହ ଥଣ୍ଡା ପବନ ବଖରାକୁ ପଶି ଆସେ। ସଂଗୃହୀତ ନମୁନାର ବିଶ୍ଳେଷଣ ପାଇଁ ଏହା ଅନୁକୂଳ ପରିବେଶ। ପୁଣି ସେଇ ଘରେ ସଂଲଗ୍ନ ଗୋଟିଏ କୋଣ ଆଡ଼କୁ ବୁଲି ରହିଥିବା ଦର୍ପଣ, ଯାହା ଘର ଭିତରୁ ବାହାରେ ଚଳପ୍ରଚଳ ହେଉଥିବା ଜୀବମାନଙ୍କ ସମ୍ପର୍କରେ ଗୁପ୍ତ ସୂଚନା ଦିଏ। ଶୟନ କକ୍ଷରେ ଉତ୍ତମ ବାୟୁ ସଞ୍ଚାଳନ ଓ ପୂର୍ଣ୍ଣ ଦର୍ଶନ ସକାଶେ ତିନୋଟି ପ୍ୟାନେଲବିଶିଷ୍ଟ ବୃହତ୍ ଗବାକ୍ଷ, ଯାହାରି ସାହାଯ୍ୟରେ ସେ ତାଙ୍କ ସିଦ୍ଧାନ୍ତ ପାଇଁ ବିସ୍ତୃତ ସର୍ଭେ କରିଥାନ୍ତି। ତତ୍ ସହ ଡ୍ରଇଂରୁମ୍‌ରେ ଉଚ୍ଚ ସ୍ଥାନରେ ଖୋଲି ହେଉଥିବା କବାଟର ଝରକାମାନଙ୍କ ବାଟେ ବହିଃସ୍ଥ ଜଗତ ଅବଲୋକନ କରାଯାଇ ପାରିବ। ଆହୁରି ମଧ୍ୟ ପାରିବାରିକ ପ୍ରକୋଷ୍ଠରେ ତାଙ୍କର ଛଅ ପୁଅ ଓ ଚାରି ଝିଅଙ୍କ ପାଇଁ ବାହାରର ଦୃଶ୍ୟ ଉପଭୋଗ କରିବାକୁ ବହୁ ସଂଖ୍ୟକ ପଞ୍ଝୁରୀ। ବାସ୍ତବିକ ଡାରଉ୍ଇନ୍ ଝରକାର ଉପାଦେୟତା ଓ ସମ୍ଭାବନାର ପୂରା ଫାଇଦା ଲାଭ କରିଥିଲେ।

ଡାରଉ୍ଇନ୍‌ଙ୍କ ଏତାଦୃଶ ଡାଉନ୍ ହାଉସ୍ ହେଉଛି ଝରକାର ଚମତ୍କାର ପରିକଳ୍ପନା। ଏହା ତାଙ୍କ ଗବେଷଣାର ଫଳାଫଳକୁ କେବଳ ଚୂଡ଼ାନ୍ତ ରୂପ ଦେଇ ନଥିଲା, ତାଙ୍କର ଅଭୂତପୂର୍ବ ଗବେଷଣାର ନିଷ୍କର୍ଷଜନିତ ପ୍ରବଳ ଭାବନାତ୍ମକ ଚାପକୁ ଅନେକାଂଶରେ ଲାଘବ କରିଥିଲା।



ପ୍ରତ୍ୟେକଙ୍କ ଘରେ ପିଞ୍ଜରା ରହିଛି। କିନ୍ତୁ ସର୍ବସାଧାରଣଙ୍କ କ୍ଷେତ୍ରରେ କବାଟ ପରି ଏହାର ମର୍ଯ୍ୟାଦା ନାହିଁ। ବିଶେଷ ଭାବେ ଘର କାନ୍ଥର ୱିଣ୍ଡୋ ଅପେକ୍ଷା ଇଲେକ୍ଟ୍ରୋନିକ ଉପକରଣର ୱିଣ୍ଡୋ ଆମକୁ ବିମୋହିତ କରୁଛି। ଆମେ ସ୍ମାର୍ଟଫୋନ୍, ଟାବ୍‌ଲେଟ୍, କମ୍ପ୍ୟୁଟର, ଟେଲିଭିଜନ, ଗେମିଂ, କନସୋଲ (ପ୍ଲେ-ଷ୍ଟେସନ, ଏକ୍ସ ବକ୍ସ ଇତ୍ୟାଦି), ସ୍ମାର୍ଟ ୱାଚ୍, ଭର୍ଚୁଆଲ ରିୟଲିଟି ହେଡ୍‌ସେଟ୍‌ର ସ୍କ୍ରିନ୍ ଉପରେ ଦୃଷ୍ଟି ନିବଦ୍ଧ କରୁଛେ। ଏଥିରେ ପରିଦୃଷ୍ଟ ରଙ୍ଗୀନ ଦୃଶ୍ୟରୁ ନିର୍ଗତ ନୀଳ ଆଲୋକ ଯୋଗୁଁ ଆଖିରେ ଯନ୍ତ୍ରଣା ଜାତ ହୁଏ ଏବଂ ନିଦ୍ରାକୁ ବିଭ୍ରାଟ କରେ। ଜଣାଯାଏ ଯେ ଉକ୍ତ ସ୍କ୍ରିନ୍ ଟାଇମ୍ ଭାରତୀୟଙ୍କ ପାଇଁ କୁଆଡ଼େ ସର୍ବାଧିକ ହୋଇପାରେ ପ୍ରଥମ ବା ଦ୍ୱିତୀୟ ସ୍ଥାନ। ଜନସଂଖ୍ୟାକୁ ଆଧାର କରି ପ୍ରଦତ୍ତ ଆମ ଦେଶର ସ୍କ୍ରିନ୍ ଟାଇମ୍‌ର ତାଲିକା ହେଉଛି:

ବୟସ୍କ: ଦୈନିକ ୫ରୁ ୭.୩ ଘଣ୍ଟା (ମୁଖ୍ୟତଃ ସାମାଜିକ ଗଣମାଧ୍ୟମ, ଲଘୁ ଭିଡିଓ)

ଶିଶୁ ଓ କିଶୋର: ପ୍ରତିଦିନ ୪ରୁ ୫.୫ ଘଣ୍ଟା

ଛୋଟ ପିଲା (୫ ବର୍ଷଠାରୁ କମ୍): ଦୈନିକ ୨.୨ ଘଣ୍ଟା ଯାହାକି ନିରାପଦ ସୀମାଠାରୁ ଅଧିକ। (ଟାଇମ୍ସ ଅଫ ଇଣ୍ଡିଆ, ୯ ଜୁଲାଇ, ୨୦୨୫; ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ, ୨୪ ଅକ୍ଟୋବର, ୨୦୨୪)। ଡାରଉ୍ଇନ୍‌ଙ୍କ ଜୀବନ ଆମକୁ ଉଦ୍‌ବୁଦ୍ଧ କଲେ ଉପରୋକ୍ତ କ୍ଷତିକାରକ, ବିଜ୍ଞାନର ପରିପନ୍ଥୀ ଇଲେକ୍ଟ୍ରୋନିକ ଗାଜେଟ୍ ପ୍ରତି ଆମ ଆସକ୍ତି ହ୍ରାସ ହେବ ଏବଂ ଘର କାନ୍ଥର ଝରକା ଆଡ଼କୁ ଆମେ ମୁହାଁଇବା। ଏହାର ସୁଫଳ ହେବ, ଆବାଳ-ବୃଦ୍ଧ-ବନିତା କେବଳ ସୁସ୍ଥ ରହିବେ ନାହିଁ; ସେମାନଙ୍କ ନିକଟରେ ଥିବା ଶିଶୁସୁଲଭ କୌତୁହଳ ପ୍ରବୃତ୍ତି ବିକଶିତ ହେବ ଏବଂ ଏକ ବହୁ-ଜ୍ଞାନସଂପନ୍ନ ସମାଜ ପାଇଁ ଏହା ଶକ୍ତି ଯୋଗାଇବ।

ମୋ: ୯୦୭୮୭୪୩୮୪୩

# ଶୀତଳ ଷଷ୍ଠୀ: ଏକ ସାଂସ୍କୃତିକ ଗଣପର୍ବ



ଡାକ୍ତର ଅଂଶୁମାନ କର

ଶୀତଳ ଷଷ୍ଠୀ ହେଉଛି ପଶ୍ଚିମ ଓଡ଼ିଶାର, ବିଶେଷକରି ସମ୍ବଲପୁରର ଏକ ପ୍ରସିଦ୍ଧ ଗଣପର୍ବ। ଏହା ଦେବଦେବ ମହାଦେବ ଏବଂ ମାତା ପାର୍ବତୀଙ୍କର ବିବାହ ମହୋତ୍ସବ ଭାବେ ବେଶ୍ ଧୁମ୍‌ଧାମ୍‌ରେ ପାଳିତ ହୁଏ। ଜ୍ୟେଷ୍ଠ ମାସର ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଦେବ ଦମ୍ପତିଙ୍କର ବିବାହ ସମ୍ପନ୍ନ ହେଉଥିବା ବେଳେ ଷଷ୍ଠୀ ତିଥିରେ ନଗର ପରିକ୍ରମା ବା ନଗର ଯାତ୍ରା ଅନୁଷ୍ଠିତ ହୋଇଥାଏ। ଓଡ଼ିଶାରେ ମହାପ୍ରଭୁ ଲିଙ୍ଗରାଜଙ୍କଠାରୁ ଆରମ୍ଭ କରି ପ୍ରାୟ ସମସ୍ତ ଶୈବ ପୀଠରେ ଏହି ତିଥିରେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ପାଳନ ହେଉଥିବା ବେଳେ ପଶ୍ଚିମ ଓଡ଼ିଶାର ଶୀତଳ ଷଷ୍ଠୀ କେବଳ ଏକ ଆଧ୍ୟାତ୍ମିକ ପର୍ବ ନ ହୋଇ ଏକ ଜାତୀୟ, ସାମାଜିକ ଓ ସାଂସ୍କୃତିକ ଗଣପର୍ବର ରୂପ ନେଇଥାଏ। ଗ୍ରୀଷ୍ମର ପ୍ରକୋପରେ ଧରିତ୍ରୀ ଯେତେବେଳେ ଆତୁର ହୋଇଉଠେ, ସେତେବେଳେ ଜଗତକୁ ଶୀତଳତା ପ୍ରଦାନ କରିବା ପାଇଁ ଆରାଧ୍ୟ ଦେବତା ପ୍ରଭୁ ଶିବ ଓ ମାତା ପାର୍ବତୀଙ୍କର ଶୁଭ ବିବାହ ଉତ୍ସବ ଆୟୋଜିତ ହୁଏ। ସମ୍ବଲପୁରର ଶୀତଳ ଷଷ୍ଠୀ କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ଏହା ଏକ ବିରାଟ ସାଂସ୍କୃତିକ ଗଣମହୋତ୍ସବ, ଯାହା ସମଗ୍ର ଅଞ୍ଚଳକୁ ଭକ୍ତି ଓ ଆନନ୍ଦର ରଙ୍ଗରେ ରଙ୍ଗେଇ ଦିଏ।

ଇତିହାସ ଅନୁସାରେ, ସମ୍ବଲପୁରରେ ଶୀତଳ ଷଷ୍ଠୀ ଯାତ୍ରାର ଆରମ୍ଭ ପ୍ରାୟ ୪୦୦ ବର୍ଷ ପୂର୍ବେ ଚୌହାନ ବଂଶର ରାଜାମାନଙ୍କ ସମୟରେ ହୋଇଥିଲା। ସମ୍ବଲପୁରର ତତ୍କାଳୀନ ରାଜା ପୁରୀ ଅଞ୍ଚଳରୁ ବ୍ରାହ୍ମଣମାନଙ୍କୁ ଆଣି ସମ୍ବଲପୁରର 'ନନ୍ଦପଡ଼ା' ଅଞ୍ଚଳରେ ବସତି ସ୍ଥାପନ କରାଇ ଥିଲେ। ସେହି ସମୟରୁ ନନ୍ଦପଡ଼ାର ବାବା ବାଲୁଙ୍କେଶ୍ୱରଙ୍କ ମନ୍ଦିରରୁ ଏହି ଯାତ୍ରାର ସୂତ୍ରପାତ ହୋଇଥିଲା। ପରବର୍ତ୍ତୀ ସମୟରେ ଝାଡୁଆପଡ଼ାର ବାବା ଲୋକନାଥ ଏବଂ ମୁଦିପଡ଼ାର ବାବା ଜାଗେଶ୍ୱରଙ୍କ ସମେତ ସହରର ବିଭିନ୍ନ ପଡ଼ାର ଶିବ ମନ୍ଦିରଗୁଡ଼ିକ ଏହି ଉତ୍ସବରେ ସାମିଲ ହେଲେ। ଐତିହାସିକ ପ୍ରମାଣ ଏବଂ ସ୍ଥାନୀୟ କ୍ରୋନିକଲ୍ସ (ଯେପରିକି ପଣ୍ଡିତ ଗଙ୍ଗାଧର ମିଶ୍ରଙ୍କ ଦ୍ୱାରା ଲିଖିତ 'କୋଶଳାନନ୍ଦ କାବ୍ୟମ୍') ଅନୁସାରେ, ଏହି ଯାତ୍ରା ୧୭ଶ ଶତାବ୍ଦୀରେ ସମ୍ବଲପୁରର ଶକ୍ତିଶାଳୀ ଚୌହାନ ରାଜା ବଳିଆର ସିଂହ (୧୬୬୦-୧୬୯୦)ଙ୍କ ସମୟରେ ଆରମ୍ଭ ହୋଇଥିଲା। ସେହି ସମୟରେ ସମ୍ବଲପୁର ଅଞ୍ଚଳରେ ବୈଦିକ ରୀତିନୀତି ଏବଂ ଶୈବ ସଂସ୍କୃତିର ପ୍ରସାର ପାଇଁ ରାଜା ବଳିଆର ସିଂହ ପୁରୀର ଗଜପତି ମହାରାଜାଙ୍କ ସହଯୋଗରେ ପୁରୀର ପ୍ରସିଦ୍ଧ ଶାସନ ଗ୍ରାମଗୁଡ଼ିକରୁ ୧୮ଟି ଉତ୍କଳୀୟ ଶ୍ରୋତ୍ରୀୟ ବୈଦିକ ବ୍ରାହ୍ମଣ ପରିବାରକୁ ସମ୍ବଲପୁର ନିମନ୍ତ୍ରଣ କରି ଆଣିଥିଲେ। ସେହି ବ୍ରାହ୍ମଣମାନେ ପ୍ରଥମେ ସମ୍ବଲପୁର ଗଡ଼ (ଦୁର୍ଗ) ଭିତରେ ଥିବା ବାଲିବନ୍ଧ ଅଞ୍ଚଳର ୩ସାମିଆ ଗୁଡ଼ି' ବା ସୋମନାଥ ମନ୍ଦିରରେ ପ୍ରଭୁ ଶିବ ଏବଂ ମାତା ପାର୍ବତୀଙ୍କର ଏହି ମାନବୀୟ ବିବାହ ଉତ୍ସବର ପରମ୍ପରା ଆରମ୍ଭ କରିଥିଲେ।

ଶୀତଳ ଷଷ୍ଠୀର ସବୁଠାରୁ ଆକର୍ଷଣୀୟ ଏବଂ ନିଆରା ବୈଶିଷ୍ଟ୍ୟ ହେଉଛି ଏହାର ମାନବୀୟ ରୀତିନୀତି। ପ୍ରଭୁ ଶିବ ଏବଂ ମାତା ପାର୍ବତୀଙ୍କୁ ସମ୍ପୂର୍ଣ୍ଣ ମାନବୀୟ ଢଙ୍ଗରେ ବିବାହ କରାଯାଏ, ଯାହାକି ଧୀରେ ଧୀରେ ଖାଲି ସମ୍ବଲପୁର କାହିଁକି, ସାରା ଓଡ଼ିଶାରେ ଶିବ ବିବାହ ଉତ୍ସବର ମୁଖ୍ୟ ଆକର୍ଷଣ ହୋଇଗଲା। ପ୍ରତି ବର୍ଷ ସହରର ଶ୍ରଦ୍ଧାଳୁମାନଙ୍କ ମଧ୍ୟରୁ ଭାଗ୍ୟଶାଳୀ ଦମ୍ପତିଙ୍କୁ ମାତା ପାର୍ବତୀଙ୍କର ମାତା-ପିତା (କନ୍ୟାପିତା) ଭାବେ ଚୟନ କରାଯାଏ। ସେହିପରି ପ୍ରଭୁ ଶିବଙ୍କ ପକ୍ଷରୁ ମଧ୍ୟ ବରପିତା ଚୟନ ହୁଅନ୍ତି। ଜଣେ ସାଧାରଣ ଝିଅର ବିବାହ ପରି ମାତା ପାର୍ବତୀଙ୍କ ପିତାମାତା ବରଯାତ୍ରୀଙ୍କୁ ସ୍ୱାଗତ କରନ୍ତି ଏବଂ ବୈଦିକ ରୀତିନୀତି ଅନୁସାରେ ପ୍ରଭୁ ଶିବଙ୍କ ହାତରେ କନ୍ୟାଦାନ କରନ୍ତି। ସମ୍ବଲପୁରର ଏକ ପ୍ରସିଦ୍ଧ ଲୋକକବିତାରେ କୁହାଯାଇଛି- 'ଜ୍ୟେଷ୍ଠ ମାସର ନିଦାଘ ଖରା/ ଆତୁର ହେଉଛି ଏହି ଧରା/ ଧରିତ୍ରୀର ତାପ ହରିବା ପାଇଁ/ ମହାଦେବ ଆଜି ବର ସାଜଇ/କନ୍ୟାପିତା ଘରେ ଆନନ୍ଦ ମେଳା/ ପାର୍ବତୀ ମାତାଙ୍କ ବିବାହ ବେଳା/ ହୁଳହୁଳି ଧ୍ୱନି ମନ୍ତ୍ରର ସ୍ୱର/ ଭକ୍ତିରେ ରଙ୍ଗିଲା ସମ୍ବଲପୁର।'

ଏହି ଯାତ୍ରା ପ୍ରାୟ ଏକ ସପ୍ତାହ ଧରି ଚାଲିଥାଏ ଏବଂ ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ରୀତିନୀତି ସମ୍ପନ୍ନ ହୁଏ। ଥାଳଉଠା- ଏହା ହେଉଛି ଉତ୍ସବର ପ୍ରଥମ ପର୍ଦ୍ଦ, ଯେଉଁଥିରେ କି ଉତ୍ସବର ପରମ୍ପରେ ବିବାହ ଉତ୍ସବ ଓ ସାଂସ୍କୃତିକ ପର୍ବ ପାଇଁ ଆର୍ଥିକ ବ୍ୟବସ୍ଥାର ସଂକଳ୍ପ ନିଆଯାଏ। ଏହା ପରେ ହୁଏ ପତର ପେଣ୍ଡି, ଯେଉଁଥିରେ କି ମାତା ପାର୍ବତୀଙ୍କୁ କନ୍ୟାପିତାଙ୍କ ଘରକୁ ନିଆଯାଏ ଏବଂ ସେଠାରେ ସେ ବିବାହ ପୂର୍ବରୁ ଅବସ୍ଥାନ କରନ୍ତି। ତା' ପରେ ହୁଏ ଗୁଆ ଗୁଣ୍ଡା (ନିମନ୍ତ୍ରଣ), ଯେଉଁଥିରେ ପ୍ରଭୁ ଶିବଙ୍କ ତରଫରୁ ବିବାହ ଉତ୍ସବରେ ଯୋଗ ଦେବା ପାଇଁ ସହରବାସୀ ଓ ଅନ୍ୟ ଦେବଦେବୀମାନଙ୍କୁ ଗୁଆ ନିମନ୍ତ୍ରଣ କରାଯାଇଥାଏ। ଜ୍ୟେଷ୍ଠ ପଞ୍ଚମୀ ରାତିରେ ମହାଆଡ଼ମ୍ବରରେ ବରଯାତ୍ରୀ ଶୋଭାଯାତ୍ରା ବାହାରି କନ୍ୟାପିତାଙ୍କ ମଣ୍ଡପରେ ପହଞ୍ଚେ ଏବଂ ବିଳମ୍ବିତ ରାତିରେ ବିବାହ ସମ୍ପନ୍ନ ହୁଏ। ବିବାହର ପର ଦିନ, ଅର୍ଥାତ୍ ଷଷ୍ଠୀ ତିଥିରେ ଦେବ ଦମ୍ପତି ନବବିବାହିତ ବେଶରେ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି।



ଏହି ସମୟରେ ସମ୍ବଲପୁର ସହର ଏକ ବିରାଟ କାର୍ଣ୍ଣିଭାଲର ରୂପ ନିଏ। ରାତିସାରା ଚାଲୁଥିବା ଏହି ଶୋଭାଯାତ୍ରାରେ ଓଡ଼ିଶା ଏବଂ ଓଡ଼ିଶା ବାହାରୁ ଆସିଥିବା ହଜାର ହଜାର ସାଂସ୍କୃତିକ କଳାକାର ଭାଗ ନିଅନ୍ତି। ପାରମ୍ପରିକ ସମ୍ବଲପୁରୀ ନୃତ୍ୟ (ଡପ୍, ଡାଲଖାଇ, ରସରକେଲୀ), ବାଘ ନାଚ, କଣ୍ଢେଇ ନାଚ ଏବଂ ବିଭିନ୍ନ ପ୍ରକାରର ଆଲୋକ ସଜ୍ଜିତ ସୁଦୃଶ୍ୟ ସ୍ତବକ ବା ମେଢ଼ ଯାତ୍ରାର ମୁଖ୍ୟ ଆକର୍ଷଣ ସାଜିଥାଏ। ଏହା ସହିତ ସ୍ୱତନ୍ତ୍ର କିନ୍ନର ସମୁଦାୟର ଲୋକମାନେ ମଧ୍ୟ ଭଗବାନ ଶିବଙ୍କ ଅର୍ଦ୍ଧନାରୀଶ୍ୱର ରୂପକୁ ଆରାଧନା କରି ଏହି ଶୋଭାଯାତ୍ରାରେ ନୃତ୍ୟ କରନ୍ତି। ଶୀତଳ ଷଷ୍ଠୀ କେବଳ ଏକ ପୂଜା ନୁହେଁ; ଏହା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ସମ୍ବଲପୁରବାସୀଙ୍କୁ ଏକତାର ସୂତ୍ରରେ ବାନ୍ଧିଥାଏ। ଏହି ଯାତ୍ରା ସମ୍ବଲପୁରର ଅତିଥି ସତ୍କାର ଓ ଭ୍ରାତୃଭାବର ପ୍ରତୀକ। ଐତିହାସିକ ଦୃଷ୍ଟିକୋଣରୁ ଶୀତଳ ଷଷ୍ଠୀର ଆରମ୍ଭ କେବଳ ଏକ ଧାର୍ମିକ ପରମ୍ପରା ନଥିଲା। ପ୍ରଚଣ୍ଡ ରୌଦ୍ରତାପ ଓ ମରୁଡ଼ିରୁ ରକ୍ଷା ପାଇବା ପାଇଁ ଏବଂ ଆଗାମୀ ମୌସୁମୀ ବର୍ଷାକୁ ସ୍ୱାଗତ କରିବା ପାଇଁ 'ବର୍ଷାର ଦେବତା'ଙ୍କୁ ପ୍ରସନ୍ନ କରିବା ଉଦ୍ଦେଶ୍ୟରେ ଏହି ଶୀତଳ ଅନୁଷ୍ଠାନ କରା ଯାଉଥିଲା, ଯାହା ପରବର୍ତ୍ତୀ ସମୟରେ ଏକ ବଡ଼ ସାଂସ୍କୃତିକ ଗଣପର୍ବର ରୂପ ନେଇଛି।

ଅନନ୍ୟ ନିକେତନ, ଏନ୍-୧/୧୮୩
ଆଇଆରସି ଭିଲେଜ୍ ଭୁବନେଶ୍ୱର
ମୋ: ୯୭୭୮୦୩୦୪୯୪

## ସମ୍ପାଦକଙ୍କୁ ପତ୍ର

### କର୍ମ ନିଯୋଜନ ମାଧ୍ୟମରେ ଦେଶର ପ୍ରଗତି ସମ୍ଭବ

କଲ୍ୟାଣକାରୀ ରାଷ୍ଟ୍ରର ଶାସନ ବ୍ୟବସ୍ଥାରେ ପ୍ରତ୍ୟେକ ଲୋକଙ୍କୁ ନିଶ୍ଚିତ କର୍ମ ନିଯୋଜନ ମାଧ୍ୟମରେ ସହଜରେ ଦେଶର ପ୍ରଗତି ଅଣାଯାଇ ପାରିବ। କାରଣ, ଆମ ଦେଶରେ ମାନବ ସମ୍ବଳର ଅଭାବ ନାହିଁ। ଉଚ୍ଚଶିକ୍ଷିତ, ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଏବଂ ଅଶିକ୍ଷିତ- ସବୁ ବର୍ଗର ମାନବ ସମ୍ବଳକୁ ସୁବିନିଯୋଗ କରି ପାରିଲେ ବିକାଶ ପାଇଁ ବାଧକ ରହିବ ନାହିଁ। କୃଷି ହେଉ କି ଶିଳ୍ପ, ଦପ୍ତର ହେଉ କି ନିର୍ମାଣ ପ୍ରକଳ୍ପ, ଶିକ୍ଷା ହେଉ କି ସ୍ୱାସ୍ଥ୍ୟ ସେବା, ବିଜ୍ଞାନ ହେଉ କି ବୈଷୟିକ କାରିଗରୀ, ବାଣିଜ୍ୟ ହେଉ କି ପରିବହନ, ଏପରିକି କଳା, ସାହିତ୍ୟ, ସଂସ୍କୃତି, ସ୍ଥାପତ୍ୟ ଓ ପର୍ଯ୍ୟଟନ ସବୁ କ୍ଷେତ୍ରରେ ପର୍ଯ୍ୟାପ୍ତ କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟିକରି ବେକାରୀ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେବା ଜରୁରୀ। କେବଳ ଗରିବୀ ହଟାଇବା ଯୋଜନା ଜରିଆରେ କୌଣସି କର୍ମ ସଂସ୍ଥାନ ପରିବର୍ତ୍ତେ ଦେଶବାସୀଙ୍କୁ ଆର୍ଥିକ ଭତ୍ତା, ଶସ୍ୟ ଦାନା ଅବା ପଡ଼ି ସାମଗ୍ରୀ ପ୍ରଦାନ କରାଗଲେ ଗୁଡ଼ାଏ ଅଳସୁଆ ତଥା ଅକର୍ମଣ୍ୟ ସୃଷ୍ଟି ହେବା ସହିତ ଦେଶର ଆର୍ଥିକ ମେରୁଦଣ୍ଡ ଦୋହଲି ଯିବା ବିଚିତ୍ର ନୁହେଁ। ତା' ଛଡ଼ା କେଉଁ ବିଦେଶୀ ପ୍ରରୋଚନାରେ ଭଳିଯାଇ ନିଯୁକ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା, ବାଧ୍ୟତାମୂଳକ ଅବା ସ୍ୱେଚ୍ଛାକୃତ ଅବସର ଦେଇ ଲୋକଙ୍କୁ କର୍ମଚ୍ୟୁତ କରିଦେବା ଏବଂ ଦକ୍ଷ ତଥା କୁଶଳୀ ମାନବ ସମ୍ବଳକୁ ଠିକା ଭିତ୍ତିରେ ଦୁରୁପଯୋଗ କରୁଥିବା ବ୍ୟବସ୍ଥା କଦାପି ପ୍ରଗତିର ଲକ୍ଷଣ ହୋଇ ନପାରେ। ଏଣୁ, ସରକାର ସମଗ୍ର ଦେଶର ପ୍ରତିଟି ନାଗରିକଙ୍କୁ ଉପଯୁକ୍ତ କର୍ମ ସଂସ୍ଥାନ ଯୋଗାଇ ଦେବା ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ଅଥବା ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରି ପାରିଲେ ପ୍ରଗତି ଅବଶ୍ୟମ୍ଭାବୀ ହୋଇ ପାରିବ।

ଅବନୀ ଚନ୍ଦ୍ର ଦାସ, ସାଇ ସଦନ,
ପ୍ରଶାନ୍ତି ବିହାର, ଭୁବନେଶ୍ୱର

# ଗଣତାନ୍ତ୍ରିକ ପବିତ୍ରତାର ଅବକ୍ଷୟ

ବେଶ୍ କେତେ ଦିନ ହେବ, ବିଶେଷକରି ପଶ୍ଚିମବଙ୍ଗ ନିର୍ବାଚନ ଉପରାନ୍ତ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ଫାଟ ସୃଷ୍ଟି ହେବା ପରେ ଭାରତର ରାଜନୀତିକ ଦୃଶ୍ୟପଟରେ ସାଂସଦମାନେ ଦଳ ବଦଳ କରି ଅନ୍ୟ ଦଳରେ ମିଶିବାର ହଟଚମଟ ଦେଖିବାକୁ ମିଳୁଛି। ଏହି କ୍ରମରେ ଏବେ ସାମ୍ନାକୁ ଆସିଛି ଆଉ ଏକ ପୁନଃସହବନ୍ଧନର ଦୃଶ୍ୟ, ଯାହା ବେଶ୍ ମହତ୍ତ୍ୱପୂର୍ଣ୍ଣ। ରିପୋର୍ଟ ପ୍ରକାଶ ପାଇଛି ଯେ ଶିବସେନା (ୟୁବିଟି)ର ନଅ ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ଛଅ ଜଣ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଗୋଷ୍ଠୀରେ ଯୋଗ ଦେବାକୁ ପ୍ରସ୍ତୁତ ହେଉଛନ୍ତି, ଯାହା ସଂସଦୀୟ ରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନର ସୂଚନା ପ୍ରଦାନ କରୁଛି। ଟିଏମ୍‌ସିରେ ଦେଖା ଦେଇଥିବା ଅସନ୍ତୋଷର ଅବ୍ୟବହିତ ପରେ, ଏହି ବିକାଶ ବିରୋଧୀ ଦଳମାନଙ୍କ ମଧ୍ୟରେ ବିଭାଜନର ଏକ ବ୍ୟାପକ ଶୈଳୀ ଉପରେ ଗୁରୁତ୍ୱାରୋପ କରୁଛି, ଯାହା ଉଭୟ ସଂସଦ ଭିତରେ ଏବଂ ବାହାରେ କ୍ଷମତାର ସନ୍ତୁଳନକୁ ପୁନରାକୃତି ପ୍ରଦାନ କରୁଛି। ଏହି ଅଧ୍ୟାୟକୁ ଯାହା ବିଶେଷ ଭାବରେ ଆଶ୍ଚର୍ଯ୍ୟଜନକ କରୁଛି, ତାହା ହେଉଛି- ଆଦର୍ଶଗତ ଅବୁଝାମଣା ବା ନୀତିଗତ ବିବାଦର କୌଣସି ପ୍ରକାର ଦୃଶ୍ୟମାନତାର ଅନୁପସ୍ଥିତି। ଏଭଳି ବିଭାଜନରେ ଯେଉଁ ଆଇନ ନିର୍ମାତାମାନେ ସମ୍ପୃକ୍ତ ରହୁଛନ୍ତି, ସେମାନେ ପରିଚାଳନାଗତ ଚିନ୍ତାଜନକ କାରଣରୁ କିମ୍ବା ଜନସାଧାରଣଙ୍କର ନାଟକୀୟ ଭାବରେ ମନୋଭାବରେ ପରିବର୍ତ୍ତନ ଯୋଗୁଁ ନିଜ ଦଳ ଛାଡ଼ି ଅନ୍ୟ ଦଳରେ ଯୋଗ ଦେବାକୁ ଚାହୁଁ ନାହାନ୍ତି। ବରଂ ତା' ପରିବର୍ତ୍ତେ ଏହି ପଦକ୍ଷେପ ରାଜନୀତିକ ତତ୍ପରତା ଦ୍ୱାରା ପରିଚାଳିତ ହେଉଥିବା ମନେ ହେଉଛି- ଏୟା ଯେ ବିରୋଧୀ ଦଳରେ ରହିବା ଅପେକ୍ଷା କ୍ଷମତାରେ ଥିବା ଦଳ ସହିତ ଘନିଷ୍ଠତା ବଢ଼ାଇବା ଅଧିକ ସୁରକ୍ଷା ଏବଂ ପ୍ରଭାବ ପ୍ରଦାନ କରିବ।

ନରେନ୍ଦ୍ର ମୋଦୀ ସରକାର ଏବଂ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପାଇଁ ଏହି ବିକାଶ ଏକ ବିପୁଳ ରଣନୀତିକ ଲାଭ। ଲୋକସଭାରେ ଏନ୍‌ଡିଏ ନିକଟରେ ସଂଖ୍ୟା ଗରିଷ୍ଠତା ରହିଥିବା ବେଳେ ଇଣ୍ଡିଆ ମେଣ୍ଟରୁ ଆସୁଥିବା ଏହି ସଦସ୍ୟମାନଙ୍କୁ ଗ୍ରହଣ କରିବା ଶାସକ ମେଣ୍ଟକୁ ଏହାର ବିରୋଧୀମାନଙ୍କ ଉପରେ ଏକ ବଡ଼ ଧରଣର ମନସ୍ତାତ୍ତ୍ୱିକ ଫାଇଦା ପ୍ରଦାନ କରିଥାଏ। ଏହା ବିରୋଧୀମାନଙ୍କର ସଂଖ୍ୟାଗତ ଶକ୍ତିକୁ ଦୁର୍ବଳ କରିଥାଏ, ପ୍ରମୁଖ ବ୍ୟବସ୍ଥାପିକା ପ୍ରସଙ୍ଗଗୁଡ଼ିକରେ ପ୍ରତିରୋଧ କରିବା ଉପରେ ସଂଯୋଜନା ନିମନ୍ତେ ଏହାର ସାମର୍ଥ୍ୟକୁ ହ୍ରାସ କରିଥାଏ ଏବଂ ଏକ ଶାସକ ମେଣ୍ଟର ଭାବନାକୁ ଅଧିକ ଦୃଢ଼ୀଭୂତ କରିଥାଏ, ଯାହା ନିଜର ପ୍ରଭାବକୁ ବିସ୍ତାର କରିବା ବଜାୟ ରଖିଥାଏ। ଏନ୍‌ଡିଏ ମଧ୍ୟରେ ଲାଭାର୍ଥୀ ନିଃସନ୍ଦେହରେ ଏକନାଥ ସିନ୍ଦେ ହେବେ। ୨୦୨୨ରେ ଶିବସେନାରେ ମୂଳ ବିଭାଜନ ହେବା ପରଠାରୁ ନେତୃତ୍ୱ ନେଇ ଆସୁଥିବା ଏକନାଥ ସିନ୍ଦେ ବିରୋଧୀମାନଙ୍କ ତରଫରୁ ସମାଲୋଚନାର ସମ୍ମୁଖୀନ ହୋଇ ଆସୁଛନ୍ତି, ଯେଉଁମାନେ କି ତାଙ୍କୁ ବିଜେପିର ସମର୍ଥନ ଉପରେ ନିର୍ଭରଶୀଳ ରହିଥିବା କହି ଆସୁଛନ୍ତି। ଉଦ୍ଧବ ଠାକ୍‌ରେଙ୍କ ଶିବିରରେ ଅନ୍ୟ ଏକ ବିଭାଜନକୁ ସଫଳତାର ସହିତ ପରିଚାଳନା କରିବା ଶିବସେନାର ପ୍ରକୃତ ଉତ୍ତରାଧିକାରୀ ଭାବରେ ତାଙ୍କର ଦାବିକୁ ଦୃଢ଼ୀଭୂତ କରିବା ସଙ୍ଗେ ସଙ୍ଗେ ମହାରାଷ୍ଟ୍ର ରାଜନୀତିରେ ତାଙ୍କର ସ୍ଥିତିକୁ ମଜଭୁତ କରିବାରେ ସହାୟକ ହେବ। ଶାସକ ମେଣ୍ଟକୁ ଅତିରିକ୍ତ ସଂଖ୍ୟକ ସଂସଦୀୟ ସଂଖ୍ୟା ପ୍ରଦାନ କରି ଶ୍ରୀଯୁକ୍ତ ସିନ୍ଦେ ମଧ୍ୟ କେବଳ ସାମାନ୍ୟ ଆଞ୍ଚଳିକ ମିତ୍ର ହେବା ଅପେକ୍ଷା ଜଣେ ପ୍ରମୁଖ ରାଜନୀତିକ ଖେଳାଳିର ମର୍ଯ୍ୟାଦା ଲାଭ କରିବେ।

ଅପର ପକ୍ଷରେ, ଇଣ୍ଡିଆ ମେଣ୍ଟ ପାଇଁ ଏହି ଆଘାତ ଅତ୍ୟନ୍ତ ସାଂଘାତିକ। ସଂସଦ ବାହାରେ ସେମାନେ ନିକଟରେ ପାଇଥିବା ନିର୍ବାଚନୀ ବିରୋଧରୁ ହାସଲ କରିଥିବା ନୈତିକ ପ୍ରୋତ୍ସାହନକୁ ଚୁରମାର୍ କରିଦେବ। ସଂସଦ ଭିତରେ ଏକ ଶୃଙ୍ଖଳିତ ଆଞ୍ଚଳିକ ମେଣ୍ଟକୁ ହରାଇବା ସେମାନଙ୍କର ବିତର୍କ କରିବାର ପୁନଃପୌନିକ ଶାଣିତ ଶକ୍ତିକୁ ଶେଷ କରିବା ସହିତ ଉତ୍ତମ ରୂପେ ସଂଯୋଜିତ ସଦନ ପରିଚାଳନା ସାମର୍ଥ୍ୟକୁ ଦୁର୍ବଳ କରିବ। ଏହା ମେଣ୍ଟକୁ ଆତ୍ମରକ୍ଷାମୂଳକ ଢଙ୍ଗରେ ଟଳମଳ ହେବା ସଙ୍ଗେ ସଙ୍ଗେ ସାଂଗଠନିକ ଭାବରେ ଶକ୍ତିର ଅଭାବ ସହିତ ଏକତାକୁ ପ୍ରଦର୍ଶନ କରିବାକୁ ବାଧ୍ୟ କରିବ। ଆଇନଗତ ଭାବରେ ଏହି ଅସନ୍ତୁଷ୍ଟ ସାଂସଦମାନେ ଏକ ଛୁଞ୍ଚିରେ ସୂତା ଭର୍ତ୍ତି କରୁଛନ୍ତି। ଶିବସେନା (ୟୁବିଟି)ର ନଅ ଜଣ ସଂସଦ ସଦସ୍ୟଙ୍କ ମଧ୍ୟରୁ ଠିକ୍ ଦୁଇ-ତୃତୀୟାଂଶ ସଂଖ୍ୟା ଛଅ ଜଣଙ୍କୁ ନିଜ ନିକଟରେ ରଖି ବିଭାଜିତ ଗୋଷ୍ଠୀ ସମ୍ବିଧାନର ଦଶମ ଅନୁସୂଚୀରେ ରହିଥିବା ଦଳ-ବିରୋଧୀ ବ୍ୟବସ୍ଥା ଅନୁସାରେ ସୁରକ୍ଷା ଚାହୁଁଛନ୍ତି। ଠାକ୍‌ରେ ଶିବିର ଏହି ଅବସ୍ଥା ସହିତ ସଂଘର୍ଷ କରିବା କ୍ରମରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲାଙ୍କୁ ୨୦୨୩ର ସୁପ୍ରିମ୍‌କୋର୍ଟଙ୍କ ରୁଲିଂକୁ ଦର୍ଶାଇ ଏହାର ବିରୋଧ କରିବା ଆରମ୍ଭ କରି ସାରିଛି, ଯେଉଁଥିରେ ଉଲ୍ଲେଖ ରହିଛି ଯେ ପିତୃସଂସ୍ଥା ରାଜନୀତିକ ସଂଗଠନଠାରୁ ସଦନର ଶକ୍ତିକୁ ସମ୍ପୂର୍ଣ୍ଣ ଭାବରେ ବିଚ୍ଛିନ୍ନ କରାଯାଇ ପାରିବ ନାହିଁ। ତେବେ ଏସବୁ ଭିତରେ ସର୍ବାଧିକ ଗଭୀର ଅନ୍ତ ଘଟୁଛି ଆନୁଷ୍ଠାନିକ ନୈତିକତାର। ଆଇନର ଏହି ଯାନ୍ତ୍ରିକ ଅଦଳବଦଳ ଗୁରୁତର ନୈତିକ ଏବଂ ନୀତିଶାସ୍ତ୍ରଜନିତ ଆହ୍ୱାନଗୁଡ଼ିକ ଉପରେ ଆଲୋକପାତ କରୁଛି। ଏକ ନିର୍ଦ୍ଦିଷ୍ଟ ଦଳ ଏବଂ ଦଳୀୟ ସଂକେତ ଅଧୀନରେ ନିର୍ବାଚିତ ଆଇନ ନିର୍ମାତାମାନେ ଯେତେବେଳେ ସେମାନଙ୍କର ସେପରି କାର୍ଯ୍ୟ ପାଇଁ କୌଣସି କାରଣ ଉଲ୍ଲେଖ କରିବାକୁ ଆବଶ୍ୟକ ମନେ ନ କରି ଏତେ ଦ୍ରୁତ ଗତିରେ ଜାହାଜରୁ ଡିଆଁ ମାରନ୍ତି, ସେତେବେଳେ ଭୋଟରମାନଙ୍କର ଜନାଦେଶ ବ୍ୟର୍ଥ ସାବ୍ୟସ୍ତ ହୋଇଥାଏ। ରାଜନୀତି ବେଳକୁ ବେଳ ଅଧିକରୁ ଅଧିକ ଆଦର୍ଶଗତ ପ୍ରତିନିଧିତ୍ୱ ଅପେକ୍ଷା କର୍ପୋରେଟ୍ ଦୃଢ଼ୀକରଣ ସହିତ ସମାନ ହେବା ଦେଖା ଯାଉଛି। ନୀତି ଉପରେ ସଂଖ୍ୟାର ବିଜୟ ହେଉଥିବା ବେଳେ ରଣନୀତିକ ରାଜନୀତିକ ସଂଯୋଜନା ଏବଂ ଗଣତାନ୍ତ୍ରିକ ପବିତ୍ରତାର ଅବକ୍ଷୟ ମଧ୍ୟରେ ରହିଥିବା ସୀମା ବିପଜ୍ଜନକ ଭାବରେ ଅସ୍ପଷ୍ଟ ହେବା ବଜାୟ ରହିଛି। ଜନାଦେଶକୁ ଯେତେବେଳେ ମୂଲଚାଲ କରିବାର ସାମଗ୍ରୀ ଭାବରେ ଦେଖାଯାଏ, ଅନୁଷ୍ଠାନଗୁଡ଼ିକ ତିଷ୍ଠି ରହିଥାନ୍ତି, କିନ୍ତୁ ଗଣତାନ୍ତ୍ରିକ ମର୍ଯ୍ୟାଦା ଭୂଲୁଣ୍ଠିତ ହେବା ଅବସ୍ଥାକୁ ଆସି ଯାଇଥାଏ।

# ବୈରାଗ୍ୟ ଏକ ମାନସିକ ପ୍ରକ୍ରିୟା

ଭୋଗ୍ୟ ପଦାର୍ଥ ହାତପାଆନ୍ତାରେ ଥିବ। ସେ ପଦାର୍ଥ ବିଷୟରେ ଅଭିଜ୍ଞତା ବି ଥିବ, କିନ୍ତୁ ଭୋଗ ବାସନା ମନରେ ନଥିବ- ତାହା ହିଁ ବୈରାଗ୍ୟ। ଭୋଗ୍ୟ ପଦାର୍ଥ ତା' ଜାଗାରେ ଥିବ, ମଣିଷ ଭିତରେ କିଛି ଆନ୍ଦୋଳନ କରୁ ନଥିବ- ତାହା ହିଁ ବୈରାଗ୍ୟ। ଅନେକ ସମୟରେ ଓଷା, ବ୍ରତ କରୁଥିବା ଲୋକ ଖାଦ୍ୟପଦାର୍ଥକୁ ଦେଖି କହୁଥିବେ, ଆଜି ଓଷା ଅଛି ଖାଇବିନି। ଅର୍ଥାତ୍ ଭୋଜନର ଲାଳସା ଅଛି। ନୀତି ନିୟମ ପାଳନ ହେତୁ ଭୋଜନ କରୁ ନାହାନ୍ତି। ଅବଶ୍ୟ ଏହା ବୈରାଗ୍ୟ ଅଭ୍ୟାସ କରିବାର ଗୋଟିଏ ମାଧ୍ୟମ ହୋଇପାରେ। ଉପଭୋଗର ବସ୍ତୁ ମନରେ ଲାଳସା ଜନ୍ମେଇପାରୁ ନଥିବା ହିଁ ବୈରାଗ୍ୟ। ବସ୍ତୁକୁ ଛାଡ଼ିଦେବା ନୁହେଁ; ବସ୍ତୁ ନିଜେ ଛାଡ଼ି ହୋଇଯାଏ। ହୀରା, ନୀଳା, ମୋତି ସାଧାରଣ ପଥର ଭଳି ଦେଖାଯାଏ। ସୁନା ମୁଣ୍ଡା ଯାହା, ପଥର ଖଣ୍ଡେ ବି ସେଇଆ। ଏଇ ଦୃଷ୍ଟି ଆସିଗଲେ ମଣିଷ ଯୋଉଠି ଥିଲେ ବି ତାକୁ ବୈରାଗୀ କୁହାଯାଇପାରେ। ବୈରାଗ ଗୋଟିଏ ଦୃଷ୍ଟିକୋଣ। ବୈରାଗ୍ୟ ପାଖରେ ଲୋଭର ଚିହ୍ନ ନଥାଏ। ଏହାର ଏକ ଉଦାହରଣ।

ଏକନିଷ୍ଠ ବିଷ୍ଣୁଭକ୍ତ ଥିଲେ ସନ୍ଥ ପୁରନ୍ଦର। ମହାରାଷ୍ଟ୍ରର ପୁରନ୍ଦରଗଡ଼ରେ ସେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ନିର୍ଲୋଭପଣ, ବୈରାଗ୍ୟ ସ୍ୱଭାବ ଓ ସତ୍ୟନିଷ୍ଠତା ବିଷୟରେ ଲୋକମାନେ ଆଲୋଚନା କରନ୍ତି। ପ୍ରଶଂସା କରନ୍ତି। ଏ ସମ୍ବାଦ ପହଞ୍ଚିଲା ତତ୍କାଳୀନ ବିଜୟନଗରର ରାଜା କୃଷ୍ଣଦେବ ରାୟଙ୍କ ପାଖରେ। ରାଜା ଚାହିଁଲେ ସନ୍ଥ ପୁରନ୍ଦରଙ୍କୁ ପରୀକ୍ଷା କରିବା ପାଇଁ। ପୁରନ୍ଦର ଭଜନ କରି କରି ଭିକ୍ଷା କରନ୍ତି। ରାଜ ଦରବାର ବାଟେ ଫେରନ୍ତି। ସେଇଠୁ କିଛି ଦାନ ଗ୍ରହଣ କରି ଫେରି ଆସନ୍ତି। ରାଜା ତାଙ୍କ କର୍ମଚାରୀମାନଙ୍କୁ ଆଦେଶ ଦେଲେ, 'ସବୁ ଦିନ ପୁରନ୍ଦର ଫେରିଲା ବେଳେ ତାଙ୍କୁ କିଛି ଚାଉଳ ଦେଇ ବିଦା କରିବ।' ତା'ପରେ ପୁରନ୍ଦର ଯେବେ ସେ ବାଟରେ ଯାଆନ୍ତି, ରାଜ କର୍ମଚାରୀମାନେ ତାଙ୍କୁ ଚାଉଳ ଦିଅନ୍ତି।

ଦିନେ ସଞ୍ଜ ଗଡ଼ି ଅନ୍ଧାର ହୋଇଥାଏ। ପୁରନ୍ଦର ଭିକ୍ଷା କରି ଫେରି ଆସି ଥାଆନ୍ତି। ରାଜା ଛଦ୍ମବେଶରେ ସନ୍ଥ ପୁରନ୍ଦରଙ୍କୁ ପରୀକ୍ଷା କରିବା ପାଇଁ ବାହାରିଲେ। ସନ୍ଥ ପୁରନ୍ଦରଙ୍କ କୁଡ଼ିଆ ପାଖରେ ପହଞ୍ଚିଲେ। ଭିତରୁ ତାଙ୍କ ପତ୍ନୀ କହୁଥିଲେ- 'ତୁମେ କହୁଥିଲ ରାଜାଘରୁ ଭିକ୍ଷା ଆଣୁଛ। ମୁଁ ବିଶ୍ୱାସ କରି ପାରୁନି। ମୁଁ ଭାବୁଛି, କୋଉ ଗରିବ ଘରୁ ଭିକ ଆଣୁଛ। ଆମେ ଉପାସ ରହିଲେ ଚଳିବ, କିନ୍ତୁ ଗୋଟିଏ ଗରିବଠାରୁ ଭିକ ଆଣିବ ? ତା' ଭୋଜନରେ ଭାଗ ବସେଇବା ଭଲ ନୁହେଁ।' ପୁରନ୍ଦର ପଚାରିଲେ- 'ରାଜା ଘରର ଚାଉଳକୁ ଏମିତି କାହିଁକି କହୁଛ ?' ପତ୍ନୀ କହିଲେ- 'କିଛିଦିନ ହେବ ଏ ଚାଉଳରେ ଖାଲି ପୁଳା ପୁଳା ଗୋଡ଼ି ବାହାରୁଛି। କେତେ ବାଛିବି ? ସବୁ ଦିନ ଗୋଡ଼ି ବାଛି ବାଛି ଅଗଣାର ସେ କଣରେ ଠୁଳ କରିଛି।' ଏତିକି ବେଳେ ରାଜା କୁଡ଼ିଆ ଦ୍ୱାର ଖଟ୍ ଖଟ୍ କଲେ। ସନ୍ଥ ପୁରନ୍ଦର ଅତିଥିଙ୍କୁ ପାଛୋଟି ଆଣିଲେ। ତାଙ୍କ ସାମର୍ଥ୍ୟ ଅନୁଯାୟୀ ଅତିଥି ସେବା କଲା ପରେ କହିଲେ- 'ମହାରାଜ, ଆପଣ ଚାଉଳ ସହିତ ହୀରା, ମୋତି, ସୁନାର ଖଣ୍ଡ ସବୁ ଦେଇଥିଲେ। ସେସବୁ ଏଇ ଅଗଣାର କଣରେ ପଡ଼ିଛି। ଦୟାକରି କର୍ମଚାରୀଙ୍କ ଦ୍ୱାରା ନେଇ ଯାଆନ୍ତୁ। କାରଣ ମୋ ଆଖିରେ ଗୋଡ଼ି ଯାହା, ଏ ଧାତୁ ବି ସେଇଆ।' ମୁଁ ଚାଉଳରେ ଭାତ ରାନ୍ଧି ଖାଇବି, ମାତ୍ର ସୁନା ହୀରାକୁ ନୁହେଁ। ସବୁ ଦିନ ପ୍ରଭୁ ମୋ ପାଇଁ ଆପଣଙ୍କମାନଙ୍କ ପାଖରେ ଖାଦ୍ୟ ରଖିଛନ୍ତି। ମୁଁ କାହିଁକି ଅଧିକ ରଖିବି ?' ଏହା ହିଁ ହେଉଛି ବୈରାଗ୍ୟ। ଯୋଉଠି ସୁନା, ହୀରା, ମୋତି ଖଣ୍ଡ ବି ଗୋଡ଼ି ଭଳି ପଡ଼ିଥିଲା।

## ସିନାପାଲି ଉଦନ୍ତୀ ୟୁଥ୍ କ୍ଲବ୍‌ର କର୍ମକର୍ତ୍ତା ଚୟନ

# ପ୍ରଭାତ ସଭାପତି, ବେଣୁଧର ସମ୍ପାଦକ



**ସିନାପାଲି,୧୮।୬/ଏନ୍‌ଏନ୍‌ଏସ୍:** ସିନାପାଲି ଅଞ୍ଚଳର ଅଗ୍ରଣୀ ଯୁବ ଅନୁଷ୍ଠାନ ଉଦନ୍ତୀ ୟୁଥ୍ କ୍ଲବ୍‌ର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସଭାପତି ସୁରଜ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯିବା ସହ ଆଗାମୀ ଦିନ ପାଇଁ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା । କମିଟିର ନୂତନ ସଭାପତି ଭାବେ ପ୍ରଭାତ କୁମାର ମେହେର ଓ ସାଧାରଣ ସମ୍ପାଦକ ଭାବେ ବେଣୁଧର ମେହେର ମନୋନୀତ ହୋଇଛନ୍ତି । ସେହିପରି ଉପସଭାପତି ମହେନ୍ଦ୍ର କୁମାର ମେହେର ଏବଂ ଓମ ପ୍ରସାଦ ମେହେର, ସହସମ୍ପାଦକ ଚନ୍ଦନ ମେହେର ଓ କୋଷାଧ୍ୟକ୍ଷ ଭାବେ ଭୀଷ୍ମରାଜ ମେହେରଙ୍କୁ ଚୟନ କରାଯାଇଛି । ଅଞ୍ଚଳର ବିକାଶରେ ନିଜର ଅବଦାନ ରଖିବା ସହ ଯୁବ ସମାଜକୁ ଏକ ସଂସ୍କାରିତ ଦିଗରେ ଆଗେଇ ନେବାରେ କାର୍ଯ୍ୟ କରିବେ ବୋଲି ନୂଆ କର୍ମକର୍ତ୍ତା ମତ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପରମେଶ୍ୱର, ଜିତେନ, ଯୁଧୀଷ୍ଠିର, ଚୈତନ୍ୟ, ପରମାନନ୍ଦ, କିଶନଲାଲ, ଅମର, ପ୍ରଦୀପ, ନିତିଶ, ଭବାନୀଶଙ୍କର ଓ ଶିବା ପ୍ରମୁଖଙ୍କ ସହ ଶତାଧିକ ସଦସ୍ୟ ଉପସ୍ଥିତ

# ପୋତିଗଲାଣି ବାଗରିଝୋଲା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ

## ରକ୍ଷଣାବେକ୍ଷଣ ଅଭାବରୁ କାମରେ ଆସୁନି

## ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି

**ରାୟଗଡ଼ା,୧୮।୬/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ହାଡ଼ିଗୁଡ଼ା ପଞ୍ଚାୟତ ବାଗରିଝୋଲା ଗ୍ରାମରେ ଥିବା ବୃହତ୍ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ପୋତି ହେବାରେ ଲାଗିଛି । ଏହି ପ୍ରକଳ୍ପ ଯୋଗେ ଧାର୍ଯ୍ୟ ପରିମାଣଠାରୁ ଅଳ୍ପ ଜମିକୁ ଜଳସେଚନ କରାଯାଉଛି । କିନ୍ତୁ ସମସ୍ତ ଚାଷୀମାନେ ଜଳକର ଦେଉଥିବା ପାଣି ପଞ୍ଚାୟତ କାର୍ଯ୍ୟକର୍ତ୍ତା ଓ ଚାଷୀମାନେ କହିଛନ୍ତି ।

୧୯୮୨ ମସିହାରେ ବାଗରିଝୋଲା ଏବଂ ଦୋରାଗୁଡ଼ା ମୌଜାର ୩ ହଜାର ଏକର ଜମିରେ ଜଳସେଚନ ନିମନ୍ତେ ବୃହତ୍ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ଏହି ଜଳସେଚନ ପ୍ରକଳ୍ପ ନିମନ୍ତେ ଘରୋଇ ଜମି ଅଧିଗ୍ରହଣ କରାଯିବା ସହିତ କିଛି ପରିବାର ବାସଚ୍ୟୁତ ହୋଇଥିଲେ । ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜଳସେଚନ ପ୍ରକଳ୍ପ ପାଇଁ ବିନା ଦ୍ୱିଧାରେ ବାଗରିଝୋଲା ଗ୍ରାମବାସୀ ଜମି ଛାଡ଼ିଥିଲେ । ପରବର୍ତ୍ତୀ ସମୟରେ ବାଗରିଝୋଲା ଏବଂ ଆଖପାଖ ଗ୍ରାମର ପ୍ରାୟ ଶତାଧିକ ଏକର ଜଳସେଚିତ ଜମିକୁ ଆଲୁମିନା କମ୍ପାନି ପ୍ରତିଷ୍ଠାରେ ଅଧିଗ୍ରହଣ କରାଯାଇଥିଲା । କିନ୍ତୁ କେନାଲ୍ ଗୁଡ଼ିକର



ଆବଶ୍ୟକ ମରାମତି କରାଯାଉନଥିବା ଅଭିଯୋଗ ହୋଇଛି । ଗତ ଦିନରେ ବାଗରିଝୋଲା ଜଳ ଭଣ୍ଡାରରେ ମାଛ ଚାଷ କରାଯାଉଥିଲା । ବାଗରିଝୋଲା ଗ୍ରାମବାସୀ ଗତ କିଛି ବର୍ଷ ହେଲା ମାଛ ଚାଷ କରିବା ପରେ ୨୦୦୦ ମସିହାର ମାଇକଞ୍ଚ ଗୁଳିକାଣ୍ଡ ପରଠାରୁ ମାଛ ଚାଷ ବନ୍ଦ କରି ଦେଇଥିବା କହିଛନ୍ତି । କମ୍ପାନି ପ୍ରତିଷ୍ଠାକୁ ବିରୋଧ କରି ଗ୍ରାମବାସୀ ଆନ୍ଦୋଳନ ଚଲାଇଥିବାବେଳେ ପୁଲିସ୍ ଗୁଳିରେ ୨ ଜଣ ମୃତ୍ୟୁବରଣ କରିଥିଲେ । ମୃତକଙ୍କ ମଧ୍ୟରେ ଜଣେ ମାଛ ଚାଷୀ କମିଟିର କାର୍ଯ୍ୟକର୍ତ୍ତା ରହିଥିଲେ । ଏହି ଘଟଣା ପରଠାରୁ ପ୍ରଶାସନ ପକ୍ଷରୁ ଏଠାରେ ମାଛ ଚାଷ ପାଇଁ ଉଦ୍ୟମ କରାଯାଉନି । ଅନ୍ୟପଟେ ଆବଶ୍ୟକ ମରାମତି ଅଭାବରୁ ବିଭାଗୀୟ କର୍ମଚାରୀ ରହିବା ପାଇଁ ନିର୍ମିତ ଗୃହ ଏବଂ ମାଛ ଉତ୍ପାଦନ କେନ୍ଦ୍ର ମଧ୍ୟ ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି । ବ୍ଲକ୍‌ର ବାଗରିଝୋଲା, ପହୁଣ୍ଡି, କଞ୍ଚାଙ୍ଗମାଣ୍ଡି ଓ ମାଇକଞ୍ଚ ଭଳି ସ୍ଥାନରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରହିଛି । କିନ୍ତୁ ବ୍ଲକ୍ ସଦର ବିଭାଗୀୟ ସରକାରୀ କାର୍ଯ୍ୟାଳୟରେ କୌଣସି ଅଧିକାରୀ ରହୁନଥିବାରୁ ସର୍ବଦା ତାଲା ଝୁଲୁଥିବା ଦେଖିବାକୁ ମିଳୁଛି । ଏନେଇ ବିଭାଗୀୟ ଯନ୍ତ୍ରୀଙ୍କ ଯୋଗାଯୋଗ ହୋଇନଥିବାରୁ ପ୍ରତିକ୍ରିୟା ମିଳିପାରିନି । ତେବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ପିଲା ଚୋର ସନ୍ଦେହରେ ଆକ୍ରମଣ ଘଟଣା, ୧୬ ଗିରଫ

**ରାୟଗଡ଼ା,୧୮।୬/ଏନ୍‌ଏନ୍‌ଏସ୍:** ପିଲା ଚୋର ସନ୍ଦେହରେ ସ୍ୱେଚ୍ଛାସେବୀଙ୍କୁ ଆକ୍ରମଣ ଘଟଣାରେ କଲ୍ୟାଣସିଂହପୁର ପୁଲିସ୍ ୧୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଅଗାମୀ ଦିନରେ ଗିରଫ ସଂଖ୍ୟା ବଢ଼ିବା ନେଇ ପୁଲିସ୍ ସୂଚନା ଦେଇଛି । ଏନେଇ ଥାନାରେ ୪ଟି ଏତଲା ହୋଇଥିବାବେଳେ ୪୦ରୁ ୫୦ ଜଣ ଏହି ଘଟଣାରେ ସମ୍ପୃକ୍ତ ଥିବା ପୁଲିସ୍ ପ୍ରାରମ୍ଭିକ ତଦନ୍ତରୁ ଜାଣିବାକୁ ପାଇଛି ଏବଂ ସମସ୍ତଙ୍କୁ ଗିରଫ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି । ଏନେଇ ରାୟଗଡ଼ା ଏସ୍‌ଡିପିଓ ଗୌରହରୀ ସାହୁଙ୍କୁ ପଚାରିବାରୁ ଆକ୍ରମଣ ଘଟଣାରେ ଲିପ୍ତ ସମସ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନରେ ବାଧା ସୃଷ୍ଟି ହେବ ବୋଲି କହି ଏସ୍‌ଡିପିଓ ଶ୍ରୀ ସାହୁ ଅଧିକ ସୂଚନା ପ୍ରଦାନ କରିନଥିଲେ । ସୂଚନାରୁ ଜଣାପଡ଼ିଛି ଗୁରୁବାର ଗୁଗୁଲ୍ ମ୍ୟାପ୍ ସହାୟତାରେ ଗ୍ରାମ ବିକାଶ ସଂଗଠନ ପାଇଁ କାର୍ଯ୍ୟ କରୁଥିବା ଦିଲ୍ଲୀ ଆଜାଦପୁରର ଯୁବକ ସୁମନ ଝା ଓ ଗୁଜୁରାଟ ସୁରତର ଅର୍ପିତ ସୁତାରୀୟା କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ିରୁ କଳାହାଣ୍ଡି ଜିଲ୍ଲା ଥୁ.ରାମପୁର ବ୍ଲକ୍‌କୁ କଲ୍ୟାଣସିଂହପୁର ଦେଇ ଯାଉଥିଲେ । ସେମାନେ ଧାମୁଣିପଙ୍ଗା ପଞ୍ଚାୟତ କାନ୍ଦୁଲଗୁଡ଼ା ଗାଁ ପାଖରେ ଗ୍ରାମବାସୀଙ୍କୁ ରାସ୍ତା ପଚାରି ଗାଁକୁ ଆସି ପିଲାଙ୍କ ସହ ରଜ ଦୋଳି ଖେଳିବା ସହ ବିସ୍କୁଟ୍ ବାଣ୍ଟିଥିଲେ । ଏହି ଘଟଣାକୁ ନେଇ ଗ୍ରାମବାସୀମାନେ ୨ ସ୍ୱେଚ୍ଛାସେବୀଙ୍କୁ ପିଲାଚୋର ଭାବି ହୋହାଲ୍ଲା କରିଥିଲେ । ଗ୍ରାମବାସୀମାନେ ଏକତ୍ରିତ ହୋଇ ଦୁଇ ଜଣଙ୍କୁ ମାଡ଼ ମାରିବା ଆରମ୍ଭ କରିଥିଲେ । ଗ୍ରାମବାସୀ ୨ ସ୍ୱେଚ୍ଛାସେବୀଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରି ଗୁରୁତର କରିଥିଲେ । କୌଣସି ସୂତ୍ରରୁ ଖବରପାଇ କଲ୍ୟାଣସିଂହପୁର ଥାନା କର୍ମଚାରୀ ଓ ପାର୍ସାଲି ପଞ୍ଚାୟତ ଭାଲେରି ଗ୍ରାମର ବଳରାମ ବାଗ ୨ ଜଣଙ୍କୁ କୌଣସିମତେ ଉଦ୍ଧାର କରି ତୁରନ୍ତ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ । ଆକ୍ରମଣ ଏବଂ ଡାକ୍ତରଖାନାରେ ଲୋକଙ୍କ ଭିଡ଼ ଖବରପାଇ ଜିଲ୍ଲା ଆରକ୍ଷୀ ଅଧିକାରୀ ରାଜ ପ୍ରସାଦ ଏବଂ ରାୟଗଡ଼ା ଏସ୍‌ଡିପିଓ ଗୌରହରୀ ସାହୁ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଅଧିକ ଚିକିତ୍ସା ପାଇଁ ଆହତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ଏବେ ସ୍ଥିର ରହିଥିବା ମେଡିକାଲ୍ ସୂତ୍ରରୁ ଜଣାପଡ଼ିଛି । ଏହି ଘଟଣା କେଉଁ ପରିସ୍ଥିତିରେ ଘଟିଲା ଏବଂ ଡାକ୍ତରଖାନା ସମ୍ମୁଖରେ ଉତ୍ତେଜନା ସୃଷ୍ଟି କରିଥିବା ବ୍ୟକ୍ତିଙ୍କୁ ତଦନ୍ତ ପରିସରକୁ ଅଣାଯିବ ଏବଂ ସିସିଟିଭିର ସହାୟତା ନିଆଯାଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# କଂଗ୍ରେସ ପକ୍ଷରୁ ଏନ୍‌ଏସି କାର୍ଯ୍ୟାଳୟରେ ବିକ୍ଷୋଭ

**ପାଟଣାଗଡ଼,୧୮।୬/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକଳାପ ଓ କର୍ତ୍ତବ୍ୟରେ ଅବହେଳା ଦର୍ଶାଇ ସ୍ଥାନୀୟ ଯୁବ କଂଗ୍ରେସ୍ ଏବଂ ନଗର କଂଗ୍ରେସ୍ କମିଟି ପକ୍ଷରୁ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କଂଗ୍ରେସ୍ କର୍ମୀମାନେ ସ୍ଥାନୀୟ ଆମ୍ବେଦକର୍ ଛକରୁ ଜିଲ୍ଲା କଂଗ୍ରେସ୍ ସଭାପତି ଅନୀଲ କୁମାର ମେହେରଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ବାହାରି ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ବିକ୍ଷୋଭ ପ୍ରଦର୍ଶନ ସହ କାର୍ଯ୍ୟାଳୟରେ ତାଲା ପକାଇଥିଲେ । ଖାସ୍ କଥାଟ ହେଲା ପ୍ରଥମଥର ପାଇଁ ସମ୍ପୃକ୍ତ ଅଧିକାରୀଙ୍କ ପୁତ୍ତଳିକା ଧରି ଶୋଭାଯାତ୍ରା କରାଯାଇଥିଲା । ସହର ମଧ୍ୟରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାମରେ ବ୍ୟାପକ ଆର୍ଥିକ ଅନିୟମିତତା ଓ ପିସି କାରବାର୍ ଆଦି ଚାଲିଥିବା କଂଗ୍ରେସ୍ ପକ୍ଷରୁ ଅଭିଯୋଗ କରାଯିବା ସହ ସମସ୍ତ କାମର ଭିଜିଲାନ୍ସ ତଦନ୍ତ କରିବାକୁ ଦାବି କରାଯାଇଛି । ଏହାସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦଳ ପକ୍ଷରୁ ୧୦ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ତହସିଲଦାର୍ ରୁଦ୍ରମୋହନ ନାଏକ ଘଟଣାସ୍ଥଳରେ ପହଞ୍ଚି ସ୍ମାରକପତ୍ର ଗ୍ରହଣ କରିଥିଲେ । ଏହି ଅବସରରେ ୫୦ ଲକ୍ଷ ଟଙ୍କା ବ୍ୟୟଅଟକଳରେ ଚାଲିଥିବା ମେନା



ବନ୍ଧର ପଙ୍କୋଦ୍ଧାର କାମରେ ଅନିୟମିତତା, ବିନା ଟେଣ୍ଡର୍‌ରେ କୋଟି କୋଟି ଟଙ୍କାକୁ ଭାଗ ଭାଗ କରାଯାଇଥିବା ଓ ଧୁମାଭଟା ଛକ ନିକଟରେ ବିନା ଥଇଥାନରେ ଉଠା ଦୋକାନୀଙ୍କ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକୁ ଭାଙ୍ଗି ଦିଆଯାଇଥିବା ଦର୍ଶାଇ କଂଗ୍ରେସ୍ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି । ତେବେ କାଦୋପଡ଼ାରେ ଚାଲିଥିବା ଡ୍ରେନ୍ କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ସହ ଏହାର ତଦନ୍ତ ଦାବି, ଆଉଟସୋର୍ସିଂ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇ ସଫେଇ କର୍ମଚାରୀଙ୍କୁ ସିଧାସଳଖ ଏନ୍‌ଏସି ଦ୍ୱାରା ନିଯୁକ୍ତି, ଧୁମାଭଟା ରୋଡ୍, ବ୍ରହ୍ମପୁରା ଓ ବଥର୍ଲା ଛକରେ ଅମୃତଧାରା ନିର୍ମାଣ କରାଯିବାକୁ କଂଗ୍ରେସ୍ ଦାବି କରିଛି । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ଅଜିତ କୁମାର ପୁରୋହିତ, ନଗର କଂଗ୍ରେସ ସଭାପତି ବିଦ୍ୟାଧର ମେହେର, ବ୍ଲକ୍ କଂଗ୍ରେସ ସଭାପତି ସାଧୁ ଚରଣ ମେହେର, ଯୁବନେତା ଚନ୍ଦନ ସାହୁ, କେଶବ ଶିକ୍କା, ଶଙ୍କର ଭୋଇ ପ୍ରମୁଖ କଂଗ୍ରେସ କର୍ମୀ ଓ ନେତାମାନେ ଉପସ୍ଥିତ ଥିଲେ । ଏସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ଗୁଡ଼ିକ ଭିତ୍ତିହୀନ ଓ କପୋଳକଳ୍ପିତ ବୋଲି କହିଛନ୍ତି । ଏହାବ୍ୟତୀତ ବର୍ଷା ପୂର୍ବରୁ ଏକ ନିରପେକ୍ଷ ସଂସ୍ଥା ଦ୍ୱାରା ମେନା ବନ୍ଧ ପଙ୍କୋଦ୍ଧାର କାର୍ଯ୍ୟର ପୁନଃମାପ କରାଗଲେ ସାଧାରଣରେ ଏହାର ସ୍ୱଚ୍ଛତା ନେଇ ଉଠିଥିବା ସନ୍ଦେହ ଦୂରୀଭୂତ ହେବ ବୋଲି ଗତ ୧୬ ତାରିଖ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି ।

# ପୁନଃ ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି

**ମାଲକାନଗିରି,୧୮।୬/ଏନ୍‌ଏନ୍‌ଏସ୍:** ଆସନ୍ତା ଜୁନ୍ ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପୁନଃ ନିଟ୍ ପରୀକ୍ଷା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ପରୀକ୍ଷାର୍ଥୀ ଏବଂ ସେମାନଙ୍କ ସହ ଆସୁଥିବା ଅଭିଭାବକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ପରୀକ୍ଷାକେନ୍ଦ୍ରକୁ ଯାତାୟାତ ସହଜ କରିବା ପାଇଁ ସ୍ୱତନ୍ତ୍ର ବସ୍ ଚଳାଚଳର ବ୍ୟବସ୍ଥା କରାଯାଇଛି । ମାଲକାନଗିରି ବସ୍‌ଷ୍ଟାଣ୍ଡରୁ ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ପରୀକ୍ଷା ପୂର୍ବରୁ ସକାଳ ୮ଟାରୁ ଦିନ ୧ଟା ୧୫ ମିନିଟ୍ ଏବଂ ପରୀକ୍ଷା ଶେଷ ହେବା ପରେ ସନ୍ଧ୍ୟା ୫ଟା ୧୫ରୁ ୬ଟା ୩୦ ପର୍ଯ୍ୟନ୍ତ ବସ୍ ସେବା ଉପଲବ୍ଧ ହେବ । ଏହାସହ ପରୀକ୍ଷାକେନ୍ଦ୍ର ବାହାରେ ଅଭିଭାବକଙ୍କ ଅପେକ୍ଷା କରିବା ପାଇଁ ସ୍ୱତନ୍ତ୍ର ସ୍ଥାନ, ଗାଡ଼ି ପାର୍କିଂ ଓ ପିଇବା ପାଣିର ପର୍ଯ୍ୟାପ୍ତ ସୁବିଧା କରାଯାଇଛି । ଯେକୌଣସି ଜରୁରିକାଳୀନ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା ପାଇଁ କେନ୍ଦ୍ରରେ ଆମ୍ବୁଲାନ୍ସ ସହ ସ୍ୱାସ୍ଥ୍ୟକର୍ମୀମାନେ ମଧ୍ୟ ମୁତୟନ ରହିବେ । ଏହାସହ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଶୁଭକାମନା ଜଣାଯାଇଛି ।

# ୧୫ ଟିକିଆ ହାତୀପଲ ଆତଙ୍କ, ଫାର୍ମ ହାଉସ୍ ନଷ୍ଟ



## କ୍ଷତିପୂରଣ ଦାବିକଲେ ଚାଷୀ

**ପାଟଣାଗଡ଼,୧୮।୬/ଏନ୍‌ଏନ୍‌ଏସ୍:** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ରେଞ୍ଜ ଯୁବା ଓ ଖଲିପଥର ଅଞ୍ଚଳରେ ୧୫ ଟିକିଆ ହାତୀପଲଙ୍କ ଆତଙ୍କ ଦେଖିବାକୁ ମିଳିଛି । ବୁଧବାର ରାତିରେ ଉକ୍ତ ହାତୀପଲ ଯୁବାର ସବ୍ୟସାଚୀ ମାଝୀ ଓ ଲକ୍ଷ୍ମୀନ୍ଦ୍ର ପୁଟାଙ୍କ ଫାର୍ମ ହାଉସ୍‌ରେ ପଶି ଅନେକ ଆମ୍ବ ଓ ନଡ଼ିଆ ଗଛ ସହ ବୋରୱେଲ୍ ଭାଙ୍ଗି ଦେଇଛନ୍ତି । ହାତୀପଲ ଉପରେ ବନ ବିଭାଗ ତୀକ୍ଷ୍ଣ ନଜର ରଖିଥିବାବେଳେ ଆତଙ୍କିତ ନହୋଇ ସଚେତନ ହେବା ପାଇଁ ଜନସାଧାରଣଙ୍କୁ ବନ ବିଭାଗ ଅନୁରୋଧ କରିଛନ୍ତି । ଫାର୍ମ ହାଉସ୍ ନଷ୍ଟ ହୋଇଥିବାରୁ ନାହିଁ ନଥିବା ଅସୁବିଧା ଦେଖାଦେଇଛି । ତେଣୁ ବନ ବିଭାଗ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଫାର୍ମ ହାଉସ୍ ମାଲିକମାନେ ଦାବି କରିଛନ୍ତି ।

# ‘ବିକାଶର ଧାରା, ଓଡ଼ିଶା ସାରା’ କାର୍ଯ୍ୟକ୍ରମ

**ରାୟଗଡ଼ା,୧୮।୬/ଏନ୍‌ଏନ୍‌ଏସ୍:** ‘ବିକାଶ ଧାରା ଓଡ଼ିଶା ସାରା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ମଞ୍ଜୁଳା ମିଣୀଆକା, ଅତିରିକ୍ତ ଜିଲ୍ଲାପାଳ ନବିନ ଚନ୍ଦ୍ର ନାଏକ ଓ କ୍ଷୀରାବ୍ଧି ତାନୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାପାଳ କୁଲକର୍ଣୀ ଗତ ଦୁଇ ବର୍ଷ ମଧ୍ୟରେ ଜିଲ୍ଲାରେ ଗ୍ରହଣ କରାଯାଇଥିବା ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରିଥିଲେ । ମେଗା ଜଳପ୍ରକଳ୍ପ, ଜଳସେଚନ ପାଇଁ ଆନିକଟ୍, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ମାଧ୍ୟମରେ ସୁଦୂର ଅଞ୍ଚଳକୁ ସଂଯୋଗ, କୃଷକ ଓ ଶ୍ରମିକଙ୍କ ପାଇଁ ପ୍ରୋତ୍ସାହନ ବ୍ୟବସ୍ଥା ସହ ଜିଲ୍ଲାରେ ମାଓ ଦମନ ମଧ୍ୟରେ ହୋଇଥିବା ସଫଳତା ବିଷୟରେ ଜିଲ୍ଲାପାଳ ଅବଗତ କରାଇଥିଲେ । ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ମଞ୍ଜୁଳା ମିଣୀଆକା ଅଞ୍ଚଳର ବିଭିନ୍ନ ସମସ୍ୟା ବିଷୟରେ ସରକାର ସଚେତନ ଥିବା ଏବଂ ସେଗୁଡ଼ିକର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ । ଦ୍ୱିତୀୟ ଅଧିବେଶନରେ ‘ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା’ ବିଷୟରେ ପ୍ୟାନେଲ୍ ଆଲୋଚନା ଅନୁଷ୍ଠିତ ହୋଇଥିଲା । ରାୟଗଡ଼ା




ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ପ୍ରାଧ୍ୟାପକଙ୍କ ନିର୍ଦ୍ଦେଶାଳୟ ବ୍ରଜସୁନ୍ଦର ନାୟକ, ଡ଼. ରାଜେଶ କୁମାର ପାଢ଼ୀ, ପଦ୍ମନାଭ ଦାଶ ଓ ସୁବାସ ଚନ୍ଦ୍ର ବେହେରା ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ନବିନ ଚନ୍ଦ୍ର ନାଏକ ଶେଷରେ ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ବିଭିନ୍ନ ସରକାରୀ ଯୋଜନା ବିଷୟରେ ସଚେତନତା ସୃଷ୍ଟି ପାଇଁ ଜିଲ୍ଲାର ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ୍ ଓ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, ସାମାଜିକ ସଂଗଠନର ସଦସ୍ୟ ଓ ସାଧାରଣ ଲୋକ ଅଂଶଗ୍ରହଣ କରିଥିଲେ ।

# ଜିଲ୍ଲାସ୍ତରୀୟ ‘ଟେବୁଲ୍ ଟପ୍ ଏକ୍ସର୍‌ସାଇଜ୍’

**ବଲାଙ୍ଗୀର,୧୮।୬/ଏନ୍‌ଏନ୍‌ଏସ୍:** ଆସନ୍ନ ବାତ୍ୟା ଓ ବନ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଏବଂ ଜିଲ୍ଲା ପ୍ରଶାସନର ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବା ପାଇଁ ଜିଲ୍ଲାସ୍ତରୀୟ ଟେବୁଲ୍ ଟପ୍ ଏକ୍ସର୍‌ସାଇଜ୍ ଆୟୋଜିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧୀକରଣର ମିଳିତ ପ୍ରୟାସରେ ଆୟୋଜିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ, ବଲାଙ୍ଗୀର ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର୍‌ଙ୍କ ନିର୍ଦ୍ଦେଶକ୍ରମେ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମୃତ କୁମାର ପଣ୍ଡା ଓ ଓଏସ୍‌ଡିଏମ୍‌ର ରାଜ୍ୟ ପର୍ଯ୍ୟବେକ୍ଷକ ପ୍ରଭୁଦତ୍ତ ପାଢ଼ୀ ଉପସ୍ଥିତ ଥିଲେ । ଏଥିରେ ବିପର୍ଯ୍ୟୟ ସମୟରେ ବିଭିନ୍ନ ବିଭାଗଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକୁ ସର୍ବାଧିକ ଗୁରୁତ୍ୱ



ଦିଆଯାଇଥିଲା । ଏକ କାଳ୍ପନିକ ବାତ୍ୟା କିମ୍ବା ବନ୍ୟା ପରିସ୍ଥିତିର ସିମ୍ୟୁଲେସନ୍ ସିନାରିଓ ସୃଷ୍ଟି କରାଯାଇ ଜରୁରିକାଳୀନ ସମୟରେ କିପରି ତୁରନ୍ତ ଓ ପ୍ରଭାବଶାଳୀ ପଦକ୍ଷେପ ନିଆଯିବ ସେଥିପାଇଁ ବିସ୍ତୃତ ସମୀକ୍ଷା କରାଯାଇଥିଲା । ‘ଶୂନ୍ୟ ମୃତାହତ’ ଲକ୍ଷ୍ୟକୁ ଧ୍ୟାନରେ ରଖି ଅଧ୍ୟକ୍ଷ ତରଣୀ ସୁନା ସମସ୍ତ ବିଭାଗକୁ ସର୍ବୋଚ୍ଚ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଲୋୟର୍ ସୁକଟେଲ ପ୍ରକଳ୍ପର ମୁଖ୍ୟ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର କୁମାର ଭୋଇ, ଉଠା ଜଳସେଚନର ଅଧୀକ୍ଷଣ ଯନ୍ତ୍ରୀ ରବୀନ୍ଦ୍ରନାଥ ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ବିଜୟଲକ୍ଷ୍ମୀ ନିଶାଙ୍କ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଟାଲିନା ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିକ୍ରମ ପଣ୍ଡା, ପୌରପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ । ଜିଲ୍ଲା ଜରୁରିକାଳୀନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ । ଜିଲ୍ଲା ଜରୁରିକାଳୀନ ଅଧିକାରୀ ଶୋଭିନା ଭୋଇ ଧନ୍ୟବାଦ ଦେଇଥିଲେ ।

# କେସିଙ୍ଗା-ଟିଟିଲାଗଡ଼ ରାସ୍ତାରେ ଭାରୀଯାନ ଚଳାଚଳକୁ ବିରୋଧ

**ଭବାନୀପାଟଣା,୧୮।୬/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା କେସିଙ୍ଗା-ଟିଟିଲାଗଡ଼ ତେଲ ନଦୀ ରାସ୍ତାରେ ଭାରୀଯାନ ଚଳାଚଳ ଯୋଗୁ ତେଲ ନଦୀ ବ୍ରିଜ୍ ଓ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶିତ ହେବାପରେ ଲୋକଙ୍କ ଭିତରେ ଆକ୍ରୋଶ ଦେଖାଦେଇଛି । ସେଥିପାଇଁ ଏକ ପ୍ରତିନିଧି ଦଳ କେସିଙ୍ଗା-ଟିଟିଲାଗଡ଼ ରାସ୍ତାରେ ଭାରୀଯାନ ଚଳାଚଳ ଉପରେ ଅଙ୍କୁଶ ଲଗେଇବା ପାଇଁ କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ କୁମାର ମାଝୀଙ୍କୁ ସାକ୍ଷାତ କରି ଦାବି କରିଥିଲେ । ପ୍ରକାଶଥାଉକି କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲା ସୀମାନ୍ତ ଟିଟିଲାଗଡ଼ ବ୍ଲକ୍ ମହଦା ବାଲିଘାଟକୁ ରଜତ କୁମାର ପାତ୍ର ନାମକ ଜଣେ ଲିଜ୍‌ଧାରୀଙ୍କୁ ୫ ବର୍ଷ ପାଇଁ ୫ ହଜାର କ୍ୟୁବିକ୍ ମିଟର୍ ବାଲି ଉଠାଣ ପାଇଁ ଲିଜ୍ ଦିଆଯାଇଛି । ତେବେ ଲିଜ୍‌ଧାରୀ ଲିଜ୍ ନେବା ଦିନଠାରୁ ବଲାଙ୍ଗୀର




ଖଣି ଅଧିକାରୀଙ୍କୁ ହାତମୁଠାରେ ରଖି ବିନା ଟ୍ରାଞ୍ଜିଟ୍ ପାସ୍‌ରେ ଦୈନିକ ଶହ ଶହ ଟ୍ରିପ୍ ବାଲି ଚୋରାଚାଲାଣ କରୁଥିବା ଅଭିଯୋଗ ହେଉଛି । ଫଳସ୍ୱରୂପ ଗଭୀର ନଦୀପଠାରୁ ହାଇଓ୍ୱା ଦ୍ୱାରା ବାଲି ଉତ୍ତୋଳନ ଯୋଗୁ ରାସ୍ତାରେ ପାଣି ଝରି କର୍ଦ୍ଦମା ହେବାସହ ପିଚୁ ଉପୁଡ଼ି ଯାଇ ଖାଲଖମାରେ ପରିଣତ ହୋଇଛି । ଏନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ଓ ଲୋକଙ୍କ ବିରୋଧକ୍ରମେ ଜିଲ୍ଲା ପ୍ରଶାସନ କେସିଙ୍ଗା ଟିଟିଲାଗଡ଼ ରାସ୍ତାରେ ଭାରୀଯାନ ଚଳାଚଳ ଉପରେ ନିଷେଧ କରି ସୂଚନାଫଳକ ଲଗେଇଥିଲେ । ତେବେ ସରକାରୀ ନିୟମକୁ ଫୁଁ’ କରି ମହଦା ବାଲିଘାଟ ଲିଜ୍‌ଧାରୀ ସନ୍ଧ୍ୟା ୭ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ବିନା ଟ୍ରାଞ୍ଜିଟ୍ ପାସ୍‌ରେ ବେଧଡ଼କ ଭାବେ ବାଲି ଉଠାଣ କରୁଥିବା ଦେଖିବାକୁ ମିଳୁଛି । ଫଳରେ ତେଲ ନଦୀ ବ୍ରିଜ୍‌କୁ ବିପଦ ଦେଖାଦେଇଛି । ଏହାସହ କେସିଙ୍ଗା-ଟିଟିଲାଗଡ଼ ରାସ୍ତାରେ ଜଟିଳ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି ଏବଂ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି ।

ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା ତେଲ ନଦୀ ବ୍ରିଜ୍ ଯଦି ୪୦ ଟନ୍ ଏବଂ ରାସ୍ତା ୧୦ରୁ ୧୫ ଟନ୍ ସୀମିତ ଲୋଡିଙ୍ଗ ନେବା କେପାସିଟି ଭାବେ ନିର୍ମାଣ କରାଯାଇଥାଏ ତେବେ ଉକ୍ତ ରାସ୍ତାରେ ହେବି ଲୋଡିଙ୍ଗ ଭାରୀ ଯାନବାହାନ ଚଳାଚଳ କଲେ ନିଶ୍ଚିତ ଭାବେ ବ୍ରିଜ୍ ଭାଙ୍ଗିବ ଓ ରାସ୍ତା ଶୋଚନୀୟ ହେବ ବୋଲି ଏସ୍‌ଡିପିଓଙ୍କଠାରେ ପ୍ରତିନିଧି ଦଳ ଯୁକ୍ତି ଉପସ୍ଥାପନ କରିଥିଲେ । ଉକ୍ତ ତେଲ ନଦୀ ବ୍ରିଜ୍‌ରେ ସମସ୍ତ ଭାରୀଯାନ ଚଳାଚଳକୁ ନିଷେଧ କରାଯିବ ଓ ମହଦା ବାଲିଘାଟ ଲିଜ୍‌ଧାରୀକୁ ଅନ୍ୟ ରାସ୍ତା ଦେଇ ଚଳାଚଳ କରିବା ପାଇଁ ପରାମର୍ଶ ଦିଆଯିବ ବୋଲି ଏସ୍‌ଡିପିଓ ଶ୍ରୀ ମାଝୀ ପ୍ରତିନିଧି ଦଳଙ୍କୁ ଆଶ୍ୱସ୍ତି କରିଥିଲେ । ଏହି ପ୍ରତିନିଧି ଦଳରେ ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବ, କେସିଙ୍ଗା ସହର ବିଜେପି ସଭାପତି ପିଙ୍କୁ ପରଡ଼ା, କେସିଙ୍ଗା ସହର ବିଜେଡି ସଭାପତି ନଳିନ ପଟ୍ଟନାୟକ, ଏପିପି ସନ୍ତୋଷ ଦାସ, ସାମ୍ବାଦିକ ମହାସଂଘ ସଭାପତି ଦୟାନିଧି ସୁନାନୀ, କାଉନସିଲର୍ ରୋହିତ ଜୈନ, ସୁରେଶ ରାଓ, ପ୍ରିତେଶ ପଟେଲ, କମଲଦ୍ଦିନ ଖାନ୍, ସଂଗ୍ରାମ କେଶରୀ ଦେଓ ଓ ମଣ୍ଟୁ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

# କାର୍ତ୍ତିକେଶ୍ୱର ନନ୍ଦଙ୍କୁ ‘ଜାତୀୟ ଉତ୍କଳ ରଜ ମହାରାଜା ରୌପ୍ୟ ରତ୍ନ ସମ୍ମାନ’




**ଭବାନୀପାଟଣା,୧୮।୬/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲାର ପ୍ରତିଭାବାନ କବି ତଥା ବରିଷ୍ଠ ସାମ୍ବାଦିକ କାର୍ତ୍ତିକେଶ୍ୱର ନନ୍ଦଙ୍କୁ ରାଜ୍ୟସ୍ତରୀୟ ରଜ ମହୋତ୍ସବରେ ‘ଜାତୀୟ ଉତ୍କଳ ରଜ ମହାରାଜା ରୌପ୍ୟ ରତ୍ନ ସମ୍ମାନ’ ପ୍ରଦାନ କରାଯାଇଛି । ଭାଷା ସଂସ୍କୃତି ବିଭାଗ, ଓଡ଼ିଶା ସରକାର ଓ ଓମ୍ ସାଇ ବାଣୀ ଟ୍ରଷ୍ଟ ଭୁବନେଶ୍ୱର ମିଳିତଭାବେ ଶ୍ରୀ ନନ୍ଦଙ୍କୁ ସମ୍ମାନିତ କରିଛନ୍ତି । ଭୁବନେଶ୍ୱରରେ ଆୟୋଜିତ ଏହି ୧୨ତମ ରାଜ୍ୟସ୍ତରୀୟ ମହୋତ୍ସବରେ ଶ୍ରୀ ନନ୍ଦ ସମ୍ମାନିତ ଅତିଥିରୂପେ ଯୋଗଦେଇ ଭାଷା, ସାହିତ୍ୟ, ସଂସ୍କୃତି ଓ କଳା କ୍ଷେତ୍ରରେ ରଜର ପ୍ରଭାବ ସମ୍ପର୍କରେ ମତ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରୁ ଆସିଥିବା ଅନେକ ଗୁଣୀ, ଜ୍ଞାନୀ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ଉତ୍ସବର ପାରମ୍ପରିକ ଏବଂ ସାଂସ୍କୃତିକ ଗୁରୁତ୍ୱ ସମ୍ପର୍କରେ ଏକ ଆଲୋଚନା ଅନୁଷ୍ଠିତ ହୋଇଥିଲା ।

# କାଳବୈଶାଖୀ ପ୍ରଭାବରେ ବାସଗୃହ କ୍ଷତିଗ୍ରସ୍ତ, ସହାୟତା ଦାବି

**ଖଣ୍ଡପଡ଼ା,୧୮।୬/ଏନ୍ଏନ୍ଏସ୍:** କାଳବୈଶାଖୀ ପ୍ରଭାବରେ ଖଣ୍ଡପଡ଼ା ବ୍ଲକର ଗୁଣ୍ଠୁଣି ପଞ୍ଚାୟତ ଅଧୀନ ଅଁଳାମଡା ଗ୍ରାମର ଅମରେନ୍ଦ୍ର ଛୁଆଳ ସିଂଙ୍କର ଆଜବେଷ୍ଟସ ଛପର ବାସଗୃହଟି ସଂପୂର୍ଣ୍ଣ ରୂପେ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ହଠାତ ପବନ ଓ ବର୍ଷା ହୋଇଥିଲା। ପବନ ପ୍ରଭାବରେ ବାସଗୃହର ଆଜବେଷ୍ଟସ ଛପର ଗୁଡିକ ଉଡି ଏଣେତେଣେ ଖଣ୍ଡ ଖଣ୍ଡ ହୋଇପଡ଼ିଥିଲା। ସେହିପରି ଆଖପାଖ ଅଞ୍ଚଳରେ ମଧ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି। କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ଚିହ୍ନଟ କରି ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ରାଶି ପ୍ରଦାନ ନିମନ୍ତେ ଖଣ୍ଡପଡ଼ା ତହସିଲଦାର ଦୃଷ୍ଟି ଦେବାକୁ ଦାବି ହେଉଛି। ବାସଗୃହ ଶୂନ୍ୟ ପରିବାର ଗୁଡ଼ିକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଯୋଗାଇଦେବା ନିମନ୍ତେ ପଞ୍ଚାୟତ କର୍ତ୍ତୃପକ୍ଷ, ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି।

## ପ୍ରଥମ ପୃଷ୍ଠାରୁ...

### ୧୨୮ ଡାକ୍ତରଙ୍କ ...

କ୍ଲିନିକରେ କାମ କରୁଥିବା ଡାକ୍ତରଙ୍କ ଯୋଗୁଁ ଗ୍ରାମାଂଚଳରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡୁଛି। ଏହି ଡାକ୍ତର ବା ମେଡିକାଲ ଅଫିସରମାନେ ନିଜ ସ୍ଥିତି ସ୍ପଷ୍ଟ ନକରିବା ଓ କାର୍ଯ୍ୟରେ ଦୀର୍ଘବର୍ଷ ଧରି ଅନୁପସ୍ଥିତ ରହିବା ଯୋଗୁଁ ସରକାରୀ ନିୟମ ଅନୁସାରେ ସେହି ପଦବୀଗୁଡ଼ିକୁ ଶୂନ୍ୟ ଘୋଷଣା କରାଯାଇପାରୁ ନାହିଁ, ଯାହାଫଳରେ ନୂତନ ଡାକ୍ତର ନିଯୁକ୍ତି ପ୍ରକ୍ରିୟା ମଧ ବାଧାପ୍ରାପ୍ତ ହେଉଛି। ରାଜ୍ୟ ସରକାର ଏହି ସମସ୍ୟା ଦୂର କରିବା ପାଇଁ ୧୨୮ଜଣ ଡାକ୍ତରଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

### ଆଜି ଆସିବେ ...

ରାଷ୍ଟ୍ରପତିଙ୍କ ସ୍ୱାମୀ ଓ ଦୁଇ ପୁଅଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ବିଦ୍ୟାଳୟ ଓ ଦକ୍ଷତା ବିକାଶ କେନ୍ଦ୍ର ବୁଲି ଦେଖିବା ସହିତ ଛାତ୍ର ଛାତ୍ରୀଙ୍କ ସହିତ ଭାବ ବିନିମୟ କରିବେ। ସେଠାରୁ ସଡ଼କ ପଥ ଦେଇ ଦିଘିଆବେଡା ହେଲିପ୍ୟାଡକୁ ଯାଇ ଅପରାହ୍ନ ୧୨ଟା ୨୫ରେ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ରାଇରଙ୍ଗପୁର ଗସ୍ତ କରିବେ। ୧୨ଟା ୫୫ରେ ଦାଣ୍ଡବୋଷ ଏୟାର ଷ୍ଟ୍ରିପରେ ଅବତରଣ କରିବା ପରେ ସେଠାରେ ଅନୁଷ୍ଠିତ ସଭାସ୍ଥଳରେ ଯୋଗଦେବେ। ଅପରାହ୍ନ ୧ଟାରୁ ୨ଟା ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିବେ। ପରେ ଜନସଭାକୁ ଉଦ୍‌ବୋଧନ ଦେବେ। ଯେଉଁଠି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମାନେ ଉପସ୍ଥିତ ରହିବେ। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ପାଇଁ ପୁରା ରାଇରଙ୍ଗପୁରରେ ଏବେ ପୁଲିସ ଛାଉଣୀ। ପାଖାପାଖି ୧୫୦ ପ୍ଲାଟୁନ ପୋଲିସ ସମେତ ଏନ୍‌ଏସ୍‌ଜି, ବିଏସଏଫ ଓ ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ମୁତୟନ ହୋଇଛନ୍ତି । ରାଷ୍ଟ୍ରପତି ନିଜ ଜନ୍ମଦିନରେ ପ୍ରଧାନମନ୍ତ୍ରୀଙ୍କୁ ନିଜ ଗାଁକୁ ନିମନ୍ତ୍ରଣ କରିଥିଲେ। ଆଉ ସେହି ନିମନ୍ତ୍ରଣ ରକ୍ଷା କରି ଖୋଦ୍ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କ ଶ୍ୱଶୁର ଘର ପାହାଡ଼ପୁରକୁ ଆସୁଥିବାରୁ ସ୍ଥାନୀୟ ବାସିନ୍ଦା ବେଶ୍ ଉତ୍ସାହିତ।

### ଅନୁଗୋଳ ପୁଲିସର ...

ଧରିବାରେ ସଫଳ ହୋଇଛି ପୁଲିସ। ସମସ୍ତ ୪ ଅଭିଯୁକ୍ତ ମହାରାଷ୍ଟ୍ରର। ଅନ୍ୟ ଜଣେ ଅଭିଯୁକ୍ତକୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ପୁଲିସ୍ ଅଭିଯୁକ୍ତଙ୍କ ନିକଟରୁ ୨ ଟି ଦେଶୀ ବନ୍ଧୁକ ସମେତ କାର୍ ଜବତ୍ କରିଛି। ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

### ଦୟାଲ୍ ଗଙ୍ଗୱାର୍ ...

ଓ ଏନ୍‌ଏଚ୍‌ଆରସିଙ୍କ ଚିଠି ପରେ ଶ୍ରୀ ଗଙ୍ଗୱାରଙ୍କ ଉପରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଥିବା ଜଣାପଡ଼ିଛି।ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ଏଡିଜି ଶ୍ରୀ ଗଙ୍ଗୱାରଙ୍କୁ ଆଜି ଚାକିରିରୁ ନିଲମ୍ବନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଯଦିଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ କୌଣସି କାରଣ ଦର୍ଶାଯାଇ ନାହିଁ ତଥାପି ସୌମ୍ୟ ହତ୍ୟାକାଣ୍ଡ ଘଟଣାରେ ଶ୍ରୀ ଗଙ୍ଗୱାରଙ୍କ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଥିବା କୁହାଯାଉଛି।

### ଆମେରିକା-ଇରାନ୍ ...

ପେଜେସ୍କିଆନ୍ ଉଭୟ ଆଜି ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଟ୍ରମ୍ପ୍ ବ୍ୟକ୍ତିଗତ ଭାବେ ବୁଧବାର ରାତିରେ ଫ୍ରାନ୍ସର 'ଭର୍ସାଲ୍ସ ପ୍ୟାଲେସ୍' ଠାରେ ଚୁକ୍ତିନାମା ଉପରେ ସ୍ୱାକ୍ଷର କରିଥିଲେ। ଏହି ସମୟରେ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ ମଧ ଉପସ୍ଥିତ ଥିଲେ। ସେହିପରି ଇରାନ୍ ରାଷ୍ଟ୍ରପତି ପେଜେସ୍କିଆନ୍ ସମ୍ପ୍ରତି ଇରାନ୍‌ରେ ଥିବାରୁ ଏହି ଚୁକ୍ତିନାମାରେ ଡିଜିଟାଲ ମୋଡ୍‌ରେ ବା ଇଲେକ୍ଟ୍ରୋନିକ୍ ସ୍ୱାକ୍ଷର କରିଛନ୍ତି। ଅନ୍ୟପକ୍ଷେ ଚୁକ୍ତି ସ୍ୱାକ୍ଷର ହେବା ପରେ ପରେ ଇରାନ୍ ନିଜ ପ୍ରତିକ୍ରିୟାରେ କହିଛି ଯେ, ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ଖବର ସତ୍ୟ। ଦୁଇ ଦେଶ ମଧରେ ଯୁଦ୍ଧ ଶେଷ କରିବା ପାଇଁ ଏହା ଏକ ଅନ୍ତରୀଣ ଚୁକ୍ତିନାମା, ଯାହାକି ତୁରନ୍ତ ପ୍ରଭାବରୁ ଲାଗୁ ହୋଇଯାଇଛି। କିନ୍ତୁ ଏବେ ଆଗାମୀ ୬୦ ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ୬୦ ଦିନ ମଧରେ ଚୂଡାନ୍ତ ଚୁକ୍ତିର ସମସ୍ତ ସର୍ତ୍ତ ପାଳନ ହେଉଛି କି ନାହିଁ ସେସବୁକୁ ଅନୁଧାନ କରାଯିବ। ପ୍ରକାଶ, ଆମେରିକା ଓ ଇରାନ୍ ମଧରେ ଯେଉଁ ଅନ୍ତରୀଣ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି ତାହା ଦୁଇ ଦେଶ ପକ୍ଷରୁ ପ୍ରସ୍ତୁତ ଏକ ୧୪ ସୂତ୍ରୀ ମିଳିତ ସର୍ତ୍ତାବଳୀ ଉପରେ ଆଧାରିତ। ଏହି ଡିଲ୍ ସହିତ ଜଡ଼ିତ ଜଣେ ଆମେରିକୀୟ ଅଧିକାରୀ ନିଜ ନାମ ଗୋପନ ରଖିବା ସୂତ୍ରରେ ଗଣମାଧ୍ୟମକୁ ୧୪ ଟିକିଆ ପଏଣ୍ଟ ବିଶିଷ୍ଟ ଏହି ଚୁକ୍ତିର ସମ୍ପୂର୍ଣ୍ଣ ବିବରଣୀ ଦେଇଛନ୍ତି। ସେ କହିଛନ୍ତି ଯେ, ଏଥିମଧ୍ୟରୁ ଅଧିକାଂଶ ସର୍ତ୍ତରେ ଉଭୟ ଦେଶ ସହମତ ହେବା ପରେ ଯାଇ ଆଜି ଏହି ଚୁକ୍ତି ସ୍ୱାକ୍ଷରିତ ହେବା ସମ୍ଭବ ହୋଇପାରିଛି। ୮୦୦ ଶବ୍ଦ ବିଶିଷ୍ଟ ଏହି ଦେଢ଼ ପୃଷ୍ଠାର ଦଲିଲ୍ (ଡକ୍ୟୁମେଣ୍ଟ)ରେ ହର୍ମୁଜ ପ୍ରଣାଳୀକୁ କେବଳ ୬୦ ଦିନ ପାଇଁ ମୁକ୍ତ (ନିଃଶୁଳ୍କ) ଭାବେ ଖୋଲାଯିବା କଥା କୁହାଯାଇଥିବା ସେ କହିଛନ୍ତି। ଅଧିକାରୀଙ୍କ କହିବାନୁସାରେ ଏହି ଚୁକ୍ତିନାମାରେ ଇରାନ କେବେ ମଧ ପରମାଣୁ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ ନକରିବା ପାଇଁ ପ୍ରତିଶ୍ରୁତି ଦେଇଛି, ଅନ୍ୟପକ୍ଷରେ ଇରାନର ପୁନର୍ନିର୍ମାଣ ପାଇଁ ଆମେରିକା ଓ ଏହାର ସହଯୋଗୀ ଦଳ ୩୦୦ ଆରବ (ବିଲିଅନ) ଡଲାର ବା ପ୍ରାୟ ୨୮ ଲକ୍ଷ କୋଟି ଟଙ୍କା ର ଏକ ପାଣ୍ଠି (ଫଣ୍ଡ) ଗଠନ କରିବା ଯୋଜନା ଉପରେ ମଧ ସହମତି ପ୍ରକାଶ ପାଇଛି। ଏତଦ୍‌ବ୍ୟତୀତ ଇରାନ ଏବଂ ଲେବାନନ ଉପରେ ହେଉଥିବା ସାମରିକ କାର୍ଯ୍ୟାନୁଷ୍ଠାନକୁ ସମ୍ପୂର୍ଣ୍ଣ ସମାପ୍ତ କରାଯିବା, ଇରାନ୍‌ରେ ଆମେରିକାର ନୌସେନା ନାକାବନ୍ଦୀକୁ ହଟାଯିବା, ଇରାନର ଫ୍ରିଜ୍ (ଜବତ) ହୋଇ ରହିଥିବା ସମ୍ପତ୍ତି ଏବଂ ପାଣ୍ଠିକୁ ମୁକ୍ତ (ଜାରି) କରାଯିବା ଭଳି ଅନେକ ସର୍ତ୍ତଗୁଡ଼ିକୁ ଆମେରିକା ମାନିନେଇଛି।

### ଲାଞ୍ଚୁଆ ଏଏସ୍ଆଇ ...

ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଥାନାର ଆଉ ଜଣେ ହୋମଗାର୍ଡ ଅବଦୁଲ ସର୍ଫରାଜ୍ ଖାନଙ୍କୁ ଗିରଫ କରିବାକୁ ଭିଜିଲାନ୍ସ ଖୋଜାଖୋଜି ଚଳାଇଛି। ପ୍ରକାଶ ଯେ ଜଣେ ବ୍ୟକ୍ତିଙ୍କର ଜବତ ହୋଇଥିବା ଦୁଇଟି ମୋବାଇଲ ଫେରାଇବା ପାଇଁ ୫୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ ରାଜେଶ କୁଲୁ। ଗତ ୧୨ ତାରିଖରେ ଅଭିଯୋଗକାରୀଙ୍କଠାରୁ ୩୦ ହଜାର ଟଙ୍କା ନେଇ ଗୋଟିଏ ଫୋନ୍ ଫେରାଇଥିଲେ। ବୁଧବାର ଆଉ ଏକ ମୋବାଇଲ ଫେରାଇବା ପାଇଁ ହୋମଗାର୍ଡ ଜ୍ୟୋତିରଞ୍ଜନଙ୍କ ଜରିଆରେ ଅବଶିଷ୍ଟ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଉଭୟଙ୍କୁ ଧରିଥିଲା ଭିଜିଲାନ୍ସ ଟିମ୍।

### ଭିଜିଲାନ୍ସ ଜାଲରେ ...

ଫରେଷ୍ଟର ଧମକ ଦେଇଥିଲେ। ସେଥିପାଇଁ ଟ୍ରାକ୍ଟର ମାଲିକ ଅନୁମତି ମାଗିବାକୁ ଯାଇଥିଲେ। କିନ୍ତୁ ଫରେଷ୍ଟର କହିଥିଲେ ୨୫ ହଜାର ଟଙ୍କା ଦେଲେ ଅନୁମତି ଦେବେ। ଅନ୍ୟକୌଣସି ଉପାୟ ନପାଇ ଟ୍ରାକ୍ଟର ମାଲିକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ପ୍ରକାରେ ଆଜି ଟ୍ରାକ୍ଟର ମାଲିକ ଫରେଷ୍ଟର ଶ୍ରୀ ପଣ୍ଡାଙ୍କୁ ଭେଟି ୨୫ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ସେହି ସମୟରେ ଭିଜିଲାନ୍ସ ଅଧିକାରୀମାନେ ପହଞ୍ଚି ଫରେଷ୍ଟରଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଥିଲା।ଏହା ପରେ ଫରେଷ୍ଟରଙ୍କ ଦୁଇଟି ଠିକଣାରେ ଚଢ଼ଉ କରିଥିଲା ଭିଜିଲାନ୍ସ। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହ କରି ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ଉ କରାଯାଇଥିଲା। ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଫରେଷ୍ଟର ଶ୍ରୀ ପଣ୍ଡାଙ୍କ ନାଁରେ ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତ ଜାରି ରହିଛି।

# ବାବା ବାଲିକପିଳେଶ୍ୱରଙ୍କ ବିବାହ ଉତ୍ସବ ଓ ଶୀତଳ ଷଷ୍ଠୀ

**କୋଣାର୍କ,୧୮।୬/ଏନ୍ଏନ୍ଏସ୍:** ରାମଚଣ୍ଡୀ ଥାନା ଅଧିନ ପୁରୀ ଜିଲ୍ଲାର ଦ୍ୱିତୀୟ ପ୍ରସିଦ୍ଧ ଶୈବପୀଠ ଭାବେ ପରିଚିତ ବାବା ବାଲି କପିଳେଶ୍ୱର ମନ୍ଦିର ପରିସରରେ ଗୁରୁବାର ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ଦେବାଧିଦେବ ମହାଦେବ ଓ ମାତା ପାର୍ବତୀ ଦେବୀଙ୍କ ମିଳନ ପର୍ବ ତଥା ବିବାହ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥା ଅନୁଯାୟୀ ମାନବୀୟ ଲୀଳା ଅନୁଯାୟୀ ବୁଧବାର ଭୋରରୁ କନ୍ୟା (ମା' ପାର୍ବତୀ)ଙ୍କ ଚୋରି ଓ ପ୍ରଭୁ ବିଷ୍ଣୁଙ୍କ ମଧସ୍ଥ ରେ ଠାବ କରାଯାଇ ମନ୍ଦିରକୁ ପୁନଃ ଫେରିବା କାର୍ଯ୍ୟ ସରିବା ପରେ ଗୁରୁବାର ଐତିହ୍ୟ ଓ ପରମ୍ପରା ଅନୁଯାୟୀ ଭୋର୍ ୪ଟାରୁ ମଙ୍ଗଳଆରତି ଓ ପ୍ରାତଃରୁ ବାବା କପିକେଶ୍ୱର ମହାଦେବଙ୍କୁ ସେବକମାନେ ରୀତିନୀତି ଅନୁଯାୟୀ ଗଙ୍ଗା ଜଳରେ ସ୍ନାନ କରିବାପରେ ପରମ୍ପରା ଅନୁଯାୟୀ ସମସ୍ତ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ପରେ ମଧାହ୍ନରେ ଖେଚୁଡ଼ି ଭୋଗ ଲାଗି ପରେ ବିବାହ କାର୍ଯ୍ୟ ଆରମ୍ଭ କରାଯାଇ ମା' ପାର୍ବତୀଙ୍କୁ ଏକ ସୁସଜ୍ଜିତ ବିମାନରେ ବିଜେ କରାଯାଇ ଘଣ୍ଟ ମର୍ଦଳ, ହୁଳହୁଳି, ସଂକୀର୍ତ୍ତନ ରେ ବେଢା ପରିକ୍ରମା କରାଇ ବିବାହ ମଣ୍ଡପରେ ବସାଯିବା



ପରେ ପୁଣି ବାବା କପିଳେଶ୍ୱର ମହାଦେବଙ୍କୁ ଏକ ଧଳା ଘୋଡ଼ା ସୁସଜ୍ଜିତ ବିମାନରେ ବିଜେ କରାଇ ଘଣ୍ଟ ମର୍ଦଳ, ହୁଳହୁଳିରେ ବେଢ଼ା ପରିକ୍ରମା କରାଇବା ପରେ ପୂଜକ ନିମନ୍ତ୍ରିତ କରି ବିବାହ ମଣ୍ଡପକୁ ନେଇ ବସାଇ ହୋମଯଜ୍ଞ ସହ ବୈଦିକ ରୀତିନୀତି ଅନୁଯାୟୀ ଦେବ ଦମ୍ପତିଙ୍କ ବିବାହ ମହୋତ୍ସବ ବାବା କପିଳେଶ୍ୱର ପୂଜକଙ୍କ ଦ୍ୱାରା ବିଧି ଅନୁଯାୟୀ ସନ୍ଧ୍ୟା ୬ ଘଣ୍ଟିକା ପୂର୍ବରୁ ସମ୍ପନ୍ନ କରାଯାଇଥିଲା। ବିବାହ ସମ୍ପନ୍ନ ପରେ ଦେବଦମ୍ପତି ଗଇଁଠାଳ ବନ୍ଧା ସହ ମନ୍ଦିରକୁ ପାଛୋଟି ନେଇଥିଲେ। ଏହି ମହାନ ପାରମ୍ପରିକ ବିବାହ ଉତ୍ସବରେ ବର ପିତା ଭାବେ ସେବକ ନାରାୟଣ ଦ୍ୱିବେଦୀ ଓ କନ୍ୟାପିତା ଭାବେ ପ୍ରକାଶ ଚନ୍ଦ୍ର ପଣ୍ଡା ଓ ବାରିକ ଭାବେ ସୁବଳ ବେଜ, ବାରିକିଆଣି ଟୁନାମଣି ବେଜ ନିଜର ଦାୟିତ୍ୱରେ ଏହି ମହାନ କାର୍ଯ୍ୟ ତୁଲାଇଥିଲେ। ପରେ ସେବକଙ୍କ ଦ୍ୱାରା ସନ୍ଧ୍ୟାରେ ବିବାହାଘର ଭୋଜିଭାତ ଆୟୋଜନ କରାଯାଇ ଶତାଧିକ ଶ୍ରଦ୍ଧାଳୁ ସୁସ୍ୱାଦ ଭୋଜନ କରିଥିଲେ। ବରିଷ୍ଠ ସେବକ ମଦନ ମୋହନ ମହାପାତ୍ର ଓ କୈଳାଶ ପଣ୍ଡା ପ୍ରମୁଖ ବିବାହ ଉତ୍ସବ ପରିଚାଳନା କରିଥିଲ।



## ଶ୍ରୀକ୍ଷେତ୍ରରେ କନ୍ୟା ଚୋରି ନୀତି ସମ୍ପନ୍ନ

**ପୁରୀ,୧୮।୬/ଏନ୍ଏନ୍ଏସ୍:** ଶ୍ରୀକ୍ଷେତ୍ରରେ ଶିବ ବିବାହ ପୂର୍ବରୁ ହୋଇଥାଏ ଏକ ନିଆରା ପରମ୍ପରା। ଏହାକୁ କନ୍ୟା ଚୋରୀ ନୀତି କୁହା ଯାଇଥାଏ। ଆମେ ଯଦି ଶିବ ମନ୍ଦିର ମାନଙ୍କରେ ପରମ୍ପରାକୁ ଦେଖିବା, ଯୋଉଠି ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଆଉ ପାର୍ବତୀ ଶିବ ମନ୍ଦିରରେ ଅବସ୍ଥାନ କରନ୍ତି। କିନ୍ତୁ ଶ୍ରୀକ୍ଷେତ୍ରର ଶୀତଳ ଷଷ୍ଠୀ ମୁଖ୍ୟତଃ ପଞ୍ଚ ପାଣ୍ଡବ ବା ପଞ୍ଚ ମହାଦେବ(ଶ୍ରୀ ଜମ୍ବେଶ୍ୱର, ଶ୍ରୀ ଲୋକନାଥ, ଶ୍ରୀ ମାର୍କଣ୍ଡେଶ୍ୱର, ଶ୍ରୀ କପାଳମୋଚନ, ଶ୍ରୀ ନୀଳକଣ୍ଠ)ଙ୍କ ଶୀତଳ ଷଷ୍ଠୀ କୁ ବୁଝାଏ। ପଞ୍ଚ ମହାଦେବଙ୍କ ଚଳନ୍ତି ପ୍ରତିମା ମାନେ ଅନ୍ୟ ଶିବ ମନ୍ଦିର ଭଳି ନିଜ ମନ୍ଦିରରେ ନ ରହି ଶ୍ରୀମନ୍ଦିରର ଦକ୍ଷିଣ ଘର(ଯୋଉଠି ଶ୍ରୀ ମଦନମୋହନ ରହନ୍ତି) ଆଉ ଭଣ୍ଡାର ଘରେ ରହନ୍ତି, କେବଳ ଲୋକନାଥ ଭଣ୍ଡାର ଘରେ ମହାମନ୍ତ୍ରି ପଦରେ ରହନ୍ତି। ଆଉ ବାକି ଚାରି ମହାଦେବଙ୍କ ଚଳନ୍ତି ପ୍ରତିମା ମାନେ ଦକ୍ଷିଣ ଘରେ ରହନ୍ତି। ଏ ମହାଦେବଙ୍କ ପାର୍ବତୀଙ୍କ ପ୍ରତିମାମାନେ ନିଜ ନିଜ ସେବକଙ୍କ ଘରେ କୁମାରୀ ଝିଅ ଭାବେ ରହନ୍ତି। ଶିବ ବିବାହର ପୂର୍ବ ଦିନ ଅର୍ଥାତ୍ ଆଜି ଜ୍ୟେଷ୍ଠ ଶୁକ୍ଳ ଚତୁର୍ଥୀର ସଂଧ୍ୟା ଧୂପ ସରି, ଶ୍ରୀମନ୍ଦିରରେ ବଲ୍ଲଭ ଓ ଦକ୍ଷିଣୀ ଘର ଭୋଗ ସମ୍ପନ୍ନ ହେବା ପରେ ଶ୍ରୀ ଲୋକନାଥ ଭଣ୍ଡାର ଘରୁ, ଯମେଶ୍ୱର, ମାର୍କଣ୍ଡେୟ, କପାଳମୋଚନ, ନୀଳକଣ୍ଠ ଦକ୍ଷୀଣ ଘରୁ ବିଜେ ହୋଇ ନିଜ ସ୍ୱ ସ୍ୱ ମନ୍ଦିର କୁ ପାଲିଙ୍କିରେ ବିଜେ କରିଥିଲେ। ପଞ୍ଚ ମହାଦେବ ନିଜ ସ୍ୱ ମନ୍ଦିର ରେ ମହାସ୍ନାନ , ମାଜେଣା ଓ ବନକ ହୋଇ ଭିତରକୁ ବିଜେ କରିଥିଲେ। ତତ୍ପରେ ଉକ୍ତ ମନ୍ଦିର ମାନଙ୍କରେ ସକାଳ ଧୂପ ପୂଜା ହୋଇଥିଲା। ଏହାପରେ ଚନ୍ଦନ ଲାଗି ଓ ଆଲଟ ଲାଗି ହୋଇଥିଲା। ତତ୍ପରେ ଯାତ ଭୋଗ ହୋଇ ପଞ୍ଚ ମହାଦେବ ସ୍ୱ ସ୍ୱ ବିମାନରେ ପୁରୀର ସାହି ସାହି ବୁଲି ପନ୍ତି ଖାଇଥିଲେ। ଏହାପରେ ସାହିରେ ଲୁଚି ଲୁଚି ଯାଇଥିଲେ ନିଜ ଶଶୁରାଳୟ କୁ। ଏଠାରେ କନ୍ୟା ଚୋରି ନୀତି ହେବା ପରେ ପାର୍ବତୀଙ୍କୁ ନେଇ ନିଜ ମନ୍ଦିର କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି କନ୍ୟା ଚୋରି ସମ୍ପନ୍ନ ହେବା ପରେ ପ୍ରତ୍ୟକ ଠାକୁର ସ୍ୱମନ୍ଦିର କୁ ବିଜେ କରିଥିଲେ। ଏହାପରେ ସନ୍ଧ୍ୟା ଧୂପ ଏବଂ ବଡ଼ସିଂହାର ନୀତି ସମ୍ପନ୍ନ ହୋଇ ପହଡ଼ ହୋଇଥିଲା। ଏହି ନୀତି ସମ୍ପର୍କରେ ଲୋକନାଥଙ୍କ ସେବାୟତ କୁହନ୍ତି, କନ୍ୟାଚୋରି ଏକମାତ୍ର ପର୍ବ ଯାହାକି କେବଳ ଶ୍ରୀକ୍ଷେତ୍ରରେ ପାଳନ ହୋଇଥାଏ। ଏହା ଶ୍ରୀକ୍ଷେତ୍ରର ଏକ ଅନନ୍ୟ ପରମ୍ପରା।

## ଦୁତିକେଶ୍ୱରଙ୍କ ପୀଠରେ ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ



**ଓଡ଼ଗାଁ,୧୮।୬/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ନିକଟସ୍ଥ ଜାମୁପାଟଣା ଶୁଳିଆ ପାହାଡ଼ ପାଦଦେଶରେ ଆବିର୍ଭୂତ ପଶ୍ଚିମାଭିମୁଖୀ ଶିବପ୍ରଭୁ ଶ୍ରୀ ଦୂତିକେଶ୍ୱର ମହାଦେବଙ୍କ ପୀଠରେ ବୈଦିକ ରୀତିମତେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ପବିତ୍ର ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ତିଥିରେ ଦେବଦମ୍ପତିଙ୍କ ବିବାହପାଇଁ ଚଳିତବର୍ଷ ପନ୍ତିଖାରୀ ଶାସନ ବିଭୂତି ରଞ୍ଜନ ଷଡ଼ଙ୍ଗୀ ଦମ୍ପତି କନ୍ୟାପିତା ଏବଂ ନୟାଗଡ଼ ଜିଲ୍ଲା ତତ୍କାଳୀନ ଜିଲ୍ଲାପଳ ହେମନ୍ତ କୁମାର ପାଢ଼ୀ ବରପିତା ଭାବରେ ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ପୁରୋହିତ ରବୀନ୍ଦ୍ର ନାଥ କରଙ୍କ ଦ୍ୱାରା ବୈଦିକମନ୍ତ୍ର ଉଚ୍ଚାରଣ ପୂର୍ବକ ପ୍ରଥମବରଣ, ଦ୍ୱିତୀୟ ବରଣ, ଅଧିବାସ, ଲବଣି ଚଉରୀ, କନିଷ୍ଠବେଦି, ଶଢ଼ାର୍ଘ୍ୟ, ହସ୍ତଗଣ୍ଠି ଅଦି କର୍ମ ସମ୍ପାଦିତ ହୋଇଥିଲା। ପରେ ଦେବଦମ୍ପତି ମନ୍ଦିର ପରିକ୍ରମା ସାରି ମନ୍ଦିର ପ୍ରବେଶ କରିଥିଲେ।ମନ୍ଦିର ପରିଚାଳନା ସଦସ୍ୟ ଓ ପାଳିଆ ସେବାସୀ ପ୍ରଭୁଙ୍କର ସମସ୍ତ ନୀତି କାର୍ଯ୍ୟରେ ସହଯୋଗ କରିଥିଲେ। ସାଧାରଣତଃ ସମସ୍ତ ଶୈବପୀଠରେ ରାତିବେଳା ଶିବବିବାହ ଉତ୍ସବ ଅନୁଷ୍ଠିତ ହେଉଥିବାବେଳେ ପୂର୍ବକାଳରେ ଘଞ୍ଚଜଙ୍ଗଲ ପରିପୂର୍ଣ ଏହି ସ୍ଥାନରେ ରାତ୍ରୀ ସମୟରେ ହିଂସ୍ର ବନ୍ୟଜନ୍ତୁ ମାନଙ୍କ ଗତାଗତ ବହୁଳ ମାତ୍ରାରେ ରହିଥିବାରୁ ରାତିଆସିବା ପୂର୍ବରୁ ସମସ୍ତ ପୂଜାବିଧି ସାରି ସେବାସୀ ଓ କର୍ମକର୍ତା ଚାଲିଯାଉଥିଲେ। କାଳକ୍ରମେ ସେହି ପରମ୍ପରା ପ୍ରଭୁଙ୍କ ନିର୍ଦ୍ଦେଶବୋଲି ଭାବିନେଇ ଆଜି ପର୍ଯ୍ୟନ୍ତ ଦିନବେଳା ଏହି ବିବାହକାର୍ଯ୍ୟ ଅନୁଷ୍ଠିତ ହୋଇଆସୁଥିବା ଜନଶ୍ରୁତିରୁ ଜଣାଯାଏ। ଦୁତିକେଶ୍ୱର ମନ୍ଦିର ପରିଗଳନା କମିଟିର ଉପସଭାପତି ପ୍ରଫୁଲ ମାଝୀ, ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଭୁଜବଳ, ରବୀନ୍ଦ୍ର କୁମାର ପରିଡ଼ା, ଶୋଭରାଜ ମହାପାତ୍ର ଓ ଦିଲ୍ଲୀପ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମସ୍ତ ସେବାୟତମାନେ ସହଯୋଗ କରିଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳର କୋରପିଠା, ପନ୍ତିଖାରୀ ଶାସନ, ନନ୍ଦିଘୋର, ମଶାବାରି, କୈବଲ୍ୟପୁର, ରଙ୍ଗଣୀପଟଣା, ଓଡ଼ଗାଁ, କୁରାଳ, ଦେଓଗାଁ, ହନୁମନ୍ତିଆ, କୋମଣ୍ଡ, ରାବରା, ଗୋଠବଣ, ସର୍ବୋପରି ଶରଣକୂଳଠାରେ ବିଜେ ଲଡୁବାବା ଏବଂ ଅନ୍ୟାନ୍ୟ ସମସ୍ତ ଶୈବପୀଠମାନଙ୍କରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ଖୁବ୍ ଧୁମଧାମରେ ଅନୁଷ୍ଠିତ ହୋଇଥିଲା।

# ପ୍ରାଚୀ ସାହିତ୍ୟ ସଂସଦ ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ ଉତ୍ସବ

**ଚାରିଛକ,୧୮।୬/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ଚାରିଛକସ୍ଥିତ ପ୍ରାଚୀ ସାହିତ୍ୟ ସଂସଦ ତରଫରୁ ଆଜି ତୁଳସୀପୁର ଜୟଦୁର୍ଗା କଲ୍ୟାଣ ମଣ୍ଡପ ପରିସରରେ ପ୍ରତିଭା ସମ୍ମାନ ଉତ୍ସବ ସମାରୋହ -୨୦୨୬ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପ୍ରଫେସର ଗୋପୀନାଥ କରଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପ୍ରାକ୍ତନ ଅଧକ୍ଷ ପ୍ରଫେସର ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧକ୍ଷ ପ୍ରଫେସର ଅରୁଣ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ଡକ୍ଟର ପ୍ରଭାତ ଚନ୍ଦ୍ର ମିଶ୍ର, ଶିକ୍ଷାବିତ ଆଶିଷ କୁମାର ମହାପାତ୍ର, ବରିଷ୍ଠ ଆଇନଜୀବୀ ସୁଧୀର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ସାହିତ୍ୟ ସଂସଦର ଏଭଳି ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମକୁ ବେଶ୍ ପ୍ରଶଂସା କରିଥିଲେ। ଏହି ଅବସରରେ ଚାରିଛକ ଅଞ୍ଚଳରେ ଥିବା ବିଭିନ୍ନ ଶିକ୍ଷା ଅନୁଷ୍ଠାନରୁ ଆସିଥିବା ୧୫ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବା ସହିତ ଗୀତା ନାରାୟଣ ଆଧ୍ୟାତ୍ମିକ ପରିବାର ଟ୍ରଷ୍ଟ ଓଡ଼ିଶା ତରଫରୁ ପ୍ରତ୍ୟେକ ପ୍ରତିଭାଧାରୀ ଛାତ୍ରଛାତ୍ରୀଙ୍କୁ ଜୀବନର ଅମୂଲ୍ୟଗ୍ରନ୍ଥ ଗୀତା ପୁସ୍ତକ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ଶିକ୍ଷାବିତ ନିରୋଦ ବରଣ ଖୁଣ୍ଟିଆ, ନିମାପଡ଼ା ବ୍ଲକ ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ତୁଳସୀପୁର ପୂର୍ବତନ ସରପଞ୍ଚ ଭଗବାନ ମିଶ୍ର, ତୁଳସୀପୁର ଗ୍ରାମ୍ୟକମିଟି ସଭାପତି ବନବିହାରୀ ଦାଶ, ପ୍ରାକ୍ତନ ଆଇ୍‌ଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ କାହ୍ନୁଚରଣ ବେହେରା, ପଣ୍ଡିତ ମୂରଲୀଧର ଭାରତୀ, ଶିକ୍ଷାବିତ୍ ତ୍ରିଲୋଚନ କର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ କର, କବି ଲକ୍ଷ୍ମୀଧର ସାହୁ, କବି ଅମରେଶ୍ୱର ତ୍ରିପାଠୀ, ଅଧାପକ ପୂର୍ଣ୍ଣଚନ୍ଦ୍ର ଦାଶ, ଅଧାପକ ସୁରେଶ ଚନ୍ଦ୍ର କର, ଅଧାପକ ହିମାଂଶୁ ଭୂଷଣ ଦାଶ ଚାରିଛକ ପ୍ରେସକ୍ଲବ ସଭାପତି ପ୍ରଫୁଲ୍ଲ କର, ସମ୍ପାଦକ ଡ଼. କେଦାରନାଥ ସାହୁ, ସ୍ତମ୍ଭକାର ସନ୍ତୋଷ ଦାଶ, କୃଷକନେତା ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ଆଇନଜୀବୀ ରଜନୀକାନ୍ତ ତ୍ରିପାଠୀ, ସମାଜସେବୀ ସବିତାରାଣୀ ସିନ୍ହା, ଚପଳା ଦାଶ, ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅଧକ୍ଷ ନିରୋଦ କୁମାର ତ୍ରିପାଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସଂସଦର ସମ୍ପାଦକ ଡ. ସନ୍ତୋଷ କୁମାର ମିତ୍ର ଅତିଥି ପରିଚୟ ପ୍ରଧାନ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପରିଶେଷରେ ସଂସଦର କ୍ୟାସିୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ।



## ସରସ୍ୱତୀ ଏକାଡେମୀ ହାଇସ୍କୁଲ୍‌ର ପୁରାତନ ଛାତ୍ରସଂସଦ ଗଠିତ

**ଅସ୍ତରଙ୍ଗ,୧୮।୬/ଏନ୍ଏନ୍ଏସ୍:** କାକଟପୁର ବ୍ଲକ୍ ବାଙ୍ଗୁରିଗାଁ ପଞ୍ଚାୟତ ଶାନ୍ତିକାନନ ଛକସ୍ଥିତ ସରସ୍ୱତୀ ଏକାଡେମୀ ହାଇସ୍କୁଲ୍ ପୁରାତନ ଛାତ୍ରସଂସଦ ଗଠିତ ହୋଇଯାଇଛି। ୧୯୯୨ ମସିହାରେ ଅଳ୍ପସଂଖ୍ୟକ ଶିକ୍ଷାବିତ୍, ସମାଜସେବୀ ଓ ଉଦ୍ୟମୀ ଯୁବକଙ୍କ ପ୍ରୟାସରେ ପ୍ରତିଷ୍ଠିତ ଏହି ହାଇସ୍କୁଲ୍ ଶିକ୍ଷା କ୍ଷେତ୍ରରେ ବହୁ ବିକାଶ ଲାଭ କରିଛି। ଏହି ବିଦ୍ୟାଳୟ ଯୋଗୁଁ ଅଞ୍ଚଳର ବହୁ ଛାତ୍ରଛାତ୍ରୀଙ୍କ କ୍ୟାରିୟର ନିର୍ମାଣ ହୋଇଛି। ବହୁ ଛାତ୍ରଛାତ୍ରୀ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି। ତେଣୁ ଏହାର ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ ପାଳନ ପାଇଁ ଆୟୋଜିତ ବୈଠକରେ ନିଷ୍ପତ୍ତି ହୋଇଥିଲା। ଆସନ୍ତା ୬ ମାସ ମଧରେ ଏହି ଉତ୍ସବ ଆୟୋଜନ ପାଇଁ ସମସ୍ତେ ମତ ଦେଇଥିଲେ। ଏଥିପାଇଁ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ୧୨ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟି ସଭାପତି ଓ ଅନ୍ୟ କର୍ମକର୍ତ୍ତାଙ୍କୁ ଚୟନ କରିବ। ଆଜି ପର୍ଯ୍ୟନ୍ତ ଏଠାରେ ପଢ଼ିଥିବା ସମସ୍ତ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କୁ ଯୋଡ଼ିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉପଦେଷ୍ଟା ଭାବେ ହାଇସ୍କୁଲ୍‌ର ପ୍ରତିଷ୍ଠାତା ସମ୍ପାଦକ କୃଷ୍ଣ ନାୟକ, ବରିଷ୍ଠ ଶିକ୍ଷାବିତ୍ ଉମାକାନ୍ତ ବାରିକ, ସମାଜସେବୀ ପଞ୍ଚାନନ ନାୟକ ଏବଂ ବର୍ତ୍ତମାନ ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷକ ଗୋପାଳକୃଷ୍ଣ ବାରିକଙ୍କୁ ରଖାଯାଇଛି। ବାର୍ଷିକ ଉତ୍ସବ କିପରି ଶୃଙ୍ଖଳିତ ଭାବେ ହେବ ଓ ସମସ୍ତଙ୍କ ସହ ସମନ୍ୱୟ ରଖାଯିବ ଏଥିପାଇଁ ଉପଦେଷ୍ଟାଙ୍କ ପରାମର୍ଶକ୍ରମେ କମିଟି କାର୍ଯ୍ୟ କରିବ। ବୈଠକରେ ଲକ୍ଷ୍ମୀଧର ଖଟୋଇ, ହିମାଂଶୁ ଭୂଷଣ ଓଝା, ନାରାୟଣ ମଲ୍ଲିକ, ସନ୍ତୋଷ ନାୟକ, ମନୋଜ ଜେନା, ବାବୁଲି ସ୍ୱାଇଁ, ଅନ୍ତର୍ଯ୍ୟାମୀ ସ୍ୱାଇଁ, ପ୍ରକାଶ ପ୍ରଧାନ, ବିଜୟ କୁମାର ଖଟୋଇ, ଅଭୟ ମଲ୍ଲ, ସୁଦର୍ଶନ ବିଶ୍ୱାଳ, ମାନସ କୁମାର ବାରିକ, ପ୍ରଭୁଦତ୍ତ ନାୟକ, ଶିବାନୀ ସେଠୀ, ତୃପ୍ତିମୟୀ ନାୟକ, ଲକ୍ଷ୍ମୀପ୍ରିୟା ବିଶ୍ୱାଳ ଏବଂ ଇପ୍ସିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କମିଟିର ଦ୍ୱିତୀୟ ବୈଠକ ଆସନ୍ତା ଜୁଲାଇ ୨୬ରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ।

## ଏନ୍ଏସି ଅଧିକାରୀଙ୍କ ନିଷ୍ପତ୍ତି: ହୋଲ୍ଡିଂ ଟ୍ୟାକ୍ସ ନଦେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ଓଡ଼ଗାଁ,୧୮।୬/ଏନ୍ଏନ୍ଏସ୍:** ହୋଲ୍ଡିଂ ଟ୍ୟାକ୍ସ ନଦେଲେ ଘରେ ପହଞ୍ଚିବ ନୋଟିସ୍। ଏଭଳି ଚରମବାଣି ଶୁଣାଇଛନ୍ତି ଓଡ଼ଗାଁ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା। ଦିନକୁ ଦିନ ହୋଲ୍ଡିଂ ଟ୍ୟାକ୍ସ ଦାଖଲ କରିବାରେ ଘରମାଲିକ ଓ ଦୋକାନୀମାନେ ଅବହେଳା କରି ଆସୁଛନ୍ତି। ଅଧିକାଂଶ ବ୍ୟକ୍ତି ଅନଲାଇନ୍ ଓ ଅଫିସରେ ଆସି ଟ୍ୟାକ୍ସ ବାନ୍ଧୁଥିବା ବେଳେ ଆଉକିଛି ଘରମାଲିକ ଜାଣିଶୁଣି ବେଖାତିର ମନୋଭାବ ଆପଣାଉଛନ୍ତି। ଏହାଦ୍ୱାରା କେବଳ ରାଜସ୍ୱ ହାନି ଘଟୁଛି, ତାହା ନୁହେଁ ଏନ୍ଏସିର ବିଭିନ୍ନ କାର୍ଯ୍ୟ ତଥା ଡ୍ରେନ୍ ସଫା,ଲାଇଟ୍ ଲାଗିବା, ରାସ୍ତାଘାଟ ମରାମତି କରିବା, ଅଳିଆ ଉଠିବା ଉପରେ ଆର୍ଥିକ ସଂକଟ ସୃଷ୍ଟି ହେଉଛି। ଚଳିତମାସ ଶେଷସୁଦ୍ଧା ହୋଲ୍ଡିଂ ଟ୍ୟାକ୍ସ ପୈଠ ନକଲେ ଘର ଓ ଦୋକାନକୁ ନୋଟିସ୍ ଯିବ ବୋଲି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି। ଗତବର୍ଷ ଏପ୍ରିଲ୍ ମାସରେ ୩,୪୮,୮୬୩ ଟଙ୍କା ଆଦାୟ ହୋଇଥିବା ବେଳେ ମେ ମାସରେ ୧,୨୧,୫୬୮ ଓ ଜୁନ ମାସରେ ୪୧,୭୯୫ ଟଙ୍କା ହୋଲ୍ଡିଂ ଟ୍ୟାକ୍ସ ବାବଦକୁ ଆଦାୟ କରାଯାଇଛି। ଚଳିତବର୍ଷ ଏପ୍ରିଲ୍ ମାସ ଶେଷସୁଦ୍ଧା ୫,୧୭,୬୬୯ ଟଙ୍କା ଆଦାୟ କରାଯାଇଥିବା ବେଳେ ମେ'ମାସ ସୁଦ୍ଧା ୧,୨୮,୪୫୪ ଏବଂ ଜୁନ୍ ମାସ ୧୭ ତାରିଖ ପର୍ଯ୍ୟନ୍ତ ୯୦,୩୭୯ ଟଙ୍କା ଆଦାୟ ହୋଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ତେବେ ଅନେକ ଘର ମାଲିକ ହୋଲ୍ଡିଂ ଟ୍ୟାକ୍ସ ପ୍ରଦାନ କରିବାରେ ଅବହେଳା କରୁଥିବାରୁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ପ୍ରଥମେ ସେମାନଙ୍କୁ ନୋଟିସ ଦିଆଯିବ ଏବଂ ପରବର୍ତ୍ତୀ ସମୟରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି। ସେହିପରି ୩ବର୍ଷ ପାଇଁ ରାମସାଗର ନିକଟସ୍ଥ କଲ୍ୟାଣମଣ୍ଡପ, ବିଜ୍ଞାପିତ ଅଞ୍ଚଳ ପରିଷଦରେ ହୋଡିଂ ଟ୍ୟାକ୍ସ ଆଦାୟ, ଦୈନିକ ବଜାରରୁ ଶୁଳ୍କ ଆଦାୟ ଓ ବିଜ୍ଞାପିତ ଅଞ୍ଚଳରେ ଯାନବାହାନ ପାର୍କିଂ ଫି ଆଦାୟ ପାଇଁ ଟେଣ୍ଡର କରାଯାଇ ରାଜସ୍ୱ ଆଦାୟ କରାଯିବ ବୋଲି ଲକ୍ଷ୍ୟ ରହିଥିବା ନିର୍ବାହୀ ଅଧିକାରୀ କହିଛନ୍ତି।



# ଓଡ଼ିଶା ଡ୍ୟାନ୍ସ ଏକାଡେମୀର ବାର୍ଷିକ ନୃତ୍ୟୋତ୍ସବ ଉଦ୍‌ଯାପିତ

**ଭୁବନେଶ୍ୱର,୧୮।୬/ଏନ୍‌ଏନ୍‌ଏସ୍:** ଓଡ଼ିଶା ଡ୍ୟାନ୍ସ ଏକାଡେମୀର ୩୮ତମ ବାର୍ଷିକ ନୃତ୍ୟୋତ୍ସବ 'ନୃତ୍ୟମ୍ବଦା' ଗୁରୁବାର ଉଦ୍‌ଯାପିତ ହୋଇଛି। ରବୀନ୍ଦ୍ର ମଣ୍ଡପରେ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସମ୍ପାଦିକା ଡଃ ଅରୁଣା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠାନର ବରିଷ୍ଠ ଗୁରୁ, ନୃତ୍ୟଶିଳ୍ପୀ ଓ କର୍ମକର୍ତ୍ତାମାନଙ୍କ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ପରିଚାଳିତ କରଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଓଡିଶୀ, ସମ୍ବଲପୁରୀ, ଆଦିବାସୀ ଓ ପଲ୍ଲୀନୃତ୍ୟ ସହିତ ଓଡିଶୀ ନୃତ୍ୟ ନାଟିକା ମଧ ପରିବେଷିତ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବରେ ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ବିଶିଷ୍ଟ ବେହେଲା ବାଦକ ସୁରମଣି ରମେଶ ଚନ୍ଦ୍ର ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଉପସଭାପତି ମନ୍ମଥ ଶତପଥୀ, ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର



ସମ୍ପାଦିକା ଗୁରୁ ଡଃ ଅରୁଣା ମହାନ୍ତି ଓ ଯୁଗ୍ମ ସଚିବ ମଧୁସ୍ମିତା ମହାନ୍ତି ଉପସ୍ଥିତ ଥିଲେ। ସନ୍ଧ୍ୟାର ପ୍ରଥମ ପରିବେଷଣ ଥିଲା ଯୁଗ୍ମଦ୍ୱନ୍ଦ୍ୱ ପଲ୍ଲବୀ, ଯାହା ତାଳ ଏକତାଳୀ ଏବଂ ରାଗ ବାଗେଶ୍ରୀରେ ପରିବେଷିତ ହୋଇଥିଲା। ଏହାର ସଙ୍ଗୀତ ସଂଯୋଜନା ପଣ୍ଡିତ ରଘୁନାଥ ପାଣିଗ୍ରାହୀ, ମୂଳ ନୃତ୍ୟ ସଂଯୋଜନା ଗୁରୁ କେଳୁଚରଣ ମହାପାତ୍ର, ପୁନଃସଂଯୋଜନା ରତିକାନ୍ତ ମହାପାତ୍ର ଏବଂ ନୃତ୍ୟ ନିର୍ଦ୍ଦେଶନା ଗୁରୁ ଅରୁଣା ମହାନ୍ତିଙ୍କ ଦ୍ୱାରା କରାଯାଇଥିଲା। ଏହା ପରେ ସ୍ଥାୟୀ ନୃତ୍ୟ ପରିବେଷିତ ହୋଇଥିଲା, ଯାହା ଏକ ଶାସ୍ତ୍ରୀୟ ଓଡ଼ିଶୀ ଶୁଦ୍ଧ ନୃତ୍ୟ ସଂରଚନା ହୋଇ ଏହାର ଭାସ୍କର୍ଯ୍ୟ ସଦୃଶ ସୌନ୍ଦର୍ଯ୍ୟ, ଲୟଗତ ଜଟିଳତା ଏବଂ କାରିଗରୀ ନିପୁଣତାକୁ ପ୍ରତିଫଳିତ କରିଥିଲା। ପରେ ବିଭିନ୍ନ ଚିତ୍ତାକର୍ଷକ ନୃତ୍ୟ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମଟିର ସମନ୍ୱୟ ପ୍ରମୋଦ କୁମାର ରାଉତ, ଆଲୋକ ବ୍ୟବସ୍ଥା ଗୁରୁ ରମେଶ ଚନ୍ଦ୍ର ଜେନାଙ୍କ ଦ୍ୱାରା କରାଯାଇଥିଲା ଏବଂ ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମଟିକୁ ଉପସ୍ଥାପନ କରିଥିଲେ।

# ରାଜ୍ୟରେ ପାଣିରେ ବୁଡ଼ି ମୃତ୍ୟୁ ରୋକିବା ପାଇଁ ନିଆଯିବ ବ୍ୟାପକ ପଦକ୍ଷେପ

## ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକରେ ସତର୍କ ସଂକେତ, ସୁରକ୍ଷା ରେଲିଂ, ବେରିକେଡ୍ ବ୍ୟବସ୍ଥା ସୁନିଶ୍ଚିତ କରାଯିବ

**ଭୁବନେଶ୍ୱର,୧୮।୬/ଏନ୍‌ଏନ୍‌ଏସ୍:** ରାଜ୍ୟରେ ବିଭିନ୍ନ ନଦୀ, କେନାଲ, ଜଳାଶୟ ଏବଂ ସମୁଦ୍ର ଆଦିରେ ବୁଡ଼ି ମୃତ୍ୟୁ ଭଳି ଦୁର୍ଘଟଣା ଏକ ଗଭୀର ଚିନ୍ତାଜନକ ବିଷୟ। ପ୍ରତିବର୍ଷ ଏଥି ଯୋଗୁଁ ଶହ ଶହ ସଂଖ୍ୟାରେ ଜୀବନହାନି ଘଟୁଛି। ସୂଚନା ଅନୁଯାୟୀ, ଗତ ପାଞ୍ଚବର୍ଷ ମଧ୍ୟରେ ରାଜ୍ୟରେ ପ୍ରାୟ ୯,୦୦୦ ଜଣ ପାଣିରେ ବୁଡ଼ ପ୍ରାଣ ହରାଇଛନ୍ତି, ଯାହା ମଧ୍ୟରେ ଅଧିକାଂଶ ଶିଶୁ ଓ ଯୁବବର୍ଗ ରହିଛନ୍ତି। ଅସାବଧାନତା ହେତୁ ତଥା ବିଭିନ୍ନ କାରଣରୁ ପୋଖରୀ, ଖୋଲା କୂଅ, ବିପଦପୂର୍ଣ୍ଣ ଜଳାଶୟ, ନଦୀଘାଟ, ସମୁଦ୍ର, ଜଳପ୍ରପାତ ଓ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ଏପରି ପାଣିବୁଡ଼ି ଘଟଣା ଦେଖାଦେଉଛି। ଏହି ପରିପ୍ରେକ୍ଷୀରେ ପାଣି ବୁଡ଼ି ମୃତ୍ୟୁକୁ ରୋକିବା ପାଇଁ ପ୍ରତିକାରାତ୍ମକ ବ୍ୟବସ୍ଥା ଏବଂ ଜନସଚେତନତା ସୃଷ୍ଟି ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଏକ ସମୀକ୍ଷା ବୈଠକ ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶା ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡଃ. ସୁଧାଂଶୁ ଷଡ଼ଙ୍ଗୀ, ଅତିରିକ୍ତ ରିଲିଫ୍ କମିଶନର ପଦ୍ମନାଭ ବେହେରାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତି ରହି ପାଣିରେ ବୁଡ଼ି ମୃତ୍ୟୁର କାରଣ ଓ ପ୍ରତିକାରାତ୍ମକ ପଦକ୍ଷେପ ସଂପର୍କରେ ଆଲୋଚନା କରିଥିଲେ। ଅଗ୍ନିଶମ

> **ଖୋଲା କୂଅରେ ଆବରଣଯୁକ୍ତ ତାରଜାଲି ବ୍ୟବସ୍ଥା, ପର୍ଯ୍ୟଟନ ବିଭାଗ ଦ୍ୱାରା ଚିହ୍ନଟ ବିଭିନ୍ନ ବିପଦସଂକୁଳ ସ୍ଥଳୀରେ ଲାଇଫ୍ ଗାର୍ଡ ମୁତୟନ ହେବେ**
>
> **ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କ ମଧ୍ୟରେ ବ୍ୟାପକ ଭାବେ ପହଁରା ପ୍ରଶିକ୍ଷଣ ଶିବିର କରାଯିବ**

ସେବା ଓ ଗୃହରକ୍ଷୀ ବାହିନୀର ମହାନିର୍ଦ୍ଦେଶକ ଡଃ. ଷଡ଼ଙ୍ଗୀ ଏହି ବୈଠକରେ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ। ପାଣିରେ ବୁଡ଼ି ପ୍ରତିବର୍ଷ ବହୁ ଜୀବନ ହାନି ଘଟୁଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ ଚିନ୍ତା ଓ ଦୁଃଖ ପ୍ରକାଶ କରି ଏହାର ପ୍ରତିକାରାତ୍ମକ ସୁଦୃଢ଼ ପଦକ୍ଷେପ ନେବାକୁ ରାମଚଣ୍ଡୀ ନିକଟସ୍ଥ 'ଓଡ଼ିଶା ଷ୍ଟେଟ୍ ୱାଟରମ୍ୟାନ୍‌ଶିପ୍ ଆଣ୍ଡ୍ ଲାଇଫ୍ ଗାର୍ଡ ଇନ୍‌ଷ୍ଟିଚ୍ୟୁଟ୍ (ଓସ୍ୱାଲି) ଠାରେ ପରାମର୍ଶ ଦେଇଥିବା ସେ ପ୍ରକାଶ କରିଥିଲେ। ସରକାରୀ ବିଭାଗ, ସ୍ଥାନୀୟ ପ୍ରଶାସନ, ବିଭିନ୍ନ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଜନସାଧାରଣଙ୍କ ମିଳିତ ସହଯୋଗ ଦ୍ୱାରା ପ୍ରତିକାରାତ୍ମକ ବ୍ୟବସ୍ଥା ଫଳରେ ପ୍ରତିଟି ମୂଲ୍ୟବାନ ଜୀବନକୁ ରକ୍ଷା କରାଯାଇପାରିବ ବୋଲି ସେ ମତ ପୋଷଣ କରିଥିଲେ। ଆଗାମୀ ଦିନରେ ଏହି ଦୁର୍ଘଟଣା ଯେପରି ବହୁ ସଂଖ୍ୟାରେ ହ୍ରାସ ପାଇବ, ସେଥିପାଇଁ ଭୌଗୋଳିକ ସ୍ଥିତି ଏବଂ ଜଳାଶୟର ପ୍ରକୃତିକୁ ଆଧାରରେ ତଥ୍ୟ ବିଶ୍ଳେଷଣ କରାଯାଇ ବିପଦପୂର୍ଣ୍ଣ ସ୍ଥାନ ବା 'ବୁଡ଼ି ପ୍ରବଣ ବ୍ଲାକ୍ ସ୍ପଟ୍' ଗୁଡ଼ିକୁ ଚିହ୍ନଟ କରାଯିବା ନେଇ ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ପ୍ରତ୍ୟେକ ଗ୍ରାମପଞ୍ଚାୟତ ସ୍ତରରେ ଅତିକମ୍‌ରେ ଜଣେରୁ ୨ ଜଣଙ୍କୁ ସ୍ଥାନୀୟ ଜୀବନରକ୍ଷକ (ଲାଇଫଗାର୍ଡ) ରୂପେ ପ୍ରଶିକ୍ଷଣ ଦିଆଯିବାକୁ ପ୍ରସ୍ତାବ ଦିଆଯାଇଛି। ଉପରୋକ୍ତ ସମସ୍ତ ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକରେ ସତର୍କ ସଂକେତ, ସୁରକ୍ଷା ରେଲିଂ, ବେରିକେଡ୍ ବ୍ୟବସ୍ଥା ଆଦି ସୁନିଶ୍ଚିତ କରାଯିବ। ସମୁଦ୍ରରେ ସ୍ନାନ ସମୟରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନିର୍ଦ୍ଦିଷ୍ଟ ସୁରକ୍ଷିତ ସୀମା ପର୍ଯ୍ୟନ୍ତ ଭାସମାନ ବୁଏ, ଦଉଡ଼ି ଆଦି ସାଙ୍କେତିକ ସତର୍କ ବ୍ୟବସ୍ଥା ସହ ଅନ୍ୟ ରାଜ୍ୟ ଓ ଦେଶରେ ପ୍ରଚଳିତ ଉତ୍ତମ ସୁରକ୍ଷା ବ୍ୟବସ୍ଥାଗୁଡ଼ିକର ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯିବ। ଖୋଲା କୂଅରେ ଆବରଣଯୁକ୍ତ ତାରଜାଲି ବ୍ୟବସ୍ଥା, ପର୍ଯ୍ୟଟନ ବିଭାଗ ଦ୍ୱାରା ଚିହ୍ନଟ ହୋଇଥିବା ବିଭିନ୍ନ ବିପଦସଂକୁଳ ସ୍ଥଳୀରେ ଲାଇଫ୍ ଗାର୍ଡ ମୁତୟନ କରାଯିବାକୁ ଆଲୋଚନା ହୋଇଛି। ବିଶେଷ କରି ସମ୍ବେଦନଶୀଳ ଓ ଅଧିକ ଭିଡ଼ ହେଉଥିବା ଜଳାଶୟ ନିକଟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଗୃହରକ୍ଷୀ ଓ ଲାଇଫଗାର୍ଡମାନଙ୍କୁ ସଜାଗ ରଖାଯିବ।

ଏହା ବ୍ୟତୀତ ପହଁରିବା (ସୁଇମିଂ)କୁ ଏକ ଜୀବନ ରକ୍ଷାକାରୀ କୌଶଳ ଭାବେ ଗ୍ରହଣ କରି ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କ ମଧ୍ୟରେ ବ୍ୟାପକ ଭାବେ ପହଁରା ପ୍ରଶିକ୍ଷଣ ଶିବିର ଏବଂ ପ୍ରତିଯୋଗିତାମାନ ଆୟୋଜନ କରାଯିବାକୁ ପଦକ୍ଷେପ ନିଆଯିବ। ଏନ୍‌ସିସି, ସିଭିଲ୍ ଡିଫେନ୍ସ ଏବଂ ସ୍ଥାନୀୟ ଯୁବ ସଂଗଠନଗୁଡ଼ିକୁ ଜଳରୁ ଉଦ୍ଧାର କାର୍ଯ୍ୟ ଓ ପ୍ରାଥମିକ ଚିକିତ୍ସା ସମ୍ବନ୍ଧୀୟ ବ୍ୟାପକ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ଅଭିଯାନକୁ ସଫଳ କରିବା ପାଇଁ ଅଗ୍ନିଶମ ସେବା, ପୁଲିସ, ରାଜ୍ୟ ଅପରାଧ ଅଭିଲେଖ ବ୍ୟୁରୋ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ, ଜଳସମ୍ପଦ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ ମିଳିତ ଭାବେ ଏକ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଯୋଜନା ପ୍ରସ୍ତୁତ କରାଯିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି।

# 'ସେକ୍ସପିଅର' ମଞ୍ଚସ୍ଥ କରି ଇତିହାସ ରଚିଲେ କିସ୍ ଓ କିଟ୍ ଛାତ୍ରଛାତ୍ରୀ

**ଭୁବନେଶ୍ୱର,୧୮।୬/ଏନ୍‌ଏନ୍‌ଏସ୍:** ବିଶ୍ୱ ରଙ୍ଗମଞ୍ଚରେ ସେକ୍ସପିଅର ନାଟକ ପରିବେଷଣ କରି କିସ୍ ଓ କିଟ୍ ଛାତ୍ରଛାତ୍ରୀମାନେ ଇତିହାସ ରଚିବା ପରେ ଏହି ଜନଜାତି ଛାତ୍ରଛାତ୍ରୀମାନେ ଓଡ଼ିଶା ମାଟିରେ



ନିଜର ଅପୂର୍ବ କଳା ପ୍ରଦର୍ଶନ କରିଛନ୍ତି। ବିଦେଶ ମାଟିରେ ଚମତ୍କାର ପ୍ରଦର୍ଶନ ପରେ ବୁଧବାର ଭୁବନେଶ୍ୱରରେ ସେମାନେ ସେକ୍ସପିଅର ନାଟକ ପରିବେଷଣ କରି ବେଶ୍ ପ୍ରଶଂସିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କିଟ୍ ଓ କିସ୍‌ର ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ନିରଞ୍ଜନ ବିଶି, କଟକ ମେୟର ସୁବାସ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାଶ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ଅଶୋକ କୁମାର ପରିଜା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସୂଚନାଯୋଗ୍ୟ, ବିଦେଶରେ ପ୍ରଥମ ଥର ପାଇଁ କିସ୍ ଛାତ୍ରଛାତ୍ରୀମାନେ ସାନ୍ତାଳୀ ଭାଷାରେ ନାଟକ ପରିବେଷଣ କରି ଇତିହାସ ସୃଷ୍ଟି କରିଛନ୍ତି। ରୋମାନିଆରେ ଆୟୋଜିତ ବିଶ୍ୱ ସେକ୍ସପିୟର ନାଟ୍ୟ ମହୋତ୍ସବରେ ବିଶ୍ୱର ୪୫ଟି ଦେଶର ୭୧ଟି ବିଶ୍ୱବିଦ୍ୟାଳୟରୁ ୩ ହଜାର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କିସ୍ ଛାତ୍ରଛାତ୍ରୀମାନେ ଓଡ଼ିଶା ଜନଜାତି ସାନ୍ତାଳି ଭାଷାରେ ସେକ୍ସପିଅରଙ୍କ ରୋମିଓ ଆଣ୍ଡ ଜୁଲିଏଟ୍, ହାମ୍‌ଲେଟ୍ ଓ ମାକ୍‌ବେଥ୍ ଆଦି ନାଟକ ରୋମାନିଆର ବିଭିନ୍ନ ସହରରେ ପରିବେଷଣ କରି ଆନ୍ତର୍ଜାତିକ ଖ୍ୟାତି ଅର୍ଜନ କରିଛନ୍ତି। ବିଦେଶରୁ ଫେରିବା ପରେ ନୂଆଦିଲ୍ଲୀରେ ସେମାନେ ଆଉଥରେ ସାନ୍ତାଳି ଭାଷାରେ ସେକ୍ସପିଅର ନାଟକ ପରିବେଷଣ କରିଥିଲେ। ରୋମାନିଆ ଦୂତାବାସ ଓ କିସ୍-କିଟ୍ ମିଳିତ ଆନୁକୂଲ୍ୟରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଦେଶର ରାଷ୍ଟ୍ରଦୂତ, ହାଇକମିଶନର ଓ ଦିଲ୍ଲୀର ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ କିସ୍ ଛାତ୍ରଛାତ୍ରୀମାନେ ସାନ୍ତାଳି ଭାଷାରେ ଏହି ନାଟକ ପରିବେଷଣ କରି ବେଶ୍ ପ୍ରଶଂସିତ ହୋଇଥିଲେ। ଶେଷରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଦେବାନୁଜ ମଜୁମଦାର ହାମ୍‌ଲେଟ୍ ନାଟକର ନିର୍ଦ୍ଦେଶନା ଦେଇଥିବା ବେଳେ ଏଥିରେ ହାମ୍‌ଲେଟ୍ ଭୂମିକାରେ ଦେବାନୁଜ ମଜୁମଦାର, ଓଫେଲିଆ ଭୂମିକାରେ ଆଦ୍ରିକା ସିଞ୍ଜିନି, ହାମଲେଟ୍‌ଙ୍କ ମାତା ଗର୍ଟରୁଡ୍ ଭୂମିକାରେ କମଳିକା ବାଗ୍, ହାମଲେଟ୍‌ଙ୍କ ପିତା କିଙ୍ଗ୍ ହାମଲେଟ୍ ଭୂମିକାରେ ବିଶ୍ୱରୂପ ଦତ୍ତ, ହାମଲେଟ୍‌ଙ୍କ ମାମୁଁ କ୍ଲାଉଡିୟସ୍ ଭୂମିକାରେ ସୁଜତ୍ରା ମୁଖାର୍ଜୀ ଏବଂ ଓଫେଲିଆଙ୍କ ପିତା ଭୂମିକାରେ ଦିଲୀପ ଶ୍ରମୁଟିକା ଅଭିନୟ କରିଥିଲେ। ମାକ୍‌ବେଥ୍ ନାଟକକୁ ଆଦ୍ରିକା ସିଞ୍ଜିନି ନିର୍ଦ୍ଦେଶନା ଦେଇଥିବା ବେଳେ ଏଥିରେ ଡାହାଣୀ ଭୂମିକାରେ ଉର୍ମିଳା ମୁର୍ମୁ, ଲୋପାମୁଦ୍ରା କାନ୍ତି, ମିନିମନତି ଖେଡିଆ, ରଶ୍ମିତା ତାମର୍ବୀ, ବିଷ୍ଣୁପ୍ରିୟା ନାୟକ ପ୍ରମୁଖ ଅଭିନୟ କରିଥିଲେ। ଲେଡି ମ୍ୟାକବେଥ ଭୂମିକାରେ ସ୍ମୃତି ଦାସ, ମାକବେଥ ଭୂମିକାରେ ପ୍ରିୟାଂଶୁ କୁମାର, ବାନକୋ ଭୂମିକାରେ ଦେବାନୁଜ ମଜୁମଦାର ଓ ଲେଡି ମାକବେଥ ରିଫ୍ଲେକ୍ସନ୍‌ରେ କମଲ ମିଶ୍ର ଅଭିନୟ କରିଥିଲେ। ସେହିପରି ରୋମିଓ ଏବଂ ଜୁଲିଏଟ୍ ନାଟକକୁ କମଳିକା ବାଗ୍ ନିର୍ଦ୍ଦେଶନା ଦେଇଥିବା ବେଳେ ଏଥିରେ ରୋମିଓ ଭୂମିକାରେ ପ୍ରିୟାଂଶୁ କୁମାର, ଜୁଲିଏଟ୍ ଭୂମିକାରେ ହେମଲତା ନାୟକ, ମର୍କୁଟିଓ ଭୂମିକାରେ ସୁଜ୍ରା ମୁଖାର୍ଜୀ, ବେନଭୋଲିଓ ଭୂମିକାରେ ବିଶ୍ୱରୂପ ଦତ୍ତା, ଲେଡି କାପୁଲେଟ୍ ଭୂମିକାରେ ରଶ୍ମିତା ତାମାର୍ବୀ, ପ୍ରଭୁ କାପୁଲେଟ୍ ଭୂମିକାରେ ଦିଲୀପ ସମ୍ପାରିକା ଏବଂ ଲେଡି ଫ୍ରିୟାର ଭୂମିକାରେ ସଞ୍ଜନା ସିଂ ଅଭିନୟ କରିଥିଲେ। କାର୍ଯ୍ୟକ୍ରମରେ ଲାଇଭ୍ ମ୍ୟୁଜିକ୍‌ରେ ସହଯୋଗ କରିଥିଲେ ପିଣ୍ଟୁ ମଝୀ, ବିପିନ ମାଝୀ, ଅନନ୍ତ ଅଙ୍ଗ୍ରା, ସୌର୍ଯ୍ୟ ଅମିତ, ଆଦ୍ରିକା ସିଞ୍ଜିନି, ଦେବାନୁଜ ମଜୁମଦାର ଏବଂ କମଳିକା ବାଗ। ନାଟକର ସନ୍ତାଳୀ ଅନୁବାଦ କରିଥିଲେ ଉର୍ମିଳା ମୁର୍ମୁ।

# ମାଟି ମନସ୍କ ହେବା ପାଇଁ ରଜ ଅବସରରେ ଆର୍ଟ କର୍ମଶାଳା

**ଭୁବନେଶ୍ୱର,୧୮।୬/ଏନ୍‌ଏନ୍‌ଏସ୍:** ପବିତ୍ର ରଜ ସଂକ୍ରାନ୍ତି ଅବସରରେ ମାଟି, ଗଛ ଓ ପ୍ରକୃତି ସହ ମଣିଷର ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଅଜିତ ଆର୍ଟ ଆଣ୍ଡ୍ କ୍ରାଫ୍ଟ ଏବଂ ହାପି ଆକ୍ସିସ୍ ଫାଉଣ୍ଡେସନ୍‌ର ସହଯୋଗରେ 'ପ୍ଲାନ୍‌ଟିୟୋର୍ ଏ ପ୍ଲାନ୍‌ଟେ' ଶୀର୍ଷକ ଏକ ସୃଜନଶୀଳ କର୍ମଶାଳା ହୋଟେଲ୍ କ୍ରିଷ୍ଟାଲ୍ କ୍ରାଉନ୍‌ଠାରେ ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ ବିଭିନ୍ନ ବର୍ଗରୁ ୫୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗଦେଇ ମାଟିପାତ୍ର ଚିତ୍ରାଙ୍କନ ଏବଂ ସେଥିରେ ବୃକ୍ଷରୋପଣ କାର୍ଯ୍ୟରେ ସକ୍ରିୟ ଭାବେ ଭାଗ ନେଇଥିଲେ। କର୍ମଶାଳାରେ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଏକ ମାଟିପାତ୍ର ଓ ଏକ ଚାରାଗଛ ପ୍ରଦାନ କରାଯାଇଥିଲା। ସେମାନେ ନିଜ କଳ୍ପନା ଓ ସୃଜନଶୀଳତାର ରଙ୍ଗରେ ମାଟିପାତ୍ରକୁ ସଜାଇବା ସହିତ ସେଥିରେ ଚାରା ରୋପଣ କରି ଘରକୁ ନେଇଯାଇଥିଲେ। ଏହା ପ୍ରକୃତି ପ୍ରତି ସଚେତନତା, ମାନସିକ ପ୍ରଶାନ୍ତି ଏବଂ



ସୃଜନଶୀଳତାର ଏକ ସୁନ୍ଦର ସମନ୍ୱୟ ଥିଲା। କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ କଳାକାରମାନଙ୍କୁ ପ୍ରୋତ୍ସାହନ ଦେବା ସହ କଟକ କୁମ୍ଭାର ସାହିର କାରିଗରମାନଙ୍କ ନିର୍ମିତ ମାଟିପାତ୍ର ବ୍ୟବହାର କରାଯାଇଥିଲା। ଏହା ସହ ଚାରାଗୁଡ଼ିକୁ ଅଜିତ ଆର୍ଟ ଆଣ୍ଡ୍ କ୍ରାଫ୍ଟ ଟିମ୍ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ଆୟୋଜକମାନଙ୍କ ମତାନୁସାରେ ମାଟିର ସ୍ପର୍ଶ ଓ ପ୍ରକୃତି ସହ ସଂଯୋଗ ମାନସିକ ଚାପ ହ୍ରାସ କରିବାରେ ସହାୟକ ହୋଇଥାଏ ଏବଂ ଏପରି କାର୍ଯ୍ୟକ୍ରମ ଲୋକଙ୍କୁ ସକାରାତ୍ମକ ଅନୁଭୂତି ପ୍ରଦାନ କରେ। ହାପି ଆକ୍ସିସ୍ ଫାଉଣ୍ଡେସନ୍ ସହଯୋଗରେ ଆୟୋଜିତ ଏହି କର୍ମଶାଳା ଅଜିତ ଆର୍ଟ ଆଣ୍ଡ କ୍ରାଫ୍ଟର ଏକ ନିଆରା ପ୍ରୟାସ ଭାବେ ସମସ୍ତଙ୍କ ପ୍ରଶଂସା ସାଉଁଟିଥିଲା। ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି ଯେ ଆଗାମୀ ରଥଯାତ୍ରା ଅବସରରେ ଏକ ଭିନ୍ନ ଶୈଳୀରେ ଜଗନ୍ନାଥ ପେଣ୍ଟିଂକୁ ନେଇ ଆଉ ଏକ ସ୍ୱତନ୍ତ୍ର କର୍ମଶାଳା ଆୟୋଜନ କରାଯିବ। ଏହି କର୍ମଶାଳା ମାଧ୍ୟମରେ ଓଡ଼ିଶାର ପାରମ୍ପରିକ କଳା ଓ ସଂସ୍କୃତିକୁ ନୂତନ ପିଢ଼ି ସହ ଯୋଡ଼ିବାକୁ ଉଦ୍ୟମ କରାଯିବ।

# 'ପ୍ରତ୍ୟାଖାତ ନେତାଙ୍କ ଚକ୍ରବ୍ୟୁହରେ ଚାମେଲି'

**ଭୁବନେଶ୍ୱର,କେନ୍ଦ୍ରାପଡ଼ା, ୧୮।୬/ ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ତିଖିରି ସରପଞ୍ଚ ଚାମେଲି ଓଝାଙ୍କୁ ନେଇ ସୃଷ୍ଟି ବିବାଦ ବିରୋଧୀଙ୍କ ଷଡ଼ଯନ୍ତ୍ର। ଘଟଣାର ୮ ଦିନ ପରେ ଆଜି ପ୍ରଥମ ଥର କ୍ୟାମେରା ସାମ୍ନାରେ ମୁହଁ ଖୋଲି ଏ ଆରୋପ ଆଣିଛନ୍ତି ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ। ଚାମେଲିଙ୍କୁ ସାନ ଭଉଣୀ ବୋଲି ସମ୍ବୋଧନ କରି, ସେ ପ୍ରତ୍ୟାଖାତ ନେତାଙ୍କ ଚକ୍ରବ୍ୟୁହରେ ଫଶି ଯାଇଥିବା କହି ସିଧା ଅତନୁ ସବ୍ୟସାଚୀ ନାୟକଙ୍କୁ ନାଁ ନନେଇ ନିଶାନା କରିଛନ୍ତି। ଏପଟେ ଆଜି ମେଡିକାଲରୁ ଡିସଚାର୍ଜ ପରେ, ଚାମେଲି କହିଛନ୍ତି ତାଙ୍କ ଜୀବନ ପ୍ରତି ବିପଦ ରହିଛି। ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ଡିଜିପିଙ୍କୁ ଚିଠି ଲେଖି ନ୍ୟାୟ ମାଗିଛନ୍ତି। କହିଛନ୍ତି ସପ୍ତାହେ ଭିତରେ ନ୍ୟାୟ ନମିଳିଲେ ଏସ୍‌ପି ଅଫିସ ଆଗରେ ଧାରଣାରେ ବସିବେ।

ଦୁର୍ଗା ପ୍ରସନ୍ନ କହିଛନ୍ତି,୨୪ ବର୍ଷ ସରକାର ଥାଇ, ଭ୍ରଷ୍ଟାଚାର ଓ ଦୁର୍ନୀତି ବ୍ୟତୀତ ଆଉ କିଛି କରିନଥିଲେ ବିଜେଡି ସରକାର। ଆଉ ଏବେ ୨୪ ମାସର ସରକାରକୁ ସମାଲୋଚନା ପାଇଁ ସୁଯୋଗ ଉଣ୍ଡୁଛନ୍ତି। ହେଲେ ସେଭଳି, ପ୍ରତ୍ୟାଖ୍ୟାତ ନେତାଙ୍କୁ ଲୋକେ ଆଉ ଚାହୁଁ ନାହାନ୍ତି ବୋଲି କହି ଧୂମ ବର୍ଷିଛନ୍ତି ମହାକାଳପଡା ବିଧାୟକ। ସେପଟେ ଏନେଇ କିନ୍ତୁ ଅତନୁ କିମ୍ବା ବିଜେଡିର ପ୍ରତିକ୍ରିୟା ମିଳିନି।

ଏପଟେ ଜୁନ୍ ୧୧ ତାରିଖରେ ମହାକାଳପଡ଼ା ବିଡିଓଙ୍କ ଚାମ୍ବରରେ ଗଣ୍ଡଗୋଳ ପରଠୁ ମେଡିକାଲରେ ଥିବା ଚାମେଲି ସଂପୂର୍ଣ୍ଣ ସୁସ୍ଥ ହେବାରୁ ଆଜି ୮ ଦିନ ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଡିସଚାର୍ଜ ହୋଇଛନ୍ତି। ମେଡିକାଲରୁ ବାହାରକୁ ଆସିବା ପରେ ଚାମେଲି କହିଛନ୍ତି, ତାଙ୍କୁ ମାରିବାକୁ ଯୋଜନା ହେଉଛି। ଆକ୍ରମଣ କରିଥିବା ମୁଖ୍ୟ ଅଭିଯୁକ୍ତ ଏଯାଏଁ ଧରାପଡ଼ିନହାନ୍ତି। ଅନ୍ୟପଟେ ମହାକାଳପଡ଼ା ବିଡିଓଙ୍କ ବିରୋଧରେ ପୁଣି ସେଇ ପୁରୁଣା ଅଭିଯୋଗ ଆଣି ଚାମେଲି କହିଛନ୍ତି, ବିଡିଓ ବିନା ପିସିରେ ଫାଇଲ ସିଗନେଚର କରନ୍ତି ନାହିଁ। ଏଣେ ଆଇଆଇସି, ମାଡ଼ ମାରିଥିବା ମହିଳା ପୋଲିସ, ଗିରଫ ହୋଇନଥିବା ସବୁ ଅଭିଯୁକ୍ତ ଓ ତାଙ୍କ ବିରୋଧରେ ଲାଗିଥିବା ମିଛ ମାମଲା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ବି ଦେଇଛନ୍ତି। ସେପଟେ ଘଟଣାର ୮ ଦିନ ପରେ ମହାକାଳପଡ଼ା ବିଡିଓ ମଧ ଚାମେଲି ବିବାଦରେ ମୁହଁ ଖୋଲିଛନ୍ତି। କହିଛନ୍ତି, ଜୁନ୍ ୧୧ ତାରିଖ ଘଟଣା ଦିନ ତାଙ୍କ ବିନା ଅନୁମତିରେ ଚାମ୍ବରରେ ପଶିଥିଲେ ତିଖିରି ସରପଞ୍ଚ ଓ ତାଙ୍କର କିଛି ସମର୍ଥକ। ସେମାନେ ଅଫିସ ଭିତରେ ଭିଡିଓ କରିବା ପରେ ତାଙ୍କୁ ବାଧା ଦେଇଥିଲେ ଅନ୍ୟ କିଛି ଲୋକ। ସେ ବି ମନା କରିବା ସତ୍ତ୍ୱେ ଚାମେଲି କିନ୍ତୁ ଏହା ତାଙ୍କ ଅଧିକାର ବୋଲି ଯୁକ୍ତି କରିଥିଲେ। ଏହାକୁ ନେଇ ଅଫିସ ଭିତରେ ଅପ୍ରତିକର ପରିସ୍ଥିତିରୁ ସେ ବାଧ ହୋଇ ଥାନାରେ ଏତଲା

# ଆହୁରି ୩ ଦିନ ଯାଏ ଗରମ, ଗୁଳୁଗୁଳି

**ଭୁବନେଶ୍ୱର,୧୮।୬/ଏନ୍‌ଏନ୍‌ଏସ୍:** ଖରା, ଗରମ ଓ ଗୁଳୁଗୁଳିରେ ସାରା ରାଜ୍ୟ ସନ୍ତୁଳି ହେଉଥିବା ବେଳେ ଆହୁରି ୩ ଦିନ ଗୁଗୁଲୁଗୁଳିରେ ଘାଣ୍ଟିହେବ ଉପକୂଳ। ଏନେଇ ଉପକୂଳ ଓଡ଼ିଶାର ୧୪ ଜିଲ୍ଲାକୁ ଉଷ୍ମ ଓ ଆଦ୍ର ସ୍ଥିତି ୩ ଦିନ ପାଇଁ ୟେଲୋ ୱାର୍ଣ୍ଣିଂ ସହ ଆସନ୍ତା ୨୪ ଘଣ୍ଟାରେ ସମ୍ବଲପୁର ପାଇଁ ହିଟ୍ ୱେଭ୍ ଜାରି କରିଛି ପାଣିପାଗ ବିଭାଗ। ସେପଟେ ରାଜ୍ୟରେ ମୌସୁମୀ ସକ୍ରିୟ ଥିବା ବେଳେ ଆଉ ୪ରୁ ୫ ଘଣ୍ଟା ମଧ୍ୟରେ ଛୁଇଁବ ସାରା ଓଡ଼ିଶା। ଏହାସହ ରାଜ୍ୟରେ ଟ୍ରପ ଲାଇନ ସହ କାଳବୈଶାଖୀ ଯୋଗୁ ବର୍ଷା ହେଉଥିବା ବେଳେ ଆହୁରି ୫ ଦିନ ଯାଏ ରାଜ୍ୟରେ ବର୍ଷା ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟାରେ ସାରା ରାଜ୍ୟରେ ବର୍ଷା ସମ୍ଭାବନା ଥିବା ବେଳେ ମାଲକାନଗିରି, କୋରାପୁଟ, ଗଜପତି, କନ୍ଧମାଳ, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼, ଏହି ୧୨ଟି ଜିଲ୍ଲାରେ ବଜ୍ରପାତ ସହ ବର୍ଷା ଓ ୫୦ରୁ ୬୦ କିମି ବେଗରେ ଝଟକା ପବନ ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଅବଶିଷ୍ଟ ୧୮ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ଓ ୪୦ରୁ ୫୦ କିମି ବେଗରେ ଝଟକା ପବନ ବହିବାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ। ଆସନ୍ତାକାଲି ସାରା ରାଜ୍ୟରେ ବର୍ଷା ସମ୍ଭାବନା ଥିବା ଅନୁଗୁଳ, ଢେଙ୍କାନାଳ, ଯାଜପୁର, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ ଓ ସୁନ୍ଦରଗଡ଼। ଏହି ୧୪ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ୫୦ରୁ ୬୦ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନାକୁ ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ବିଭାଗ। ସେହିପରି ଅବଶିଷ୍ଟ ୧୬ଟି ଜିଲ୍ଲାରେ ବଜ୍ରପାତ ସହ ୪୦ ରୁ ୫୦ କିମି ବେଗରେ ଝଟକା ପବନ ବହିବାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ।

# ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ 'ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ'ର ସମୀକ୍ଷା

**ଭୁବନେଶ୍ୱର,୧୮।୬/ଏନ୍‌ଏନ୍‌ଏସ୍:** ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ଚାଲିଥିବା 'ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬' କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଦୁଇଟି ପୃଥକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରାଯାଇଛି। ଭାରତ ନିର୍ବାଚନ ଆୟୋଗଙ୍କ ପ୍ରମୁଖ ସଚିବ ଏସ୍. ବି. ଯୋଶୀ ଢେଙ୍କାନାଳ ଜିଲ୍ଲା ଓ ସଚିବ ସୁଜିତ କୁମାର ମିଶ୍ର ଅନୁଗୋଳ ଜିଲ୍ଲା ଗସ୍ତ କରି ପ୍ରସ୍ତୁତିର ସମୀକ୍ଷା କରିବା ସହ କ୍ଷେତ୍ରସ୍ତରୀୟ କାର୍ଯ୍ୟଧାରା ପ୍ରତି ସନ୍ତୋଷ ବ୍ୟକ୍ତ କରିଛନ୍ତି। ଢେଙ୍କାନାଳ ଜିଲ୍ଲାରେ ଚାଲିଥିବା କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଭାରତୀୟ ନିର୍ବାଚନ କମିଶନଙ୍କ ପ୍ରମୁଖ ସଚିବ ଏସ୍ ବି ଯୋଶୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାରାଷ୍ଟ୍ର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଯୁଗ୍ମ ସିଇଓ ଏମ୍‌ଆର ପାରକର ଏବଂ ଡ଼େପୁଟି ସିଇଓ ପ୍ରଶାନ୍ତ ନାଗେ, ଓଡ଼ିଶାର ମୁଖ୍ୟ ନିର୍ବାଚକ ଅଧିକାରୀଙ୍କ କାର୍ଯ୍ୟାଳୟର ଡେପୁଟି ସିଇଓ ଡ. ଲକ୍ଷ୍ମୀପ୍ରସାଦ ସାହୁ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ବୈଠକରେ ସାମିଲ ଥିଲେ। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ସମସ୍ତ ନିର୍ବାଚକ ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଏବଂ ଡ଼େପୁଟୀ କଲେକ୍ଟର (ନିର୍ବାଚନ) ନିବେଦିତା ରାଉତଙ୍କ ସହିତ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ। ନିର୍ବାଚନ କମିଶନଙ୍କ ପ୍ରତିନିଧି ଦଳ ବିଭିନ୍ନ ମତଦାନ କେନ୍ଦ୍ର ଏବଂ ଡିଜିଟାଇଜେସନ୍ ସେଣ୍ଟର୍‌ଗୁଡ଼ିକୁ ପରିଦର୍ଶନ କରି କ୍ଷେତ୍ରସ୍ତରୀୟ କାର୍ଯ୍ୟକାରିତାର ପ୍ରତ୍ୟକ୍ଷ ଅନୁଧ୍ୟାନ କରି ସନ୍ତୋଷ ପ୍ରକାଶ କରିଛନ୍ତି।

ସେହିପରି ଭାରତ ନିର୍ବାଚନ ଆୟୋଗର ସଚିବ ସୁଜିତ କୁମାର ମିଶ୍ର ଅନୁଗୋଳ ଜିଲ୍ଲା ଗସ୍ତ କରି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ପ୍ରସ୍ତୁତି ଓ ଅଗ୍ରଗତି ସମୀକ୍ଷା କରିଛନ୍ତି। ଅନୁଗୋଳଠାରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅବଦ୍ଧାଲ ଏମ୍. ଅଖତର ଜିଲ୍ଲାରେ ଚାଲିଥିବା ବିଭିନ୍ନ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟର ଅଗ୍ରଗତି ଉପସ୍ଥାପନ କରିଥିଲେ। ଆୟୋଗର ସଚିବ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ଓ ନିର୍ବାଚକ ପଞ୍ଜୀକରଣ ଅଧିକାରୀମାନଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ସମୀକ୍ଷା ବୈଠକ ପରେ ଶ୍ରୀ ମିଶ୍ର ଅନୁଗୋଳ ବିଧାନସଭା କ୍ଷେତ୍ରର ବୁଥ୍‌ସ୍ତରୀୟ ଅଧିକାରୀ ଓ ବିଏଲ୍‌ଓ ସୁପରଭାଇଜରମାନଙ୍କ ସହ ସିଧାସଳଖ ଆଲୋଚନା କରି କ୍ଷେତ୍ର ସ୍ତରର ଅନୁଭୂତି ଓ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ ଏବଂ ଜିଲ୍ଲାର କାର୍ଯ୍ୟଧାରା ପ୍ରତି ସନ୍ତୋଷ ବ୍ୟକ୍ତ କରିଥିଲେ। ୧୮ ଜୁନ ୨୦୨୬ ସୁଦ୍ଧା ଜିଲ୍ଲାରେ ମୋଟ ୯,୫୩,୭୫୭ ଜଣ ଭୋଟରଙ୍କ ମଧ୍ୟରୁ ୯,୪୮,୪୨୩ ଜଣଙ୍କୁ ପରିଗଣନା ଫର୍ମ ବଣ୍ଟନ କରାଯାଇ ୯୯.୪୪% ସଫଳତା ହାସଲ କରାଯାଇଥିବା ବେଳେ ୭,୨୭,୨୦୬ ଜଣ ଭୋଟରଙ୍କ ତଥ୍ୟ ଡିଜିଟାଇଜେସନ୍ କରାଯାଇଛି, ଯାହା ମୋଟ ଭୋଟରଙ୍କର ୭୬.୨୫ ପ୍ରତିଶତ। ଏହି ସମୀକ୍ଷା ବୈଠକରେ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ଗୋପୀନାଥ କୁଅଁର, ଅନୁଗୋଳର ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ, ସମସ୍ତ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଏବଂ ଜିଲ୍ଲାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ରାଜ୍ୟରେ ଆଜି ସନ୍ଧ୍ୟା ସୁଦ୍ଧା ୯୯.୩୮ ପ୍ରତିଶତ ଅର୍ଥାତ ୩ କୋଟି ୩୧ ଲକ୍ଷ ୯୧ ହଜାର ୪୫୩ଜଣ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ ହୋଇଥିବା ବେଳେ ସେଥି ମଧ୍ୟରୁ ୬୨.୭୪ ପ୍ରତିଶତ ଅର୍ଥାତ୍ ୨ କୋଟି ୯୫ ଲକ୍ଷ ୬୦ ହଜାର ୪୧ଜଣ ଭୋଟରଙ୍କର ଡିଜିଟାଇଜେସନ୍ କରାଯାଇଛି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ

**ଭୁବନେଶ୍ୱର,୧୮।୬/ଏନ୍‌ଏନ୍‌ଏସ୍:** ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗଙ୍କ ଗାଡ଼ି ଗୁରୁବାର ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ତେବେ ଏକ ବଡ଼ ଧରଣର ଅଘଟଣରୁ ସ୍ୱାସ୍ଥ୍ୟମନ୍ତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିବା ସୂଚନା ମିଳିଛି। କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ଜଗମୋହନ ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି। ସୌଭାଗ୍ୟବଶତଃ ସ୍ୱାସ୍ଥ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ଜଣାପଡ଼ିଛି। ପ୍ରାରମ୍ଭିକ ସୂଚନା ମୁତାବକ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମୟୂରଭଞ୍ଜ ଅଭିମୁଖେ ଯାଉଥିଲେ। ତେବେ ତେଲକୋଇର ଜଗମୋହନ ଛକ ନିକଟରେ ହଠାତ୍ ଆଗରେ ଯାଉଥିବା ପାଇଲଟିଂଗାଡ଼ି ସହିତ ମନ୍ତ୍ରୀଙ୍କ କାର ସିଧାସଳଖ ଧକ୍କା ହୋଇଥିଲା। ତୁରନ୍ତ ମନ୍ତ୍ରୀଙ୍କୁ ଗାଡ଼ି ଭିତରୁ ସୁରକ୍ଷିତ ଭାବେ ବାହାରକୁ ଅଣାଯାଇଥିଲା । ଗାଡ଼ିର ଏୟାରବ୍ୟାଗ୍ ଠିକ୍ ସମୟରେ ଖୋଲିଯିବା ଯୋଗୁଁ ମନ୍ତ୍ରୀ କିମ୍ବା ତାଙ୍କ ସହ ଥିବା ଅନ୍ୟ କୌଣସି ବ୍ୟକ୍ତି ଗୁରୁତର ଆହତ ହୋଇନାହାନ୍ତି । ଏହି ଖବର ପାଇ ସ୍ଥାନୀୟ ତେଲକୋଇ ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ରାସ୍ତାରୁ ହଟାଇବାର ବ୍ୟବସ୍ଥା କରିଥିଲା।

## ଆଜିର ଇତିହାସ

- ୧୭୧୬-ପ୍ରସିଦ୍ଧ ଶିଖ ସୈନିକ ବନ୍ଦା ସିଂହ ବାହାଦୁରଙ୍କୁ ବାଦଶାହ ଫରୁଖସିୟରଙ୍କ ଆଦେଶରେ ଯାତନା ଦେଇ ହତ୍ୟା କରାଯାଇଥିଲା।
- ୧୯୪୭-ପ୍ରସିଦ୍ଧ ବ୍ରିଟିଶ-ଭାରତୀୟ ଲେଖକ ଓ ଉପନ୍ୟାସକାର ସଲମାନ ରୁସଦୀଙ୍କ ଜନ୍ମଦିନ।
- ୧୯୬୧-ବାଲା ସାହେବ ଠାକ୍‌ରେ 'ଶିବସେନା'ର ଗଠନ କରିଥିଲେ।
- ୧୯୭୦- କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଜନ୍ମଦିନ।
- ୧୯୮୧- ଭାରତ ଆପଲ୍ ଉପଗ୍ରହର ସଫଳ ପ୍ରକ୍ଷେପଣ କରିଥିଲା।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ**: ଆର୍ଥିକ ଭାବରେ ଅନ୍ତର୍ମନ ଉପରେ ଭରସା କରିବେ। ସବୁ କାଗଜପତ୍ରକୁ ଭଲ ଭାବରେ ଯାଞ୍ଚ କରିବେ। ସୁଖ-ସୁବିଧା ଉପରେ ଫାଲତୁ ଖର୍ଚ୍ଚ ନକଲେ ଭଲ। ଆତ୍ମବିଶ୍ୱାସ, ଦୃଢ଼ ସଂକଳ୍ପ କ୍ଷମତା ବୃଦ୍ଧି କରାଇବ।

**ବୃଷ**: ଆର୍ଥିକ ସ୍ଥିରତା ବଜାୟ ରଖିବେ। ଧନ ଖର୍ଚ୍ଚ ହୋଇପାରେ। ଦୀର୍ଘ ଅବଧିର ନିବେଶ ଉପରେ ଭରସା କରିବେ ନାହିଁ। ଦାୟିତ୍ୱର ବୋଝ ବୃଦ୍ଧି ହେବ। କାର୍ଯ୍ୟକୁଶଳତା ପାଇଁ ପ୍ରଶଂସିତ ହେବେ।

**ମିଥୁନ**: ଅର୍ଥ ମାମଲାରେ ନିଷ୍ପତ୍ତି ସଠିକ୍ ନେବେ। କ୍ଷମତା ବାହାରେ କଥା ଦିଅନ୍ତୁ ନାହିଁ। କଥା କହିବାର ଶୈଳୀ ବଡ଼ ଶକ୍ତି ହେବ। ନୂଆ ଲୋକଙ୍କ ସହିତ ଯୋଡ଼ି ହେବେ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ନଜରରେ ଆସିପାରନ୍ତି।

**କର୍କଟ**: ଆର୍ଥିକ ଉନ୍ନତି ଓ ସ୍ଥିରତା ବଜାୟ ରହିବ। ପୁରୁଣା ନିବେଶ ଓ ଅଟକିଥିବା ପେମେଣ୍ଟ ଖବର ପାଇପାରନ୍ତି। ଭବିଷ୍ୟତରେ ଲାଭ ପାଇବେ। ଭରସା ଲଗାତର ବଢ଼ିବ। ସହଜତାର ସହିତ କାମ ପୂରା କରିବେ।

**ସିଂହ**: ଆତ୍ମବିଶ୍ୱାସ ବୃଦ୍ଧି ହେବାର ଦିନ। ନେତୃତ୍ୱ କ୍ଷମତା ପାଇଁ ପ୍ରଶଂସିତ ହେବେ। ବ୍ୟବସାୟରେ ନୂଆ ପ୍ରାରମ୍ଭର ଅବସର ମିଳିବ। ଆର୍ଥିକ ଲାଭ ସନ୍ତୋଷଜନକ ରହିବ। ସ୍ୱାସ୍ଥ୍ୟ ଉତ୍ତମ ରହିବ।

**କନ୍ୟା**: ଅଚାନକ ଯାତ୍ରା ସମ୍ଭବ ହୋଇପାରେ। ସାବଧାନ ହୋଇ ଖର୍ଚ୍ଚ କରିବେ। ବ୍ୟବସାୟରେ ନିବେଶ ନକଲେ ଭଲ। ଆର୍ଥିକ ହାନି ହୋଇପାରେ। ପ୍ରତିସ୍ପର୍ଦ୍ଧା ବଢ଼ିବ। ଅନିଦ୍ରା ସମସ୍ୟା ହୋଇପାରେ।

**ତୁଳା**: ଉନ୍ନତିର ପ୍ରବଳ ସଂକେତ ରହିଛି। ପ୍ରମୋଶନ ମିଳିପାରେ। ବ୍ୟବସାୟରେ ନୂଆ ଅନୁବନ୍ଧ ରହିବ। ଭବିଷ୍ୟତରେ ଲାଭର ସମ୍ଭାବନା ରହିଛି। ଆର୍ଥିକ ଲାଭ ହେବ। ପ୍ରେମ ସମ୍ବନ୍ଧରେ ପ୍ରଗାଢ଼ତା ରହିବ।

**ବିଛା**: କାର୍ଯ୍ୟସ୍ଥଳରେ ବର୍ଚ୍ଚସ୍ୱ ରହିବ। ଚାକିରିରେ ପ୍ରମୋଶନ ଯୋଗ ରହିଛି। ବ୍ୟବସାୟରେ ସ୍ଥିରତା ରହିବ। ଆର୍ଥିକ ସ୍ଥିତି ମଜଭୁତ ରହିବ। ଧନ ଆଗମନର ମାର୍ଗ ଖୋଲିବ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ହେବ।

**ଧନୁ**: ଭାଗ୍ୟର ଚମକ ଓ ଆଧ୍ୟାତ୍ମିକ ଉନ୍ନତି ଯୋଗ ରହିଛି। ଭାଗ୍ୟର ପୂରା ସହଯୋଗ ପାଇବେ। ନୂଆ ଆରମ୍ଭ ଓ ସଫଳତା ପାଇବେ। ପ୍ରେମ ସମ୍ବନ୍ଧରେ ଗଭୀରତା ଆସିବ। ଲମ୍ବା ଯାତ୍ରା ଯୋଗ ରହିଛି।

**ମକର**: ଅଚାନକ ଆହ୍ୱାନ ଆସିବ। ମାନସିକ ଚାପ ରହିବ। ଧାର୍ ନେଣଦେଣରୁ ଦୂରରେ ରୁହନ୍ତୁ। ବିବାଦର ସ୍ଥିତି ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଅଣଦେଖା ଭଲ ନୁହେଁ। ଗୁପ୍ତ କାର୍ଯ୍ୟରେ ସଫଳତା ମିଳିପାରେ।

**କୁମ୍ଭ**: ଦାମ୍ପତ୍ୟ ସୁଖରେ ମଧୁରତା ରହିବ। ବ୍ୟାପାରର ବିସ୍ତାର ହେବ। ପ୍ରମୋଶନର ଅବସର ପାଇବେ। ଆର୍ଥିକ ସ୍ଥିତି ସାମାନ୍ୟ ରହିବ। ପ୍ରେମ ଜୀବନରେ ରୋମାନ୍ସ ବଢ଼ିବ। ସକ୍ରିୟ ଜୀବନଶୈଳୀର ଆନନ୍ଦ ନେବେ।

**ମୀନ**: ଶତ୍ରୁଙ୍କ ଉପରେ ବିଜୟ ପ୍ରାପ୍ତ କରିବେ। କଠିନ ପ୍ରତିସ୍ପର୍ଦ୍ଧାର ସମ୍ମୁଖୀନ ହେବେ। ଦୃଢ଼ତା ଆପଣଙ୍କୁ ସଫଳତା ଦେବ। ପୁରୁଣା ରୋଗ ବାହାରିପାରେ। ପରିଶ୍ରମ ଯୋଗୁ ଉନ୍ନତିର ମାର୍ଗ ପ୍ରଶସ୍ତ ହେବ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ପୃଥକ୍ତ୍ୱେନ ତୁ ଯଜ୍‌ଜ୍ଞାନଂ ନାନାଭାବାନ୍ ପୃଥଗ୍‌ବିଧାନ୍।**
**ବେତ୍ତି ସର୍ବେଷୁ ଭୂତେଷୁ ତଜ୍‌ଜ୍ଞାନଂ ବିଦ୍ଧି ରାଜସମ୍। (୧୮/୨୧)**

ଯେଉଁ ଜ୍ଞାନ ଫଳରେ ଜଣେ ଭିନ୍ନ ଭିନ୍ନ ଭୂତରେ ବି ଭିନ୍ନ ପ୍ରକାର ଭାବ ଅଛି ବୋଲି ଦେଖେ ଓ ଉପଲବ୍ଧି କରେ, ଏହି ପୃଥକତ୍ୱ ଭାବକୁ ରାଜସ ଜ୍ଞାନ ବୋଲି ଜାଣିବ। ଭିନ୍ନ ଭିନ୍ନ ଜୀବ ଦେହରେ ଆତ୍ମା ଭିନ୍ନ ଭିନ୍ନ ବୋଲି ଭାବେ, ଏହି ଭେଦ ଜ୍ଞାନ ହିଁ ରାଜସ ଜ୍ଞାନ।
ଶ୍ରୀ ରାମକୃଷ୍ଣ କହନ୍ତି - ଯଦିଓ ପବନ ଉଭୟ ସୁଗନ୍ଧ ଓ ଦୁର୍ଗନ୍ଧକୁ ବହନ କରେ କିନ୍ତୁ ପବନ ସ୍ୱୟଂ ଏହା ଦ୍ୱାରା ପ୍ରଭାବିତ ହୁଏ ନାହିଁ। ଏହି ଜଗତର ଅଧିଷ୍ଠାନ ପରମାତ୍ମା ସେହିଭଳି କାହାର କୌଣସି କର୍ମ ଦ୍ୱାରା ପ୍ରଭାବିତ ନୁହନ୍ତି।

# ମିନି ଇଣ୍ଡିଆ



ଆମ ଦେଶରୁ ହଜାର ହଜାର କି.ମି ଦୂରରେ ରହିଛି ଏପରି ଏକ ଦେଶ ଯେଉଁଠାରେ ଭାରତ ପରି ପରିବେଶ ଦେଖିବାକୁ ମିଳେ। ଏହି ଦେଶଟି ଦକ୍ଷିଣ ଆମେରିକା ମହାଦ୍ୱୀପରେ ସ୍ଥିତ ଗୟାନା ଯାହାକୁ ଲୋକମାନେ ମିନି ଇଣ୍ଡିଆ ବୋଲି କହନ୍ତି। ସେଠାରେ ଭାରତୀୟ ସଂସ୍କୃତି, ଭାଷା, ପର୍ବପର୍ବାଣି ଓ ପରମ୍ପରା ଆଜି ବି ଜୀବିତ ହୋଇ ରହିଛି। ଆମ ଦେଶରୁ ଗୟାନାର ଦୂରତା ପାଖାପାଖି ୧୩,୦୦୦ରୁ ୧୪,୦୦୦ କି.ମି ହେବ ଯେଉଁଠାରେ ଭାରତୀୟ ମୂଳର ୪୦ ପ୍ରତିଶତରୁ ଅଧିକ ଲୋକ ବସବାସ କରୁଛନ୍ତି। ଊନବିଂଶ ଶତାବ୍ଦୀର ବ୍ରିଟିଶ କାଳରେ ଉତ୍ତର ପ୍ରଦେଶ, ବିହାର ଓ ଅନ୍ୟ କ୍ଷେତ୍ରରୁ ହଜାର ହଜାର ସଂଖ୍ୟାରେ ଭାରତୀୟ ଶ୍ରମିକଙ୍କୁ ଚୀନ୍‌ର କ୍ଷେତରେ କାମ କରିବା ପାଇଁ ଇଣ୍ଡେନ୍‌ଚ୍ୟୋର୍ ଲେବର ସିଷ୍ଟମ୍ ଅନ୍ତର୍ଗତ ସେଠାକୁ ପଠାଯାଇଥିଲା। ୧୮୩୮ରେ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାରେ ପାଖାପାଖି ୨,୩୮,୦୦୦ ଭାରତୀୟ ଗୟାନାକୁ ଯାଇଥିଲେ କିନ୍ତୁ ପରେ ସେମାନେ ଭାରତକୁ ଫେରିବା ପରିବର୍ତ୍ତେ ସେଠାରେ ରହିଯାଇଥିଲେ। ବର୍ତ୍ତମାନ ସମୟରେ ସେମାନଙ୍କର ଉତ୍ତରପିଢ଼ି ଗୟାନାରେ ବସବାସ କରୁଛନ୍ତି। ସେଥିପାଇଁ ସେଠିକାର ଅଧିକାଂଶ ଲୋକ ଭୋଜପୁରୀ, ଅବଧି ଓ ହିନ୍ଦୀର ମିଶ୍ରିତ ଭାଷାରେ କଥାବାର୍ତ୍ତା କରନ୍ତି। ଇଂରାଜୀ ହେଉଛି ସେଠିକାର ଆଧିକାରିକ ଭାଷା କିନ୍ତୁ ଘରମାନଙ୍କରେ ଲୋକମାନେ ଭୋଜପୁରୀ କହନ୍ତି। ଲୋକମାନେ ଆଜି ବି ଲୋକଗୀତ, ରାମଲୀଳା ଓ କାହାଣୀଗୁଡ଼ିକ ଦ୍ୱାରା ଭାରତୀୟ ପରମ୍ପରାକୁ ଜୀବିତ ରଖିଛନ୍ତି। ସେଠାରେ ଜାତୀୟ ଉତ୍ସବ ଭାବରେ ଦୀପାବଳି ପାଳନ କରାଯାଏ। ଅନ୍ୟ ପର୍ବପର୍ବାଣିଗୁଡ଼ିକୁ ପାଳନ କରାଯିବା ସହିତ ହିନ୍ଦୁ ମନ୍ଦିରଗୁଡ଼ିକର ସଂଖ୍ୟା ମଧ୍ୟ ପ୍ରଚୁର ପରିମାଣରେ ଦେଖିବାକୁ ମିଳେ। ଗୟାନାରେ ଆଜି ବି ଭାରତୀୟ ସଂସ୍କୃତିକୁ ସମ୍ମାନ ଦିଆଯାଉଛି।

# ହିମୋଗ୍ଲୋବିନ୍ 'ଏସ୍'



ରକ୍ତରେ ସୃଷ୍ଟି ହେଉଥିବା ଏକ ବିପଦଜନକ ରୋଗ ହେଉଛି ସିକିଲ୍ ସେଲ୍। ଏହା ଗମ୍ଭୀର ରୋଗୀମାନଙ୍କର ଜୀବନ ମଧ୍ୟ ନେଇଯାଏ। ତେବେ ସଚେତନ ରହୁଥିବା ରୋଗୀମାନଙ୍କର ଉପଚାର ଜରିଆରେ ଜୀବନକୁ ବଞ୍ଚାଯାଇ ପାରିବ। ଏହି ରୋଗ ସମ୍ବନ୍ଧୀୟ ତଥ୍ୟ ଓ ଏହାର ଉପଚାରର ଉପାୟଗୁଡ଼ିକ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରେଇବା ପାଇଁ ଆଜି ବିଶ୍ୱରେ ପାଳନ କରାଯାଉଛି ସିକିଲ୍ ସେଲ୍ ସଚେତନତା ଦିବସ। ବିଶେଷଜ୍ଞମାନଙ୍କ ଅନୁସାରେ ଶରୀରରେ ଅଲଗା ଅଲଗା ହିମୋଗ୍ଲୋବିନ୍ ଥାଏ। କିନ୍ତୁ ଏହା ହେଉଛି ହିମୋଗ୍ଲୋବିନ୍ 'ଏସ୍'। ସିକିଲ୍ ସେଲ୍ ରୋଗ (ଏସ୍‌ସିଡି) ହିମୋଗ୍ଲୋବିନ୍‌ରେ ଥିବା ଏକ ଆନୁବଂଶିକ ଅସାମାନ୍ୟତା। ଏହି ଅସାମାନ୍ୟତା ଏକ ଛୋଟ ରକ୍ତ କୋଷିକାରେ ଫସିଯାଏ ଯେଉଁଥିରେ ଶରୀରର କିଛି ଅଂଶରେ ରକ୍ତ ସଞ୍ଚାର ଓ ଅକ୍ସିଜେନ୍ ଧିମା ହୋଇଯାଏ। ଏଥିରେ ରୋଗୀର ଶରୀରରେ ରକ୍ତର ଅଭାବ ଦେଖାଦିଏ। ସାମାନ୍ୟ ଆର୍‌ବିସିର ବୟସ ପାଖାପାଖି ୧୨୦ ଦିନ ହେଉଥିବା ବେଳେ ଦୋଷପୂର୍ଣ୍ଣ କୋଷିକାଗୁଡ଼ିକ ଅତି ବେଶୀରେ ୧୦-୨୦ ଦିନ ପର୍ଯ୍ୟନ୍ତ ଜୀବିତ ରହିପାରନ୍ତି। ସାଧାରଣତଃ ହିମୋଗ୍ଲୋବିନ୍‌ର ଆକାର 'ଓ' ପରି ଥାଏ। ହିମୋଗ୍ଲୋବିନ୍ ଶରୀରର ବିଭିନ୍ନ ଭାଗକୁ ଅମ୍ଳଜାନ ପହଞ୍ଚାଏ। ଯଦିଓ ଏହି ରୋଗରେ ହିମୋଗ୍ଲୋବିନ୍‌ର ଦୋଷପୂର୍ଣ୍ଣ ଆକାର କାରଣରୁ ଲାଲ୍ ରକ୍ତ କୋଷିକାଗୁଡ଼ିକ ପରସ୍ପର ସହିତ ଯୋଡ଼ି ହୋଇ କ୍ଲଷ୍ଟର୍ ତିଆରି କରନ୍ତି ଓ ରକ୍ତ ବାହିକାରେ ସହଜରେ ପ୍ରବାହିତ ହୋଇପାରନ୍ତି ନାହିଁ। ଏହି କ୍ଲଷ୍ଟର୍ ସ୍ନାୟୁଗୁଡ଼ିକରେ ବାଧା ସୃଷ୍ଟି କରାନ୍ତି। ଏହି କାରଣରୁ ଅମ୍ଳଜାନଯୁକ୍ତ ରକ୍ତ ପ୍ରବାହ ଶରୀରରେ ଠିକ୍ ଭାବରେ ପ୍ରବାହିତ ହୋଇପାରେ ନାହିଁ। ଏକ ରିପୋର୍ଟ ଅନୁସାରେ ଏହି ସମସ୍ୟା ସହିତ ସଂଘର୍ଷ କରୁଥିବା ଦେଶଗୁଡ଼ିକରେ ଭାରତର ସ୍ଥାନ ରହିଛି ଦ୍ୱିତୀୟରେ।

**ନିଦାନ:**
**ରକ୍ତ ପରୀକ୍ଷା, ହିମୋଗ୍ଲୋବିନ୍ ଇଲେକ୍ଟ୍ରୋଫୋରେସିସ୍, ପିଲା ଜନ୍ମ ପୂର୍ବରୁ କରାଯାଉଥିବା ପରୀକ୍ଷା।**

# ଆଲିଆଙ୍କ ରୌଦ୍ର ରୂପ



**ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ବହୁପ୍ରତୀକ୍ଷିତ ଫିଲ୍ମ 'ଆଲ୍‌ଫା'ର ଟ୍ରେଲର୍ ରିଲିଜ ହୋଇସାରିଛି ଯେଉଁଥିରେ ଆଲିଆଙ୍କୁ ଦେଖିବାକୁ ମିଳୁଛି ଆକ୍ସନ୍ ଅବତାରରେ। ଫିଲ୍ମର କାହାଣୀରେ ରହିଛି ଏପରି ଜଣେ ଝିଅ ଯାହାକୁ ଆଲ୍‌ଫା ନାମକ ଏକ ସିକ୍ରେଟ୍ ପ୍ରୋଗ୍ରାମ ପାଇଁ ପିଲାଦିନରୁ ତା' ବାପା ପ୍ରଶିକ୍ଷଣ ଦେଉଛନ୍ତି ଓ ଟ୍ରେଲର୍‌ରେ 'ଆଲ୍‌ଫା'ର କାହାଣୀ, ଏହାର ଟ୍ୱିଷ୍ଟ ଓ କିଛି ଆଶ୍ଚର୍ଯ୍ୟ କରିବା ପରି ମୁହୂର୍ତ୍ତର ଝଲକ ଦେଖିବାକୁ ମିଳୁଛି। ଫିଲ୍ମରେ ଆଲିଆଙ୍କ ପିତାଙ୍କ ଭୂମିକାରେ ନଜର ଆସୁଛନ୍ତି ଅଭିନେତା ବବି ଦେଓଲ୍। ଟ୍ରେଲର୍‌ର ଆରମ୍ଭ ହେଉଛି ବବି ଦେଓଲଙ୍କ ଠାରୁ ଯିଏ ଛୋଟ ଆଲିଆଙ୍କ ସହିତ ପରିଚିତ କରାଇ କହୁଛନ୍ତି ଯାର ମା'ଙ୍କ ନାମ ଥିଲା ଜାନକୀ ଓ ଆମେ ଏହାକୁ ସୀତା ଭଳି ଗଢ଼ିବୁ। ଏହାପରେ ଆଲିଆଙ୍କ ଏଣ୍ଟ୍ରି ହେଉଛି ଓ ସେ ଏକ ଟ୍ୱିଷ୍ଟରେ ଭରି ରହିଥିବା କାହାଣୀ ଶୁଣଉଛନ୍ତି।**

**କାହାଣୀ-**'ଏକ ରାକ୍ଷସ ଥିଲା ଯାହାର ଶସ୍ତ୍ର ଥିଲା ଅହଂକାର। ସେ ଧୋକା କରି ଶାସନ କରୁଥିଲା ଓ ମିଛରେ ହିଁ ବଞ୍ଚିଥିଲା। ଦିନେ ସେ ଏକ ରାଜକୁମାରୀକୁ ନିଜ ଘରକୁ ନେଇ ଆସିଥିଲା। ଇତିହାସ ଜାଣିଛି ଏହି କାହାଣୀର ଅନ୍ତ କିପରି ହୋଇଥିଲା। ଏଥର ସୀତା ନିଜେ ଲଙ୍କାକୁ ଜଳେଇବା ପାଇଁ ଆସିଛନ୍ତି।' ଏହି ସଂଳାପ କହୁଛନ୍ତି ଆଲିଆ ଭଟ୍ଟ। କାହାଣୀରେ ପରେ ଜଣାପଡୁଛି ଯେ ବବି ଦେଓଲ ଆଲ୍‌ଫା ମିଶନ ପାଇଁ ପିଲାଦିନରୁ ଆଲିଆଙ୍କୁ ଅପହରଣ କରି ଭୟଙ୍କର ଉପାୟରେ ପ୍ରଶିକ୍ଷଣ ଦେଇ ତାଙ୍କ ନାମ ରଖିଛନ୍ତି ସୀତା। କିନ୍ତୁ ଏବେ ସୀତା, ଲଙ୍କାର ସର୍ବନାଶ କରିବେ ଯେଉଁ କାମରେ ତାଙ୍କୁ ସହାୟତା କରୁଛନ୍ତି ଅନିଲ କପୁର। କାହାଣୀ ମଝିରେ ହୃତିକ ରୋଶନଙ୍କର ମଧ୍ୟ ଏଣ୍ଟ୍ରି ହେବ ଯାହାଙ୍କ ଚରିତ୍ରଟି ସସ୍‌ପେନ୍ସରେ ଭରି ରହିଛି। ୟଶରାଜ ଫିଲ୍ମସ୍‌ର ସ୍ପାଇ ୟୁନିଭର୍ସର ଏହା ହେଉଛି ସପ୍ତମ ଫିଲ୍ମ କିନ୍ତୁ ଫିମେଲ୍ ସ୍ପାଇବାଲା ଏହା ହେଉଛି ପ୍ରଥମ ଫିଲ୍ମ। ଏଥିରେ ଆଲିଆଙ୍କ ସହିତ ଶରଭରୀ ୱାଘ୍ ମଧ୍ୟ ଅଛନ୍ତି। ଫିଲ୍ମଟି ୩ ଜୁଲାଇରେ ରିଲିଜ ହେବ।

# ଚାଲିବାର ପ୍ରକ୍ରିୟା

ଚାଲିବା ସମୟରେ ଆପଣ କେବେ ଦିଗ ଉପରେ ଧ୍ୟାନ ଦିଅନ୍ତି କି? ଆପଣ ଅଜାଣତରେ ଡ଼ାହାଣ ପରିବର୍ତ୍ତେ ବାମ ଆଡ଼କୁ ଅର୍ଥାତ କାଉଣ୍ଟର କ୍ଲକ୍‌ୱାଇଜ୍ ଅଧିକ ମୋଡ଼ି ହୁଅନ୍ତି। ଏହି କଥା କହିଛି ବୈଜ୍ଞାନିକମାନଙ୍କର ଏକ ଦଳ। ଅଧ୍ୟୟନକାରୀମାନେ ମଣିଷଙ୍କର ଚାଲିବା ପ୍ରକ୍ରିୟାରେ ଏକ ଖୁବ୍ ଅଜବ ଓ ଗ୍ଲୋବାଲ୍ ପ୍ୟାଟର୍ଣ୍ଣ ଖୋଜିଛନ୍ତି। କରୋନା ସମୟରେ ସୋସିଆଲ୍ ଡିଷ୍ଟାନ୍ସିଂର ନିୟମଗୁଡ଼ିକୁ ଦେଖିବା ପରେ ସେମାନେ ଏହି ନିୟମକୁ ଆରମ୍ଭ କରିଥିଲେ। ସେ ସମୟରେ ବୈଜ୍ଞାନିକମାନଙ୍କୁ ଲାଗୁଥିଲା ଯେ ମଣିଷ ସମ୍ପୂର୍ଣ୍ଣ ଭାବରେ ଭୁଲ୍ ଉପାୟରେ



ଚାଲୁଛି। କିନ୍ତୁ ନୂଆ ବିଶ୍ଲେଷଣ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ବୈଜ୍ଞାନିକମାନେ ଜାଣିବାକୁ ପାଇଲେ ଯେ ମଣିଷର ମୋଡ଼ିବା ଅଭ୍ୟାସ କୌଣସି ଖାସ୍ ନିୟମ ଦ୍ୱାରା ବାନ୍ଧି ହୋଇଛି। ଏହି ଅଜବ ଅଭ୍ୟାସକୁ ବୁଝିବା ପାଇଁ ବୈଜ୍ଞାନିକମାନେ ସ୍ପେନ୍ ଓ ଜାପାନରେ ଅନେକ ପରୀକ୍ଷଣ କରିଥିଲେ। ସେମାନେ ଅଲଗା ଅଲଗା ବୟସ ଓ ସଂସ୍କୃତିର ଲୋକମାନଙ୍କର ଚାଲିବା ପ୍ରକ୍ରିୟାକୁ ଦେଖିଥିଲେ। ଭିଡ଼ର ପ୍ରଭାବକୁ ହଟେଇବା ପାଇଁ ଲୋକମାନଙ୍କୁ ସେମାନେ ଏକୁଟିଆ ଚଲେଇକି ମଧ୍ୟ ଦେଖିଥିଲେ। ଏକ ଖାସ୍ ପରୀକ୍ଷାରେ ୨୦୯ ଜଣ ଲୋକଙ୍କୁ ଚେୟାର୍ ଓ ଟେବୁଲ୍ ଥିବା ଏକ ଛଅ କୋଣବାଲା ବନ୍ଦ ଘରେ ଏକୁଟିଆ ବୁଲିବାକୁ କୁହାଯାଇଥିଲା। ସେଠାରେ ସେମାନଙ୍କ ଉପରେ କୌଣସି ପ୍ରକାରର ଭିଡ଼କୁ ନେଇ ଚାପ ନଥିଲା। ଏହି ପରୀକ୍ଷା ପରେ ଲୋକମାନଙ୍କୁ ବାମ ଆଡ଼କୁ ମୋଡ଼ି ହେବାର ଅଭ୍ୟାସ ସ୍ପଷ୍ଟ ଦେଖିବାକୁ ମିଳିଥିଲା। ତେବେ ପରୀକ୍ଷାରେ ୩୫ ବର୍ଷରୁ ଅଧିକ ବୟସର ଲୋକଙ୍କୁ ସାମିଲ କରାଯାଇ ନଥିଲା। ସେଥିପାଇଁ ବୈଜ୍ଞାନିକମାନେ ଏବେ ଅଧିକ ବୟସର ଲୋକମାନଙ୍କୁ ନେଇ ଯାଞ୍ଚ କରିବାକୁ ଚାହୁଁଛନ୍ତି।

# ନୂଆ ମିଶନରେ ଅନିଲ୍ ମେନନ୍



ନାସାର ଏକ ଖାସ୍ ଅନ୍ତରୀକ୍ଷ ମିଶନର ଅଂଶବିଶେଷ ହେବେ ଭାରତୀୟ ମୂଳର ଜଣେ ନାଗରିକ ଅନିଲ୍ ମେନନ୍। ଆଗାମୀ ଦିନରେ ଅନିଲ୍ ମେନନ୍ ଯିବେ ନିଜର ପ୍ରଥମ ଅନ୍ତରୀକ୍ଷ ମିଶନରେ। ନାସା ଅନୁସାରେ ୧୪ ଜୁଲାଇରେ ଅନିଲ୍ ଅନ୍ତଃରାଷ୍ଟ୍ରୀୟ ସ୍ପେସ୍ ଷ୍ଟେସନ୍ ପାଇଁ ଉଡ଼ାଣ ଭରିବେ। ସେ ରୁଷୀ ଅନ୍ତରୀକ୍ଷ ଯାନ ସୋୟୁଜ୍ ଏମ୍‌ଏସ୍-୨୯ ଜରିଆରେ କଜାଖସ୍ତାନର ବାଇକୋନୁର କୋସ୍‌ମୋଡ୍ରୋମ୍‌ରୁ ଅନ୍ତରୀକ୍ଷକୁ ଯାତ୍ରା କରିବେ। ତାଙ୍କ ସହିତ ଏହି ମିଶନରେ ଯିବେ ରୁଷୀ ଅନ୍ତରୀକ୍ଷ ଯାତ୍ରୀ ପ୍ୟୋତର୍ ଦୁବ୍ରୋଭ୍ ଓ ଅନ୍ନା କିକିନା। ଏହି ତିନି ଜଣ ଅନ୍ତରୀକ୍ଷ ଯାତ୍ରୀ ପାଖାପାଖି ଆଠ ମାସ ରହିବେ ସ୍ପେସ୍ ଷ୍ଟେସନ୍‌ରେ ଓ ସେଠାରୁ ବିଭିନ୍ନ ମିଶନ ଉପରେ କାମ କରିବେ। ତେବେ ଏହି ମିଶନରେ ଅନିଲଙ୍କୁ ଦିଆଯାଇଛି ଖାସ୍ ଦାୟିତ୍ୱ। ସେ ନାସାର ଏକ୍ସପେଡିସନ୍ ୭୪-୭୫ ମିଶନରେ ଫ୍ଲାଇଟ୍ ଇଞ୍ଜିନିୟର ଭୂମିକା ଗ୍ରହଣ କରିବେ। କୁହାଯାଉଛି ଯେ ନାସାର ଏହି ମିଶନର ଉଦ୍ଦେଶ୍ୟ ହେଉଛି ଭବିଷ୍ୟତରେ ଚନ୍ଦ୍ର ଓ ମଙ୍ଗଳ ଗ୍ରହରେ ମାନବ ମିଶନଗୁଡ଼ିକର ପ୍ରସ୍ତୁତିକୁ ଆହୁରି ଉନ୍ନତମାନର କରେଇବା। ଏହି ଅଧ୍ୟୟନଗୁଡ଼ିକରେ ପୃଥିବୀପୃଷ୍ଠରେ ଚିକିତ୍ସା ଓ ବିଜ୍ଞାନ କ୍ଷେତ୍ରରେ ଖୁବ୍ ଲାଭ ମିଳିବାର ସମ୍ଭାବନା ରହିଛି।

**ଅନିଲ୍ ମେନନ୍-**ଭାରତୀୟ ମୂଳର ଅନିଲ୍ ମେନନ୍ ପେସାରେ ଜଣେ ଇମରଜେନ୍ସି ମେଡିସିନ୍ ଫିଜିସିଆନ୍। ଏହା ସହିତ ସେ ଜଣେ ମେକାନିକାଲ୍ ଇଞ୍ଜିନିୟର ଓ ଆମେରିକାନ୍ ସ୍ପେସ୍ ଫୋର୍ସ ପଦରେ ସେ କାମ କରିସାରିଛନ୍ତି। ରିପୋର୍ଟ ଅନୁସାରେ ନାସାରେ ଅନ୍ତରୀକ୍ଷ ଯାତ୍ରୀ ହେବା ପୂର୍ବରୁ ସେ ଫ୍ଲାଇଟ୍ ସର୍ଜନ୍ ଭାବରେ ମଧ୍ୟ ନିଜର ଦାୟିତ୍ୱ ନିର୍ବାହ କରିସାରିଛନ୍ତି। ସ୍ପେସ୍‌ଏକ୍ସରେ ମଧ୍ୟ ଅନିଲ୍ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ତରୀକ୍ଷ ଉଡ଼ାଣରେ ମେଡିକାଲ୍ ସପୋର୍ଟ ସିଷ୍ଟମ୍ ପ୍ରସ୍ତୁତ କରିବାରେ ସେ ସାହାଯ୍ୟ କରିଥିଲେ। ପରେ ଅନିଲଙ୍କୁ ୨୦୨୧ରେ ଅନ୍ତରୀକ୍ଷ ଯାତ୍ରୀ ଭାବରେ ଚୟନ କରାଯାଇଥିଲା।

# ବାଇବେଲ୍‌ର ଐତିହାସିକ ସହର

ବେଥେସ୍‌ଦା ନାମକ ଐତିହାସିକ ସହର ବିଷୟରେ ବାଇବେଲ୍‌ରେ ବର୍ଣ୍ଣନା ରହିଛି। ଏହି ସହର ଥିଲା ଯୀଶୁ ମସୀହଙ୍କ ଚମତ୍କାରଗୁଡ଼ିକର ମହତ୍ତ୍ୱପୂର୍ଣ୍ଣ କେନ୍ଦ୍ରସ୍ଥଳ। ଏହି ଚମତ୍କାରଗୁଡ଼ିକ ମଧ୍ୟରେ ରହିଛି ଅନ୍ଧ ବ୍ୟକ୍ତିଙ୍କର ଦୃଷ୍ଟି ଶକ୍ତି ଫେରିପାଇବା, ପାଞ୍ଚ ହଜାର ଲୋକମାନଙ୍କୁ କିଛି ରୁଟି ଓ ମାଛ ଦେଇ ଭୋଜନ କରେଇବା, ପାଣି ଉପରେ ଚାଲିବା ପରି ଘଟଣା। ଏହି ସହର ପିଟର୍, ଆନ୍ଦ୍ରେୟାସ ଓ ଫିଲିପ୍‌ଙ୍କର ମଧ୍ୟ ଜନ୍ମସ୍ଥାନ ଥିଲା। ଗଲିଲ୍ ସାଗରର ଉତ୍ତର-ପୂର୍ବ ତଟରେ ସ୍ଥିତ ଏଲ୍-ରାଜ ସ୍ଥଳ ନିକଟରେ ହୋଇଥିବା ଖନନ କାର୍ଯ୍ୟ ଓ ଜଙ୍ଗଲୀ ନିଆଁ ପରେ ଉଜାଗର ହୋଇଥିବା ଅବଶେଷଗୁଡ଼ିକ ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କୁ ବିଶ୍ୱାସ ଦେଇଛି ଯେ ବାଇବେଲ୍‌ରେ ବର୍ଣ୍ଣିତ ପ୍ରାଚୀନ ସହର ବେଥେସ୍‌ଦାକୁ ଖୋଜି ବାହାର କରାଯାଇଛି। ଏହି ଖନନ କାର୍ଯ୍ୟରେ ପଞ୍ଚମ ଶତାବ୍ଦୀର ବାଇଜେଣ୍ଟାଇନ୍ ଚର୍ଚ୍ଚର ଅବଶେଷ ମଧ୍ୟ ମିଳିଛି। ଚର୍ଚ୍ଚରେ ମିଳିଥିବା ମୋଜେକ ଉପରେ ଗ୍ରୀକ୍ ଶିଳାଲେଖରେ ସେଣ୍ଟ ପିଟର୍‌ଙ୍କୁ ଚାବିର ମାଲିକ ଭାବରେ ସମ୍ମାନିତ କରାଯାଇଛି। ଚର୍ଚ୍ଚ ତଳେ ପ୍ରଥମ ଶତାବ୍ଦୀର ଅଟ୍ଟାଳିକା ଓ ଫିସିଂ ୱେଟ୍ସ ମିଳିଛି ଯାହା ଏହି କଥାକୁ ସ୍ପଷ୍ଟ କରୁଛି ଯେ ଏହା ଏକ ମାଛ ଧରାଳୀଙ୍କ ଗ୍ରାମ ଥିଲା। ୨୦୨୫ରେ ଲାଗିଥିବା ନିଆଁ ବନସ୍ପତିଗୁଡ଼ିକୁ ଜଳାଇ ଭୂମିରେ ଥିବା ରୋମାନ୍ କାଳର ଧ୍ୱଂସାବଶେଷକୁ ଉଜାଗର କରାଇ ଦେଇଛି। ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଅନୁସାରେ ଏହି ସଂରଚନା ଠିକ୍ ସେହି ସମୟର ଯେତେବେଳେ ଯୀଶୁଖ୍ରୀଷ୍ଟ ସକ୍ରିୟ ଥିଲେ। ତେବେ ଏହି ଅନ୍ୱେଷଣ ଈସାଇ ଧର୍ମାବଲମ୍ବୀଙ୍କ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ହୋଇଗଲାଣି ଯେଉଁଠିକୁ ତୀର୍ଥଯାତ୍ରୀମାନେ ଆସିବା ପାଇଁ ଯୋଜନା କରୁଛନ୍ତି।



## ଏଫ୍‌ଆଇଏଚ୍ ମହିଳା ନେସନ୍ସ କପ୍

# ଉରୁଗୁଏକୁ ହରାଇ ସେମିରେ ଭାରତ



**ଅକ୍‌ଲାଣ୍ଡ,୧୮।୬/ଏଜେନ୍ସି:** ଭାରତୀୟ ହକି ଟିମ୍ ଗୁରୁବାର ପୁଲ୍-ଏ’ରେ ଉରୁଗୁଏକୁ ୩-୨ ଗୋଲ୍‌ରେ ହରାଇ ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ମହିଳା ନେସନ୍ସ କପ୍‌ର ସେମିଫାଇନାଲ୍‌ରେ ପ୍ରବେଶ କରିଛି। ଦୀପିକାଙ୍କ ଦୁଇଟି ଏବଂ ଦୀପିକା ସୋରେଙ୍ଗଙ୍କ ଗୋଟିଏ ଗୋଲ୍ ବଳରେ ଭାରତ ଟୁର୍ଣ୍ଣାମେଣ୍ଟ୍‌ରେ ବିଜୟର ହ୍ୟାଟ୍ରିକ୍ ଲଗାଇଛି। ଏହା ପୂର୍ବରୁ ଟିମ୍ ୟୁଏସ୍‌ଏ ଏବଂ ଜାପାନକୁ ହରାଇଥିଲା। ୟୁଏସ୍‌ଏ ପୁଲ୍‌ର ଦ୍ୱିତୀୟ ସ୍ଥାନରେ ରହି ଭାରତ ସହ ସେମିଫାଇନାଲ୍ ଯୋଗ୍ୟତା ଅର୍ଜନ କରିଛି। ଭାରତ ଫାଇନାଲ୍ ସ୍ଥାନ ହାସଲ ପାଇଁ ଚିଲି ବନାମ କୋରିଆ ମ୍ୟାଚ୍‌ର ବିଜେତାକୁ ଜୁନ୍ ୨୦ ତାରିଖରେ ଭେଟିବ।

ଗୁରୁବାରର ମ୍ୟାଚ୍‌ରେ ଉରୁଗୁଏ ୧୩ତମ ମିନିଟ୍‌ରେ ଚିଆରା ଆପେନିନୋଙ୍କ ପେନାଲ୍ଟି ଗୋଲ୍ ବଳରେ ଆଗୁଆ ହୋଇଥିଲା। ତେବେ ହାଫ୍ ଟାଇମ୍ ପୂର୍ବରୁ ଡ୍ରାଗ୍-ଫ୍ଲିକର୍ ଦୀପିକା ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିବର୍ତ୍ତିତ କରି ୨୪ତମ ମିନିଟ୍‌ରେ ସ୍ଥିତି ୧-୧ କରିଥିଲେ। ୪୩ତମ ମିନିଟ୍‌ରେ ସୋରେଙ୍ଗ୍ ଏକ ଫିଲ୍ଡ ଗୋଲ୍ ଜରିଆରେ ଭାରତର ଅଗ୍ରଣୀକୁ ୨-୧ କରିଥିଲେ। ଉରୁଗୁଏ କ୍ୟାପ୍‌ଟେନ୍ ମାନୁଏଲା ଭିଲାର୍ ୫୫ତମ ମିନିଟ୍‌ରେ ସ୍କୋର୍ ବରାବର କରୁଥିଲେ। ମାତ୍ର ଗୋଟିଏ ମିନିଟ୍ ପରେ ଦୀପିକା ଆଉ ଏକ ପେନାଲ୍ଟି କର୍ଣ୍ଣରକୁ କନ୍‌ଭର୍ଟ କରି ଭାରତର ଲଗାତାର ତୃତୀୟ ବିଜୟ ନିଶ୍ଚିତ କରିଥିଲେ।

ଏହା ବ୍ୟତୀତ ଏହି ମ୍ୟାଚ୍ ଭାରତ ପାଇଁ ୨୦୦ତମ ମ୍ୟାଚ୍ ଖେଳିଥିବା ନେହାଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଛି।

# ହ୍ୟାରୀ କେନ୍‌ଙ୍କ ଡବଲ୍‌ରେ ଇଂଲଣ୍ଡ ବିଜୟୀ

**ଅର୍ଲିଂଟନ୍,୧୮।୬/ଏଜେନ୍ସି:** ଗ୍ରୁପ୍-ଏଲ୍‌ର ଏକ ମ୍ୟାଚ୍‌ରେ ଇଂଲଣ୍ଡ ୪-୨ ଗୋଲ୍‌ରେ କ୍ରୋଏସିଆକୁ ହରାଇ ଅଭିଯାନ ଆରମ୍ଭ କରିଛି। ଡଲାସ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ହ୍ୟାରୀ କେନ୍ ଦୁଇଟି ଗୋଲ୍ କରିଥିବା ବେଳେ ଜୁଡ୍ ବେଲିଙ୍ଗ୍‌ହାମ୍ ଏବଂ ମାର୍କସ୍ ରାଶଫୋର୍ଡ ବାକି ଦୁଇଟି ଗୋଲ୍ ଦେଇଥିଲେ। କ୍ରୋଏସିଆ ପକ୍ଷରୁ କେମାର୍ଟିନ୍ ବାତୁରିନା (୩୬ତମ ମିନିଟ୍) ଏବଂ ପେଟାର ମୁସା (୪୫+୫ତମ ମିନିଟ୍) ଗୋଲ୍ କରିଥିଲେ।

ଇଂଲଣ୍ଡ କ୍ୟାପ୍‌ଟେନ୍ ହ୍ୟାରୀ କେନ୍ ମ୍ୟାଚ୍‌ର ୧୨ଶ ମିନିଟ୍‌ରେ ପେନାଲ୍ଟିରୁ ଏବଂ ୪୨ତମ ମିନିଟ୍‌ରେ ହେଡର୍ ଜରିଆରେ ଗୋଲ୍ ଦୁଇଟି କରିଥିଲେ। ଏହି ଦୁଇ ଗୋଲ୍ ସହିତ ସେ ବିଶ୍ୱକପ୍‌ର ତିନି ଅଲଗା ଅଲଗା ସଂସ୍କରଣ (୨୦୧୮, ୨୦୨୨ ଏବଂ ୨୦୨୬)ରେ ଗୋଲ୍ କରିବାରେ ଇଂଲଣ୍ଡର ଦ୍ୱିତୀୟ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ମହାନ୍ ଡେଭିଡ୍ ବେକ୍‌ହାମ୍ ଏହି ଉପଲବ୍ଧି ହାସଲ କରିଥିଲେ।

**କ୍ରୋଏସିଆକୁ ୪-୨ ଗୋଲ୍‌ରେ ମାତ୍‌ଦେଲା**

ସେ ୧୯୯୮, ୨୦୦୨ ଏବଂ ୨୦୦୬ ବିଶ୍ୱକପ୍‌ରେ ଗୋଲ୍ ଦେଇଥିଲେ। ସେହିପରି କେନ୍ ଆଉ ଏକ ବଡ଼ ଉପଲବ୍ଧି ସହିତ ବିଶ୍ୱକପ୍‌ରେ ନିଜ ଗୋଲ୍ ସଂଖ୍ୟା ୧୦ କରିଛନ୍ତି। ଏହା ସହିତ ସେ ଗ୍ୟାରୀ ଲିନେକର୍‌ଙ୍କ ଇଂଲଣ୍ଡ ପାଇଁ ସର୍ବାଧିକ ୧୦ ବିଶ୍ୱକପ୍ ଗୋଲ୍‌ର ସମକକ୍ଷ ହୋଇଛନ୍ତି। ଏତିକି ନୁହେଁ ବିଶ୍ୱକପ୍ ଇତିହାସରେ ସର୍ବାଧିକ ପେନାଲ୍ଟି ଗୋଲ୍ (ପେନାଲ୍ଟି ଶୁଟ୍‌ଆଉଟ୍ ବ୍ୟତୀତ) ରେକର୍ଡ ମଧ୍ୟ ତାଙ୍କ ନାମରେ ହୋଇଛି। ତାଙ୍କ ଖାତାରେ ଏବେ ପାଞ୍ଚ ପେନାଲ୍ଟି ଗୋଲ୍ ହୋଇସାରିଛି।



ସେହିପରି ଇଂଲଣ୍ଡର ଇଭାନ୍ ପେରିସିଚ୍ ମଧ୍ୟ ଏହି ମ୍ୟାଚ୍‌ରେ ଏକ ଉପଲବ୍ଧି ହାସଲ କରିଛନ୍ତି। ବିଶ୍ୱକପ୍‌ର ଚାରି ଅଲଗା ଅଲଗା ସଂସ୍କରଣରେ ଆସିଷ୍ଟ କରିବାରେ ଇତିହାସର ଦ୍ୱିତୀୟ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଏହି କାରନାମା କେବଳ ଲିଓନେସ୍ ମେସି କରିପାରିଥିଲେ।

## ଆସନ୍ତାବର୍ଷ ସପ୍ତାହକ ପୂର୍ବରୁ ଆଇପିଏଲ୍

### ଗରମ ଓ ପ୍ରାକ୍-ମୌସୁମୀ ବର୍ଷା କାରଣ, ବଢ଼ିବନି ମ୍ୟାଚ୍ ସଂଖ୍ୟା

**ମୁମ୍ବାଇ,୧୮।୬/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ର ଆଗାମୀ ସଂସ୍କରଣ ଗୋଟିଏ ସପ୍ତାହ ପୂର୍ବରୁ ଆରମ୍ଭ ହେବ। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଏହା କହିଛନ୍ତି। ଗୁରୁବାର ନ୍ୟୁଜ୍ ଏଜେନ୍ସି ପିଟିଆଇକୁ ସାଇକିଆ କହିଛନ୍ତି, ବୃଦ୍ଧି ପାଉଥିବା ଗରମ ଏବଂ ପ୍ରାକ୍-ମୌସୁମୀ ବର୍ଷା କାରଣରୁ ଆଇପିଏଲ୍ ଶୀଘ୍ର ଆରମ୍ଭ ହେବ। ଏହା ମାର୍ଚ୍ଚ ୧୦ ଏବଂ ମେ’ ୧୫ ମଧ୍ୟରେ ହୋଇପାରେ। ମେ’ ଶେଷ ଭାଗରେ ଅଧିକ ଗରମ ଏବଂ ବର୍ଷାର ଆଶଙ୍କା ଥିବାରୁ ଖେଳାଳି ଏବଂ ଦର୍ଶକଙ୍କୁ ଅସୁବିଧା ହେଉଛି। ବିସିସିଆଇ ଏବଂ ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍‌ସିଲ୍ ଏହାକୁ ନେଇ ଆଲୋଚନା କରୁଛନ୍ତି। ଗେମ୍ସ ଡେଭେଲପ୍‌ମେଣ୍ଟ୍ ମହାପ୍ରବନ୍ଧକ ଏବି କୁରୁଭିଲାଙ୍କୁ ମଧ୍ୟ ସମ୍ଭାବ୍ୟ ୱିଣ୍ଡୋ ସନ୍ଧାନ କରିବାକୁ ବୋର୍ଡ ନିର୍ଦ୍ଦେଶ ଦେଇଥିବା ସାଇକିଆ କହିଛନ୍ତି। ଆଇପିଏଲ୍ ମାର୍ଚ୍ଚରୁ ଆରମ୍ଭ କରିବା ନିମନ୍ତେ ଘରୋଇ କ୍ରିକେଟ୍ କ୍ୟାଲେଣ୍ଡର୍‌ରେ ମଧ୍ୟ କେତେକ ପରିବର୍ତ୍ତନ କରାଯାଇପାରେ ବୋଲି ସେ ସୂଚନା ଦେଇଛନ୍ତି। ଘରୋଇ କ୍ରିକେଟ୍ ସିଜନ୍ ମାର୍ଚ୍ଚ ୧୦ ମଧ୍ୟରେ ସମାପ୍ତ କରିବାକୁ ବୋର୍ଡ ଉଦ୍ୟମ ଚଳାଇଛି। ଫଳରେ ଏହାର ତୁରନ୍ତ ପରେ ଆଇପିଏଲ୍ ଆୟୋଜନ ଆରମ୍ଭ କରାଯାଇପାରିବ।

ସାଇକିଆ ଏହି ଅବସରରେ କହିଛନ୍ତି, ବ୍ୟସ୍ତ ଅନ୍ତର୍ଜାତୀୟ କ୍ୟାଲେଣ୍ଡର୍ କାରଣରୁ ଲିଗ୍‌ରେ ମ୍ୟାଚ୍ ସଂଖ୍ୟା ବୃଦ୍ଧି ପାଇବ ନାହିଁ। ପୂର୍ବରୁ ଲିଗ୍‌ର ମ୍ୟାଚ୍ ସଂଖ୍ୟା ୭୪ରୁ ବଢ଼ାଇ ୯୪ କରିବାର ପ୍ରସ୍ତୁତି ଚାଲିଥିଲା।

## ଉଜ୍‌ବେକିସ୍ତାନକୁ ୩-୧ରେ ହରାଇଲା କଲମ୍ବିଆ



ଗ୍ରୁପ୍‌ର ଅନ୍ତିମ ପ୍ରଥମ ପର୍ଯ୍ୟାୟ ମ୍ୟାଚ୍‌ରେ କଲମ୍ବିଆ ୩-୧ ଗୋଲ୍‌ରେ ଉଜ୍‌ବେକିସ୍ତାନକୁ ହରାଇ ଚମତ୍କାର ଆରମ୍ଭ କରିଛି। ଏହା ସହିତ କଲମ୍ବିଆ ୩ ପଏଣ୍ଟ୍ ଏବଂ +୨ ଗୋଲ୍ ଅନ୍ତର ଦମ୍‌ରେ ଗ୍ରୁପ୍ ଶୀର୍ଷରେ ପହଞ୍ଚିଛି। କଲମ୍ବିଆ ପକ୍ଷରୁ ଡାନିଏଲ୍ ମୁନୋଜ (୪ତମ), ଲୁଇସ ଡିଆଜ୍ (୬୫ତମ) ଏବଂ ଜାମିଷ୍ଟୋନ୍ କାମ୍ପାଜ୍ (୯୦+୯ତମ ମିନିଟ୍) ଗୋଲ୍ ତିନିଟି ସ୍କୋର୍ କରିଥିଲେ। ଉଜ୍‌ବେକିସ୍ତାନ ପକ୍ଷରୁ ଏକମାତ୍ର ଗୋଲ୍‌ଟି ଆବୋସ୍‌ବେକ୍ ଫଇଜୁଲ୍ଲାଏଭ୍ ୬୦ତମ ମିନିଟ୍‌ରେ ଦେଇଥିଲେ।

## ପର୍ତ୍ତୁଗାଲ୍‌କୁ ରୋକିଲା କଙ୍ଗୋ ଗଣରାଜ୍ୟ

### ବିଶ୍ୱକପ୍‌ରେ ପ୍ରଥମ ଗୋଲ୍ ମଧ୍ୟ ଦେଲା

**ହ୍ୟୁଷ୍ଟନ୍,୧୮।୬/ଏଜେନ୍ସି:** ଫୁଟ୍‌ବଲ୍ ବିଶ୍ୱକପ୍ ୨୦୨୬ରେ ଛୋଟ ଟିମ୍‌ଗୁଡ଼ିକର କମାଲ ଜାରି ରହିଛି। ବୁଧବାର ୪୩ତମ ର୍‍ୟାଙ୍କ୍‌ର କଙ୍ଗୋ ଗଣରାଜ୍ୟ ଷ୍ଟାର୍ ଫୁଟ୍‌ବଲର୍ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ପର୍ତ୍ତୁଗାଲ୍‌କୁ ୧-୧ ଡ୍ର’ରେ ରୋକିଛି। ୫୨ ବର୍ଷ ପରେ ବିଶ୍ୱକପ୍‌ରେ ପ୍ରତ୍ୟାବର୍ତ୍ତନ କରିଥିବା କଙ୍ଗୋ ଗଣରାଜ୍ୟ ଟୁର୍ଣ୍ଣାମେଣ୍ଟ୍‌ରେ ନିଜର ପ୍ରଥମ ଗୋଲ୍ ମଧ୍ୟ ସ୍କୋର୍ କରିଛି। ରୋନାଲ୍ଡୋ ମ୍ୟାଚ୍‌ରେ ଗୋଟିଏ ବି ଗୋଲ୍ କରିପାରି ନାହାନ୍ତି।



ସ୍ଥାନୀୟ ଏନ୍‌ଆର୍‌ଜି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଗ୍ରୁପ୍-କେ’ ମ୍ୟାଚ୍‌ରେ ପର୍ତ୍ତୁଗାଲ୍ ୬ଷ୍ଠ ମିନିଟ୍‌ରେ ଜୋଆଓ ନେଭେସ୍‌ଙ୍କ ଗୋଲ୍ ବଳରେ ଚମତ୍କାର ଆରମ୍ଭ କରିଥିଲା। କିନ୍ତୁ ଏହା ମ୍ୟାଚ୍‌ରେ ଟିମ୍‌ର ଅନ୍ତିମ ଗୋଲ୍ ସାବ୍ୟସ୍ତ ହୋଇଥିଲା। ପ୍ରଥମାର୍ଦ୍ଧ ଇଞ୍ଜୁରୀ ଟାଇମ୍‌ର ୫ମ ମିନିଟ୍‌ରେ ୟୋଆନ୍ ୱିସା ହେଡ୍ ଜରିଆରେ ସ୍କୋର୍ ୧-୧ କରିଥିଲେ। ଏହି ଡ୍ର’ ପରେ ପର୍ତ୍ତୁଗାଲ୍ ପଏଣ୍ଟ୍ ଟେବଲ୍ ଦ୍ୱିତୀୟରେ ରହିଛି। ଟୁର୍ଣ୍ଣାମେଣ୍ଟ୍‌ରେ ବଜାୟ ରହିବାକୁ ହେଲେ ପର୍ତ୍ତୁଗାଲ୍‌କୁ ଗ୍ରୁପ୍ ପର୍ଯ୍ୟାୟର ଆଗାମୀ ମ୍ୟାଚ୍ ଜିତିବାକୁ ହେବ। ଟିମ୍ ଜୁନ୍ ୨୩ରେ ଉଜ୍‌ବେକିସ୍ତାନ ଏବଂ ଜୁନ୍ ୨୮ରେ କଲମ୍ବିଆ ବିପକ୍ଷରେ ଖେଳିବ। ପର୍ତ୍ତୁଗାଲ୍ ବିପକ୍ଷ ଗୋଲ୍ କଙ୍ଗୋ ଗଣରାଜ୍ୟର ଇତିହାସରେ ପ୍ରଥମ ବିଶ୍ୱକପ୍ ଗୋଲ୍ ଥିଲା। ଏହା ପୂର୍ବରୁ ଟିମ୍ ୧୯୭୪ରେ ଜାୟର୍ ନାମରେ ବିଶ୍ୱକପ୍ ଖେଳିଥିଲା। ମାତ୍ର ସେତେବେଳେ କୌଣସି ଗୋଲ୍ କରିପାରି ନଥିଲା।

## ବିଜୟରୁ ଘାନାର ଆରମ୍ଭ



ଗ୍ରୁପ୍-ଏଲ୍’ର ଦ୍ୱିତୀୟ ମ୍ୟାଚ୍‌ରେ ଆଜି ଘାନା ୧-୦ ଗୋଲ୍‌ରେ ପାନାମାକୁ ହରାଇ ଅଭିଯାନ ଆରମ୍ଭ କରିଛି। ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା। ତେବେ ଅନ୍ତିମ ମୁହୂର୍ତ୍ତରେ (୯୦+୫ତମ ମିନିଟ୍) କାବେଲ୍ ୟିରେଙ୍କିଇଙ୍କ ଗୋଲ୍ ବଳରେ ଘାନା ବିଜୟ ଖାତା ଖୋଲିଥିଲା। ଏହି ବିଜୟରୁ ଘାନା ଗୁରୁତ୍ୱପୂର୍ଣ୍ଣ ୩ ପଏଣ୍ଟ୍ ହାସଲ କରି ଗ୍ରୁପ୍-ଏଲ୍’ରେ ଇଂଲଣ୍ଡ ସହିତ ଶୀର୍ଷସ୍ଥାନ ଦୌଡ଼ରେ ସାମିଲ ହୋଇଛି। ଅନ୍ୟପକ୍ଷରେ ପ୍ରଥମ ମ୍ୟାଚ୍‌ରେ ପରାଜିତ ହୋଇଥିବା ପାନାମା ପାଇଁ ପରବର୍ତ୍ତୀ ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

**ଦେଶ ବିଦେଶ**

### ରୁଷ୍ ଉପରେ ୟୁକ୍ରେନ୍‌ର ସର୍ବବୃହତ୍ ଡ୍ରୋନ୍ ଆକ୍ରମଣ

# ପୁଣି ଯୁଦ୍ଧ ନିଆଁରେ ଜଳିବେ ୟୁକ୍ରେନ୍ ଓ ରୁଷ୍ !

**ମସ୍କୋ, କିଭ୍, ୧୮।୬/ଏଜେନ୍ସି:** ୟୁକ୍ରେନ୍, ରୁଷ୍ ଉପରେ ଏଯାବତ ସବୁଠାରୁ ବଡ଼ ଡ୍ରୋନ୍ ଆକ୍ରମଣ କରିଛି। ରୁଷ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ୟୁକ୍ରେନ୍ ପକ୍ଷରୁ ବୁଧବାର ବିଳମ୍ବିତ ରାତିରୁ ଗୁରୁବାର ଭୋର୍ ପର୍ଯ୍ୟନ୍ତ ପ୍ରାୟ ୧,୦୦୦ ଡ୍ରୋନ୍ ଏବଂ କ୍ରୁଜ୍ ମିସାଇଲ୍ ମାଡ଼ କରାଯାଇଛି। ତେବେ ରୁଷ୍ ନିଜ ପ୍ରତିରକ୍ଷା ପ୍ରଣାଳୀ ବ୍ୟବହାର ପୂର୍ବକ ୟୁକ୍ରେନ୍‌ର ଅଗଣିତ ଡ୍ରୋନ୍ ଏବଂ ୪ଟି କ୍ରୁଜ୍ ମିସାଇଲକୁ ଖସାଇବାରେ ସଫଳ ହୋଇଛି। ଏଥିମଧ୍ୟରୁ ପ୍ରାୟ ୨୦୦ ଡ୍ରୋନ୍ ରାଜଧାନୀ ମସ୍କୋ ଆଡ଼କୁ ଅଗ୍ରସର ହେଉଥିଲା।



**୧୦୦୦ରୁ ଅଧିକ ଡ୍ରୋନ୍, କ୍ରୁଜ୍ ମିସାଇଲ୍ ମାଡ଼ କଲା କିଭ୍**

**ରୁଷ୍‌ର ଏକ ଅଏଲ୍ ଡିପୋ ଓ ଅଏଲ୍ ରିଫାଇନାରୀ କ୍ଷତିଗ୍ରସ୍ତ**

ବିବିସି ରିପୋର୍ଟ ଅନୁଯାୟୀ, ଏହି ଆକ୍ରମଣରେ ରୁଷ୍‌ର ଦକ୍ଷିଣ ରୋଷ୍ଟୋଭ ଅଞ୍ଚଳର ଏକ ଅଏଲ୍ ଡିପୋ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏଠାରେ ଉପସ୍ଥିତ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ମଧ୍ୟ ହୋଇଛି। ମସ୍କୋର କପୋତନ୍ୟା ଅଏଲ୍ ରିଫାଇନାରୀ ଉପରେ ମଧ୍ୟ ଆକ୍ରମଣ ହୋଇଛି। ବିସ୍ଫୋରଣ ପରେ ଅଏଲ୍ ଡିପୋ ଟ୍ୟାଙ୍କର ଢାଙ୍କୁଣି କେତେ ମିଟର ଉପରକୁ ଉଠି ଯାଇଥିଲା ଏବଂ ଆକାଶରେ କଳା ଧୂଆଁର ଗୁଳ୍ମ ଖେଳିଯାଇଥିଲା। ସେହିପରି ଏହି ଅଞ୍ଚଳରେ ଥିବା ଏକ ସପିଂ ସେଣ୍ଟରରେ ମଧ୍ୟ ନିଆଁ ଲାଗିଯାଇଛି। ଡ୍ରୋନ୍‌ର ଭଗ୍ନାବଶେଷ ପଡ଼ିବାରୁ କିଛି ବାସଗୃହ ଏବଂ ବ୍ୟବସାୟିକ କୋଠା କ୍ଷତିଗ୍ରସ୍ତ ହୋଇଛି। ତେବେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅନେକ ଉଚ୍ଚ କୋଠାକୁ ଖାଲି କରାଯାଇଛି। ଆକ୍ରମଣ ପରେ ମସ୍କୋର ବିମାନବନ୍ଦରରେ କିଛି ସମୟ ପାଇଁ ବିମାନ ଉଡ଼ାଣ ବନ୍ଦ କରାଯାଇଥିଲା। ଅନ୍ୟପକ୍ଷେ ଏହି ଆକ୍ରମଣ ପରେ ପରେ ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି, ‘ଆମେ ଏହି ଯୁଦ୍ଧ ଚାହୁଁନଥିଲୁ, କିନ୍ତୁ ଯଦି ୟୁକ୍ରେନ ଜଳିବ, ତେବେ ମସ୍କୋ ମଧ୍ୟ ଜଳିବ।’ ଜେଲେନସ୍କିଙ୍କ କହିବାନୁସାରେ ତାଙ୍କ ସେନା ଗତ ସପ୍ତାହରେ କିଭ୍ ଉପରେ ରୁଷ୍ କରିଥିବା ଆକ୍ରମଣର ଜବାବ ଦେଇଛନ୍ତି। ସେ କହିଛନ୍ତି ଯେ, ୟୁକ୍ରେନ ସେନା ସେହିସବୁ ଆଡ୍ଡା (ଠିକଣା) ଗୁଡ଼ିକୁ ଟାର୍ଗେଟ୍ କରିଛି, ଯାହା ଋଷର ଯୁଦ୍ଧ ଅଭିଯାନକୁ ସାହାଯ୍ୟ କରୁଛି। ବର୍ତ୍ତମାନ ସମୟ ଆସିଯାଇଛି ରୁଷ୍ ଯୁଦ୍ଧ ଶେଷ କରିବା ପାଇଁ କୂଟନୈତିକ ରାସ୍ତା ଆପଣାଉ। ଅନ୍ୟପକ୍ଷେ ରୁଷ୍ ଉପରେ ୟୁକ୍ରେନ୍‌ର ଏପ୍ରକାର ଆକ୍ରମଣ ସମୟରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍, କଜାନ ଠାରେ ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡ଼ିକର ନେତାମାନଙ୍କ ସହ ଶିଖର ସମ୍ମିଳନୀରେ ଉପସ୍ଥିତ ଥିଲେ। ସେ ୟୁକ୍ରେନର ଏହି ଆକ୍ରମଣ ଉପରେ ଏପର୍ଯ୍ୟନ୍ତ କୌଣସି ସାର୍ବଜନୀନ ପ୍ରତିକ୍ରିୟା ଦେଇନାହାନ୍ତି। କିନ୍ତୁ ୟୁକ୍ରେନ୍‌ର ଏହି ଆକ୍ରମଣ ପୁଣିଥରେ ରୁଷ-ୟୁକ୍ରେନ୍ ଯୁଦ୍ଧରୂପୀ ନିଆଁରେ ଘିଅ ଢ଼ାଳିବା ସଦୃଶ ହୋଇଛି ବୋଲି ଆଶଙ୍କା କରାଯାଉଛି।

# ଭାରତ ଆସୁଛି ୪୦ ଜାହାଜ

### ଅଧିକାଂଶ ଜାହାଜ ଏଲ୍‌ପିଜି ବୋଝେଇ ହୋଇଥିବା ସୂଚନା

**ତେହରାନ/ନୂଆଦିଲ୍ଲୀ,୧୮।୬/ଏଜେନ୍ସି:** ଆମେରିକା ଓ ଇରାନ୍ ମଧ୍ୟରେ ଏବେ ଯେତେବେଳେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଛି ସେତେବେଳେ ଭାରତ ପାଇଁ ମଧ୍ୟ ଏକ ବଡ଼ ତଥା ଆଶ୍ୱସ୍ତିଜନକ ଖବର ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ ଇରାନ୍ ଅଧିକାରରେ ଥିବା ହର୍ମୁଜ୍ ପ୍ରଣାଳୀ ଦେଇ ଏବେ ୪୦ଟି ବାଣିଜ୍ୟିକ ଟ୍ୟାଙ୍କର (ଜାହାଜ) ଭାରତ ଅଭିମୁଖେ ଆସୁଛନ୍ତି। ଏସବୁ ଟ୍ୟାଙ୍କର ମଧ୍ୟରେ ଅଧିକାଂଶ ଜାହାଜ ଏଲ୍‌ପିଜି ରନ୍ଧନ ଗ୍ୟାସ) ବୋଝେଇ ଥିବା ବେଳେ କିଛି ଜାହାଜରେ କ୍ରୁଡ୍ (ଅଶୋଧିତ) ତୈଳ ଆସୁଛି।

ବାସ୍ତବରେ ଆମେରିକା ସହ ଶାନ୍ତି ଚୁକ୍ତି ଚୂଡାନ୍ତ ହେବା ମଧ୍ୟରେ ହିଁ ଇରାନ୍ ଜରୁରିକାଳୀନ ପ୍ରଭାବ ଅନ୍ତର୍ଗତ ହର୍ମୁଜ୍ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଉନ୍ମୁକ୍ତ କରିଦେଇଛି। ଏହିକ୍ରମେ ଏବେ ହର୍ମୁଜ୍‌ରେ ଫସିରହିଥିବା ଏଲ୍‌ପିଜି ତଥା ତୈଳ ଜାହାଜଗୁଡ଼ିକ ନିଜ ଗନ୍ତବ୍ୟ ପଥରେ ବାହାରିଛନ୍ତି। ତେବେ ଭାରତ ଅଭିମୁଖେ ଏତେ ପରିମାଣର ଏଲ୍‌ପିଜି ଜାହାଜ ଆସିବା ନିଶ୍ଚିତ ରୂପେ କୋଟି କୋଟି ଭାରତୀୟଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛି। ଆଗାମୀ ଦିନରେ ତୈଳ ଜାହାଜଗୁଡ଼ିକ ମଧ୍ୟ ଭାରତ ଆସିବା ପ୍ରକ୍ରିୟା ଆରମ୍ଭ ହେବ ବୋଲି ଆଶା ସଞ୍ଚାର ହୋଇଛି। ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଏବଂ ଉତ୍ତେଜନା ଯୋଗୁଁ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ‘ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍’ ଦେଇ ଜାହାଜ ଚଳାଚଳ ଗମ୍ଭୀର ଭାବେ ପ୍ରଭାବିତ ହୋଇଥିଲା। ଏହି କାରଣରୁ ମଧ୍ୟପ୍ରାଚ୍ୟରୁ ଆସୁଥିବା ଗ୍ୟାସ୍ କାର୍ଗୋ ଗୁଡ଼ିକ ଅଧା ବାଟରେ ଅଟକି ରହିଥିଲା। ଶକ୍ତି ବିଶ୍ଳେଷକମାନଙ୍କ ଅନୁଯାୟୀ, ଏହି ସଙ୍କଟ ଯୋଗୁଁ ଭାରତର ଏଲ୍‌ପିଜି ଆମଦାନୀ ପୂର୍ବ ସ୍ତର ତୁଳନାରେ ପ୍ରାୟ ୫୧%କୁ ହ୍ରାସ ପାଇଥିଲା।

### ରାଜ୍ୟସଭା ନିର୍ବାଚନ: ଝାଡ଼ଖଣ୍ଡରେ କ୍ରସ୍ ଭୋଟିଂ ଅଭିଯୋଗ

# ଜେଏମ୍‌ଏମ୍ ଓ ଏନ୍‌ଡିଏ ପ୍ରାର୍ଥୀ ବିଜୟୀ

**ରାଞ୍ଚି, ୧୮।୬/ଏଜେନ୍ସି:** ରାଜ୍ୟସଭା ନିର୍ବାଚନ ଅନ୍ତର୍ଗତ ଝାଡ଼ଖଣ୍ଡରେ କ୍ରସ ଭୋଟିଂ ହୋଇଥିବା ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷେ କ୍ରସ୍‌ଭୋଟିଂ ଯୋଗୁ କଂଗ୍ରେସ ପ୍ରାର୍ଥୀ ପରାଜିତ ହୋଇଛନ୍ତି। ରିପୋର୍ଟ ଅନୁସାରେ ରାଜ୍ୟର ୨ଟି ରାଜ୍ୟସଭା ଆସନ ପାଇଁ ୩ ଜଣ ପ୍ରାର୍ଥୀ ମୈଦାନରେ ଥିଲେ। ତେବେ ଗୋଟିଏ ଆସନରେ ଏନ୍‌ଡିଏ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ତଥା ଶିଳ୍ପପତି ପରିମଲ୍ ନାଥୱାନୀ ଏବଂ ଦ୍ୱିତୀୟ ଆସନରେ ହେମନ୍ତ ସୋରେନ୍‌ଙ୍କ ଦଳ ଜେଏମ୍‌ଏମ୍ (ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା) ଜିତିଛି। ଏହି ଆସନରେ ଜେଏମ୍‌ଏମ୍ ବୈଦ୍ୟନାଥ ରାମ୍‌ଙ୍କୁ ପ୍ରାର୍ଥୀ କରିଥିଲା। ତେବେ ଏହି ଆସନରେ କଂଗ୍ରେସ ପ୍ରାର୍ଥୀ ଜିତିବା ସମ୍ଭାବନା ଅଧିକ ଥିଲା। କେବଳ କ୍ରସ୍ ଭୋଟିଂ ଯୋଗୁ ଏହି ଆସନରେ ପରିମଲ୍ ବିଜୟୀ ହୋଇପାରିଛନ୍ତି। ଏଠାରେ କଂଗ୍ରେସର ୩ଟି ଭୋଟ୍ ଅବୈଧସାବ୍ୟସ୍ତ ହୋଇଥିଲା। କଂଗ୍ରେସ ଏଥିପାଇଁ ଆର୍‌ଜେଡି ଏବଂ ବାମପନ୍ଥୀ ଦଳ ଉପରେ ସହଯୋଗ ନକରିବାର ଅଭିଯୋଗ ଆଣିଛି। ଅନ୍ୟପକ୍ଷରେ, ମିଜୋରାମର ଏକମାତ୍ର ଆସନରେ ଜୋରାମ ପିପୁଲ୍ସ ମୁଭମେଣ୍ଟ (ଜେଡ୍‌ପିଏମ୍) ପ୍ରାର୍ଥୀ କେ. ଲଲ୍ ତଲୁଆଙ୍ଗ୍ କିମା ବିଜୟୀ ହୋଇଛନ୍ତି। ୧୨ଟି ରାଜ୍ୟର ୨୬ଟି ରାଜ୍ୟସଭା ଆସନ ପାଇଁ ଗୁରୁବାର ଦିନ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ଏଥିମଧ୍ୟରୁ ୧୯ଟି ଆସନ ଏନ୍‌ଡିଏକୁ, ୬ଟି ଆସନ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ୍‌କୁ ଏବଂ ଗୋଟିଏ ଆସନ ମିଜୋରାମର ଜୋରାମ ପିପୁଲ୍ସ ମୁଭ୍‌ମେଣ୍ଟ (ଜେଡ୍‌ପିଏମ୍)କୁ ମିଳିଛି। ଏହି ନିର୍ବାଚନରେ ଏନ୍‌ଡିଏ ଏବଂ ଇଣ୍ଡିଆ ବ୍ଲକ୍ ଉଭୟଙ୍କୁ ଗୋଟିଏ ଲେଖାଏଁ ଆସନର ଫାଇଦା ହୋଇଛି।

**୧୨ ରାଜ୍ୟର ୨୬ ଆସନ ମଧ୍ୟରୁ ଏନ୍‌ଡିଏକୁ ୧୯**




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra